

ପୃଷ୍ଠା 9 ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-112 SATURDAY 18 OCTOBER 2025 PAGE-16 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୧୧୨ ଶନିବାର ୧୮ ଅକ୍ଟୋବର ୨୦୨୫ ପୃଷ୍ଠା-୧୬ ଟ.୬.୦୦







## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଧନ୍ୱନ୍ତରୀ ଜୟନ୍ତୀ



ଦୀପାବଳି ହେଉଛି ଏକ ପାଞ୍ଚ ଦିନିଆ ପର୍ବ, ଯାହା ଧନତେରସ୍ ଦିନରୁ ଆରମ୍ଭ ହୋଇଥାଏ। କାର୍ତ୍ତିକ ମାସର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଧନତେରସ୍ ପର୍ବ ପାଳନ କରାଯାଏ। ଧନତେରସ୍‌କୁ ଧନ ତ୍ରୟୋଦଶୀ ମଧ୍ୟ କୁହାଯାଏ। ଏହିଦିନ ମାତା ଲକ୍ଷ୍ମୀ ଓ ଭଗବାନ ଗଣେଶଙ୍କୁ ପୂଜା କରିବା ସହ ଦେବବୈଦ୍ୟ ଶ୍ରୀଧନ୍ୱନ୍ତରୀଙ୍କର ପୂଜା କରିବା ବିଧି ମଧ୍ୟ ଚଳିଆସୁଛି। ଶାସ୍ତ୍ର ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ। ଧନ୍ୱନ୍ତରୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ। ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା। ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା। ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ। ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ୍ ପାଳିତ ହେଲା। ତେଣୁ ଧନତେରସ୍ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ। ଏହି ଦିନ ଘରକୁ ପରିଷ୍କାର କରିବା ସହ କିଛି ନୂଆ ଜିନିଷ କିଣାଯାଏ। ଗୃହର ମୁଖ୍ୟ ଦ୍ୱାରକୁ ସୁସଜ୍ଜିତ କରି ମାତା ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ। ଏଥି ସହିତ ବିଶ୍ୱାସ ଅନୁଯାୟୀ, ଏହି ଦିନରେ ସୁନା ଅଳଙ୍କାର କିଣିଲେ ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କରିଥାନ୍ତି। ଏହି ଦିନ ଲୋକମାନେ ସୁନା ଗହଣା ସହିତ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଥିବା ରୁପା ଏବଂ ସୁନା କଏନ୍ କିଣିଥାନ୍ତି। ପିତ୍ତଳ ଭଗବାନ ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ବୋଲି ବିବେଚନା କରାଯାଏ। ଏହି କାରଣରୁ ଅଧିକାଂଶ ଲୋକେ ଧନତେରସ୍ ଦିନ ପିତ୍ତଳ ବାସନ କିଣି ଥାଆନ୍ତି। କେବଳ ପିତ୍ତଳ ନୁହେଁ ଏହି ଦିନ ବିଭିନ୍ନ ଧାତୁରେ ତିଆରି ବାସନ କିଣିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ୨ଲକ୍ଷର ସାବୁନ

ସାଧାରଣତଃ ଲୋକେ ଗାଧୋଇବା ସମୟରେ ଶରୀରକୁ ସଫା କରିବା ପାଇଁ ସାବୁନ ଲଗାଇଥାନ୍ତି। ବଜାରରେ ମଧ୍ୟ ବିଭିନ୍ନ ବ୍ରାଣ୍ଡର ସାବୁନ ମିଳିଥାଏ। ସାବୁନଗୁଡ଼ିକର ଦାମ୍ ୧୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ଅବଶ୍ୟ ନାମୀ ଦାମୀ ବ୍ରାଣ୍ଡର ସାବୁନଗୁଡ଼ିକ ଟିକେ ଅଧିକ ଦାମ୍‌ର ହୋଇଥାଏ। ହେଲେ ଏମିତି ଏକ ସାବୁନ ଅଛି ଯାହା ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ। ଉତ୍ତର ଲେବାନନ୍‌ର ତ୍ରିପୋଲୀ ସହରରେ ବିଶ୍ୱର ସବୁଠୁ ଦାମୀ ସାବୁନ ପ୍ରସ୍ତୁତ କରାଯାଏ। ଏହାର ଦାମ୍ ୨, ୦୭, ୮୦୦ ଟଙ୍କା। 'ଖାନ୍ ଅଲ ସବୌନ ସାବୁନ' ନାମରେ ପରିଚିତ ଏହି ସାବୁନକୁ 'ବସର ହସନ୍ ଆଣ୍ଡ ସନ୍‌ସ' କମ୍ପାନି ନିର୍ମାଣ କରୁଛି। ଏହି କମ୍ପାନି ବେଶ୍ ଦାମୀ ସାବୁନ୍ ଓ ଅନ୍ୟ ବ୍ୟୁଟି ପ୍ରଡକ୍ଟ ସବୁ ତିଆରି କରିଥାଏ। ଉକ୍ତ କମ୍ପାନି ତାର ଉତ୍ପାଦଗୁଡ଼ିକରେ ପ୍ରାକୃତିକ ତୈଳ ଓ ସୁଗନ୍ଧଗୁଡ଼ିକର ବ୍ୟବହାର କରିଥାଏ। ହାତରେ ପ୍ରସ୍ତୁତ କରାଯାଉଥିବା ଏହି ସାବୁନ୍ ସଂଯୁକ୍ତ ଆରବ ରାଷ୍ଟ୍ରର କ୍ୱଚିତ୍ ଦୋକାନରେ ମିଳିଥାଏ। ଏହା କିଛି ନିର୍ଦ୍ଦିଷ୍ଟ ନାମୀ ଦାମୀ ଗ୍ରାହକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ୨୦୧୩ ମସିହାରେ ଏହାକୁ କତାରର ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ଉପହାରରେ ଦିଆଯିବା ପରେ ଏହା ସାରା ବିଶ୍ୱର ଆକର୍ଷଣ ସାଜିଥିଲା। ତେବେ ଏହି ସାବୁନ ଏତେ ଦାମ୍ ହେବାର କାରଣ ହେଉଛି, ଏଥିରେ ସୁନା ଓ ହୀରା ଗୁଣ୍ଡ ମିଶାଯାଏ। ୧୭ ଗ୍ରାମ୍‌ର ଏହି ସାବୁନରେ ସୁନା ଓ ହୀରାର ଗୁଣ୍ଡ, ମହୁ, ଅଲିଭ୍ ତେଲ ଓ ଅଗରୁ ବ୍ୟବହାର କରାଯାଏ। ଏହା ପ୍ରଥମେ ଯେତେବେଳେ ପ୍ରସ୍ତୁତ କରାଗଲା, ଚିଜ୍ ଭଳି ଦେଖାଯାଉଥିଲା। ପରେ ଏହାର ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।





## 'ପଏଜନ୍ ବେବି' ଗୀତ ପାଇଁ ମଲାଇକା ନେଇଛନ୍ତି ୨ କୋଟି

ଦୀପାବଳି ଅବସରରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ 'ଥାମା' ଆସିବ। ଏବେ ଏହି ଫିଲ୍ମର 'ପଏଜନ୍ ବେବି' ଗୀତ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏଥିରେ ଆୟୁଷ୍ମାନ୍, ରଶ୍ମିକାଙ୍କ ସହ ମଲାଇକା ନଜର ଆସିଛନ୍ତି। ଏବେ ଫିଲ୍ମଗୁଡ଼ିକରେ ଆଇଟମ୍ ନମ୍ବର ରଖିବା ଟ୍ରେଣ୍ଡ ଚାଲିଛି। 'ସ୍ତ୍ରୀ ୨'ରେ ତମନ୍ନା ଭାଟିଆଙ୍କ 'ଆଜ୍ କି ରାତ୍' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ପୁଣି ଥରେ ମ୍ୟାଡକକ୍ ଫିଲ୍ମ 'ପଏଜନ୍ ବେବି' ଗୀତ ମାଧ୍ୟମରେ ସେମିତି କିଛି ଆଶା ରଖିଛି। ଏହି ଗୀତରେ ମଲାଇକାଙ୍କ କାଚ ଗିଲାସ ସହ ଜବରଦସ୍ତ ନୃତ୍ୟ ଦେଖିବାକୁ ମିଳିଛି। ତେବେ ତିନି ମିନିଟ୍‌ର ଏହି ଗୀତ ପାଇଁ ମଲାଇକା ୨ କୋଟି ନେଇଥିବା କୁହାଯାଉଛି। ଯାହାକି ବେଶ୍ ଅଧିକ ବୋଲି କୁହାଯାଉଛି। ତମନ୍ନା 'ଆଜ୍ କି ରାତ୍' ଗୀତ ପାଇଁ କୋଟିଏ ଟଙ୍କା ନେଇଥିଲେ। ଏହାବାଦ୍ ଅନେକ ତାରକା ଫିଲ୍ମ ପାଇଁ କୋଟିଏ ଟଙ୍କା ନେଉଛନ୍ତି। ଏହି ଗୀତରେ ମଲାଇକା ଓ ରଶ୍ମିକାଙ୍କ ମଧ୍ୟରେ ନୃତ୍ୟ ଟକ୍କର ହେଉଥିବାର ଦେଖାଯାଇଛି। ଏହାର ନିର୍ଦ୍ଦେଶନା ଆଦିତ୍ୟ ସରପୋତଦାର ଦେଇଛନ୍ତି।

## ବିଶ୍ୱ ରଜୋନିବୃତ୍ତି ଦିବସ



ପ୍ରତିବର୍ଷ ଅକ୍ଟୋବର ମାସ ୧୮ ତାରିଖକୁ 'ବିଶ୍ୱ ରଜୋନିବୃତ୍ତି (ମେନୋପଜ) ଦିବସ' ଭାବେ ପାଳନ କରାଯାଏ। ୨୦୦୯ ମସିହାରୁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ଅନ୍ତର୍ଜାତୀୟ ମେନୋପୋଜ୍ କମିଟି ପକ୍ଷରୁ ଅକ୍ଟୋବରକୁ ବିଶ୍ୱ ମେନୋପୋଜ୍ ସଚେତନତା ମାସ ଭାବରେ ଏବଂ ଅକ୍ଟୋବର ୧୮ କୁ ଏହି ଦିବସ ପାଳନ ପାଇଁ ମନୋନୀତ କରାଯାଇଥିଲା। ମେନୋପଜ୍ ମହିଳାଙ୍କଠାରେ ଦେଖାଦେଉଥିବା ଏକ ସ୍ୱାଭାବିକ ସ୍ଥିତି। ଯାହାଦ୍ୱାରା ପ୍ରାକୃତିକ ଭାବେ ମାସିକ ଋତୁସ୍ରାବ ବନ୍ଦ ହୋଇଥାଏ। ସାଧାରଣତଃ ୪୫-୫୫ ବର୍ଷ ବୟସରେ ମହିଳାମାନେ ମେନୋପଜ୍ ସମସ୍ୟାକୁ ସାମ୍ନା କରିଥାନ୍ତି। ଏହା ସହ ଗର୍ଭଧାରଣ କ୍ଷମତା ହରାଇଥାନ୍ତି। ବିଭିନ୍ନ ମହିଳାଙ୍କଠାରେ ଏହାର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ। ଏହି ସମୟରେ ହରମୋନ୍‌ରେ ପରିବର୍ତ୍ତନ ଆସୁଥିବାରୁ, ତାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ। ଅନ୍ୟପଟେ ଏହି ସମସ୍ୟାକୁ କେତେକ ମହିଳା ସାମ୍ନା କରି ନ ପାରି ଅନେକ ସମୟରେ ଅବସାଦର ଶିକାର ମଧ୍ୟ ହୁଅନ୍ତି। ଶାରୀରିକ ତଥା ଅନ୍ୟାନ୍ୟ ସମସ୍ୟା ଯୋଗୁଁ କମ୍ ବୟସରେ ବି ମହିଳା ଏହାକୁ ସାମ୍ନା କରିଥାନ୍ତି। ମେନୋପଜ୍‌ର ଲକ୍ଷଣ ଅନୁସାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ଯେଉଁ ମହିଳାମାନେ ଏହି ସମୟରେ ଅବସାଦ ଦେଇ ଗତି କରୁଛନ୍ତି ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଉଚିତ।

## ଆଜିର ଇତିହାସ

- ୧୯୨୨- ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍(ବିବିସି)ର ସ୍ଥାପନା ହେଲା।
- ୧୯୪୪- ରୁଷ୍ ସେନା ଚେକୋସ୍ଲୋଭାକିଆ ଉପରେ ଆକ୍ରମଣ କଲା।
- ୨୦୦୪-କୁଖ୍ୟାତ ଚନ୍ଦନ ତସ୍କର ବୀରାପ୍ପାନକୁ ହତ୍ୟା କରାଗଲା।
- ୨୦୦୭- ଆଠବର୍ଷ ପରେ ବେନଜୀର ଭୁଟ୍ଟୋ ପାକିସ୍ତାନକୁ ଫେରିଲେ।

## ବାଣଫୁଟା ସାବଧାନ



ଅଧ୍ୟାପକ ମଳୟ କୁମାର ମଲ୍ଲିକ

କାଳିପୂଜା ଛୁଟି ପାଇ ସନାତନ
ହଷ୍ଟେଲୁ ଆସିଛି ସିଏ,
ପୟାଶ୍ରାଦ୍ଧ ପୁଣି ବାଣଫୁଟା ଖୁସି
ଜେଜେ ପାଖେ କହୁଥାଏ ।।
ଏଇବର୍ଷ ଜେଜେ ମହାଧୁମ୍ ଧାମେ
କାଳିପୂଜା କଟାଇବା,
ରକେଟ୍, ହାବେଳି ନଡ଼ିଆ, ସିଙ୍ଗଡ଼ା
ନାନା ବାଣ ଫୁଟାଇବା ।।
ସନା କଥା ଶୁଣି ଉଠିପଡ଼ି ଜେଜେ
ବୁଝାଇ ତାକୁ କହିଲେ,
ଦୀପାବଳି ବୋଲି ମନ ଇଚ୍ଛାବାଣ
ଫୁଟାଇବ ନାହିଁ ପିଲେ ।।
ବାରୁଦରେ ଭିଡ଼ା ବାଣ ତ ହୋଇଛି
ଦଅଡ଼ ପଦାକୁ ଥାଏ,
ଦଅଡ଼ରେ ନିଆଁ ଲଗାଇବା ମାତ୍ରେ
ବାଣ ଯେ' ଫୁଟିଣ ଥାଏ ।।
ନିଆଁ ଲଗାଇବା ବିସ୍ଫୋରଣ ହେବା
ସମୟର ବ୍ୟବଧାନେ,
ଫେରି ନ ଆସିଲେ ଭିନ୍ନକ୍ଷମ ହେବ
ଫୁଟାଇବ ସାବଧାନେ ।।
ଚାଳ ଘରେ ଯଦି ବାଣଫୁଟି ପଡ଼େ
ଜଳିଯିବ ଘରଦ୍ୱାର,
ସତର୍କ ନ ହୋଇ ବାଣ ଫୁଟାଇଲେ
ହୋଇଯିବ ଛାରଖାର ।।
ଦୀପାବଳି ବୋଲି ଲଗାଇବ ଦୀପ
ଜଳାଇବ ଫୁଲଝରି,
ତେଲୁଗୁଣି ବାଣ ତଳେ ଲଗାଇବ
ଆଖି ଠାରୁ ଦୂରକରି ।।■

ବ୍ୟାସନଗର, ଯାଜପୁର
ମୋ- ୯୪୩୯୪୪୧୩୫୫



## ପ୍ରହେଳିକା

- ଆଲୋକର ପର୍ବ ଅଟଇ ସିଏ
କାଳୀଙ୍କର ପୂଜା ଯେଦିନ ହୁଏ
ଅମାବାସ୍ୟା ରାତି ଅଟଇ ସିନା
ଆଲୋକିତ ହୁଏ ଜହ୍ନର ବିନା
ଘରେ ଘରେ ସବୁ ଦୀପ ଜାଳନ୍ତି
ବଡ଼ବଡ଼ୁଆଙ୍କୁ ମନେ ଭାଳନ୍ତି
ଭାରି ମନଲୋଭା ପରବଟିଏ
ନାମଟି ତାହାର କହିବ କିଏ ?

ଉ-ଦୀପାବଳି

- ଏମିତି ଅଟଇ ଦରବଟିଏ
ଦୀପାବଳି ଦିନ ତା' ଲୋଡ଼ାହୁଏ
ବଡ଼ବଡ଼ୁଆ ହୋ ଡାକିଲା ବେଳେ
ଜାଳୁଥାନ୍ତି ତାକୁ ଦାଣ୍ଡ ଦୁଆରେ
ରସି,ଜାଳ,ତେଲ ସବୁ ସେ ଦିଏ
ନାମଟି ତାହାର କହିବ କିଏ ?

ଉ-ନଳିତା

- ଏମିତି ପବିତ୍ର ଅଟଇ ସିଏ
ଦେବାଦେବୀ ପାଖେ ସେ ଜଳୁଥାଏ
ଭକତି ଭାବରେ ଯିଏ ଜାଳଇ
ଈଶ୍ୱରଙ୍କ କୃପା ତାକୁ ମିଳଇ
ଗୋଟାଏ ସଳିତା ଟିକିଏ ଘିଅ
ଜାଣିଥିଲେ ତାର ନାମଟି କୁହ ?

ଉ-ଦୀପ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ,ଯାଜପୁର
ମୋ-୮୩୧୦୩୨୮୩୪୫

## ଆଲୋକର ପର୍ବ ଦୀପାବଳି ଆମ



ସୁଜିତ କୁମାର ମିଶ୍ର

ଆଲୋକର ପର୍ବ ଦୀପାବଳି ଆମ
ପାଳିବା ସଭିଏଁ ମିଶି,
ଦୀପଟେ ଜାଳିବା ପ୍ରତି ଅଗଣାରେ
ପ୍ରେମ ଜ୍ୟୋତି ପରକାଶି ।
ରଙ୍ଗ ବେରଙ୍ଗର ମୂରୁଜରେ ଆମେ
ସଜେଇବା ଘର ଦ୍ୱାର,
ପରସ୍ପର ସ୍ନେହ ଶରଧାରେ ପରା
ବିରାଜିବ ସ୍ୱର୍ଗପୁର ।
ଉଚ୍ଚ ଶବ୍ଦ ଯୁକ୍ତ ବାଣ ଫୋଟକାକୁ
ଆମେ ଫୁଟେଇବା ନାହିଁ,
ଲାଗିଯାଇ ନିଆଁ କୋମଳ ଦେହରେ
ପ୍ରାଣ ନେବ ପୀଡ଼ା ଦେଇ ।
ନିମନ୍ତ୍ରଣ କରି ବନ୍ଧୁ ବାନ୍ଧବଙ୍କୁ
ହୋଇବା ଏକାଠି ପରା,
ମିଠା କ୍ଷୀରି ପୁରୀ ଖୁଆଇ ସଭିଙ୍କୁ
ଦେଖାଇବା ଭାଇଚାରା ।
ଦୁଃଖୀଙ୍କୁ ଭେଟିବା ଲୁହପୋଛି ଦେବା
ଶ୍ରଦ୍ଧାରେ ଜିଣିବା ମନ,
ହୃଦ ତଳେ ତାଙ୍କ ଦୀପଟେ ଜାଳିବା
ପୁଣ୍ୟ ଦୀପାବଳି ଦିନ ।
ଦୀପାବଳି ଆମ ମାଟିର ସଂସ୍କୃତି
ସୁଖ ସମୃଦ୍ଧିର ଭାବ,
ସଭିଙ୍କ ସହିତ ସଭିଏଁ ପାଳିବା
ଭୁଲି ଯେତେ ଭେଦଭାବ ।■

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ସୁମନ

## କୃପଣଙ୍କ କୃଷ୍ଣଦର୍ଶନ





ଡ. କାଳିକିଙ୍କର

ଗୋଟିଏ ରାଜ୍ୟରେ ଜଣେ କୃପଣ ବ୍ୟକ୍ତି ରହୁଥିଲେ। ସେ ବହୁତ ଧନବାନ ଥିଲେ ଓ ସୁସ୍ୱାଦୁ ଭୋଜନ ଖାଇବାକୁ ପସନ୍ଦ କରୁଥିଲେ। ସେ କିନ୍ତୁ କୃଷ୍ଣ ଭକ୍ତ ଥିଲେ। ଏକଦା ସେ ତାଙ୍କ ପତ୍ନୀଙ୍କୁ କହିଲେ, ତୁମେ କାହାକୁ କିଛି ଦାନ ଦେବା ଦରକାର ନାହିଁ। କେବଳ ଭଲ ଭଲ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କର ଆମେ ଖାଇବୁ। ପତ୍ନୀ କହିଲେ, କିଛି ଦାନ ଧର୍ମ କଲେ ପୁଣ୍ୟ ମିଳିବ। ଭଗବାନ ଶ୍ରୀକୃଷ୍ଣ ଖୁସି ହେବେ। କୃପଣ ବ୍ୟକ୍ତି ହସିଲେ ଓ କହିଲେ - ଆରେ ମୁଁ କ'ଣ ବୋକା! ସେଥିପାଇଁ ତ ସବୁଦିନ ଭଲ ଭଲ ସୁସ୍ୱାଦୁ ଖାଦ୍ୟ ମୁଁ କୃଷ୍ଣଙ୍କୁ ଖୁଆଏ ଓ ତାପରେ ଆମେ ଖାଉଛେ। ଏହାଠାରୁ ପୁଣ୍ୟ ଆଉ କ'ଣ ଅଛି! ଏହାପରେ ଦୀର୍ଘଶ୍ୱାସ ଛାଡ଼ି ପତ୍ନୀ କହିଲେ ହେଉ, ପ୍ରଭୁ କୃଷ୍ଣ ଯଦି ଦର୍ଶନ ଦିଅନ୍ତେ ତେବେ ଆମେ ଜାଣିବା କିଛି ପୁଣ୍ୟ ଅର୍ଜନ କରୁଛୁ। କୃପଣ ବ୍ୟକ୍ତି କହିଲେ- ସେଇଟା ମଧ୍ୟ ଆମର ପୂରଣ ହେବ। ଆମକୁ କୃଷ୍ଣଙ୍କ ଦର୍ଶନ ମିଳିବ। ଏମିତି ବହୁତ ବର୍ଷ ବିତିଗଲା। କୃପଣ ବ୍ୟକ୍ତି ନା ଭିକାରୀକୁ ଭିକ ଦିଅନ୍ତି ନା ବୁଭୁକ୍ଷୁଙ୍କୁ ଭୋଜନ ଦିଅନ୍ତି। ସେ ଭାବନ୍ତି ଯେ, କୃଷ୍ଣଙ୍କୁ ପ୍ରସାଦ ଲଗେଇ ଆମେ ଖାଉଛୁ ତାହାହିଁ ଯଥେଷ୍ଟ। ତେବେ ପତ୍ନୀ ଆଉ ଅପେକ୍ଷା କଲେ ନାହିଁ କି ସ୍ୱାମୀଙ୍କ କଥା ମାନିଲେ ନାହିଁ। ସେ ସବୁଦିନ ଅଧିକ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ସ୍ୱାମୀଙ୍କୁ ଦେଲେ, ନିଜେ ଖାଇଲେ ଓ ବାହାରେ ବୁଲୁଥିବା କୁକୁର, ବିଲେଇ, ଗାଈ ଗୋରୁ, ଛେଳି, ମେଣ୍ଢା, ଚଢେଇ ଆଦିଙ୍କୁ ଦେଲେ। ଧୀରେ ଧୀରେ ସେ ବାଟ ଦେଇ ଯାଉଥିବା ଭିକାରୀ ଓ ଭୋକିଲା ଲୋକଙ୍କୁ ଖାଦ୍ୟ ଦେଲେ। ପିଲାମାନଙ୍କୁ ଓ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେବାରେ ସେ ଆନନ୍ଦ ପାଇଲେ। ଦିନେ ମନଦୁଃଖ କରି କୃପଣ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ କହିଲେ- ଲାଗୁଛି, ଏ ଜନ୍ମରେ କୃଷ୍ଣ ଦର୍ଶନ ହୋଇପାରିବ ନାହିଁ। ତୁମକୁ ଦେଇଥିବା କଥା ମୁଁ ରଖିପାରିଲି ନାହିଁ। ପ୍ରଭୁ କୃଷ୍ଣଙ୍କୁ ମୁଁ ଏତେ ଶ୍ରଦ୍ଧାରେ ସବୁଦିନ ସୁସ୍ୱାଦୁ ଭୋଜନର ପ୍ରସାଦ ଲଗାଏ କିନ୍ତୁ ସେ ମୋ ପ୍ରତି ସାମାନ୍ୟ ଦୟା ଦେଖାଇଲେ ନାହିଁ। ପତ୍ନୀ ହସିଲେ ଓ କହିଲେ -ମୁଁ କିନ୍ତୁ କୃଷ୍ଣ ଦର୍ଶନ ପ୍ରାୟ ସବୁଦିନ ଏବେ କରୁଛି। ତେଣୁ ତୁମେ ବ୍ୟସ୍ତ ହୁଅନାହିଁ। ବରଂ ତୁମେ ଚାହିଁଲେ ମଧ୍ୟ କୃଷ୍ଣ ଦର୍ଶନ କରିପାରିବ। କୃପଣ ଲୋକଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା- ତୁମେ ଏମିତି କ'ଣ କରୁଛ ଯେ, ତୁମକୁ କୃଷ୍ଣ ଦର୍ଶନ ମିଳୁଛି ଆଉ ମୋତେ ମିଳୁନାହିଁ। କୃପଣଙ୍କର ପତ୍ନୀ କହିଲେ- କାଲି ତୁମେ ବାହାରେ ଯାଇ କୃଷ୍ଣ ଦର୍ଶନ କରିପାରିବ। ତେବେ ମନେରଖ ଯେ, ତୁମେ ସେଥିରେ ପ୍ରସନ୍ନ ବା ଖୁସି ରହିବ। ପ୍ରସନ୍ନ ବା ଖୁସିହେଲେ କୃଷ୍ଣ ଦର୍ଶନ ପାଇବ ନହେଲେ ନାହିଁ। ପରଦିନ କୃପଣ ଲୋକର ପତ୍ନୀ ସୁସ୍ୱାଦୁ ଭୋଜନ ରାନ୍ଧି ପ୍ରଭୁଙ୍କୁ ଲଗାଇଲେ ଓ ବାହାରକୁ ଗଲେ। ବାହାରେ ଅନେକ ପଶୁ, ପକ୍ଷୀ, ଗରିବ ଅସହାୟ ଲୋକେ ଆନନ୍ଦରେ ସେ ରାନ୍ଧିଥିବା ଖାଦ୍ୟଗୁଡ଼ିକୁ ଖାଉଥାନ୍ତି। ପଶୁ, ପକ୍ଷୀ, ମଣିଷ ସମସ୍ତେ ଆନନ୍ଦରେ ଖାଉଥାନ୍ତି। ସେହି ଲୋକମାନେ ଆନନ୍ଦରେ ଜୟ କୃଷ୍ଣ, ଜୟକୃଷ୍ଣ କହୁଥାନ୍ତି। କୃପଣର ଭଣ୍ଡାର ଘରୁ ଦ୍ରବ୍ୟମାନ ବୁହାଯାଉଥାଏ ଓ ରନ୍ଧାଯାଇ ଲୋକଙ୍କୁ ଓ ପଶୁପକ୍ଷୀଙ୍କୁ ଦିଆ ଯାଉଥାଏ। କୃପଣ ସେମାନଙ୍କୁ ଦେଖି ଆନନ୍ଦ ଲାଭ କଲେ ଓ ଲାଗିଲା ଯେମିତି ସେ କୃଷ୍ଣ ଦର୍ଶନ କରୁଛନ୍ତି ସମସ୍ତଙ୍କ ଭିତରେ। ସେ ପତ୍ନୀଙ୍କୁ କହିଲେ ବୁଝିଲ, ମୋ ଭଳି କୃପଣଙ୍କର କୃଷ୍ଣ ଦର୍ଶନ ତୁମେ କରେଇ ପାରିଲ। ପତ୍ନୀ କହିଲେ- ଯେଉଁଠି ଦୟା ଓ ଭଲପାଇବା ସେଇଠି କୃଷ୍ଣ। ମୁଁ ଏକଥା ବୁଝିଲା ଦିନରୁ ପ୍ରଭୁ କୃଷ୍ଣଙ୍କୁ ଦର୍ଶନ କରିଚାଲିଛି। ପ୍ରଭୁ କୃପାରୁ କୃପଣଙ୍କର ମଧ୍ୟ କୃଷ୍ଣ ଦର୍ଶନ ହେଲା ଓ ବ୍ୟକ୍ତି ଜଣକ ସେଇଦିନୁ ଦୟାବାନ ହେଲେ ଓ ଦାନଧର୍ମ କଲେ।■

ସୌଭାଗିନୀ ନିବାସ, ରଟିଲୋ, ପୁରୀ
ମୋ-୮୨୪୯୨୧୬୦୬୭

## ତୁମ ଚିତ୍ର ତୁମ ପାଇଁ






ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ଆର୍ଯ୍ୟା ଯାଦବ
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା






ମୁସ୍କାନ ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିଅର ହାଇସ୍କୁଲ
ଭୁବନେଶ୍ୱର





ସୁଭାଷିନୀ ହାଁସଦା
ସପ୍ତମ ଶ୍ରେଣୀ
ସରକାରୀ ଏସ୍‌ଏସ୍‌ଡି
ଉଚ୍ଚ ବାଳିକା ବିଦ୍ୟାଳୟ
ବହୁବନ୍ଧ, ମୟୂରଭଞ୍ଜ





ଆୟାଂଶୀ ଆରାଲିନ୍
ତୃତୀୟ ଶ୍ରେଣୀ
ମାଉଣ୍ଟ ଲିଟେରା ଜି ସ୍କୁଲ
ବେଙ୍ଗାଲୁରୁ



ପଦକ ନିଶ୍ଚିତ କଲେ ତନ୍ଵୀ

▶ପୃଷ୍ଠା ୧୬ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-112 ◆SATURDAY ◆18 OCTOBER 2025 ◆PAGE-16 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୧୨ ◆ଶନିବାର ◆୧୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦


ଭିତର ପୃଷ୍ଠାରେ ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ

# ଏସ୍‌ସିବି ଏମ୍‌ସ ପ୍ଲସ୍‌କୁ ଧକ୍କା



## କଟକ ବଡ଼ ଡାକ୍ତରଖାନାରେ ୮୯ ମେସିନ୍ ଅଚଳ

■ **କଟକ, ୧୭।୧୦ (ସମିସ):** ୨୦୧୯ ନଭେମ୍ବର ମାସରେ କଟକସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ଏମ୍ସ ପ୍ଲସ ପ୍ରତିଷ୍ଠାନରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଥିଲେ ୧ ହଜାର କୋଟି ଟଙ୍କା। ମାତ୍ର ପରବର୍ତ୍ତୀ ସମୟରେ ଏହାର ପରିସର ବୃଦ୍ଧି କରାଯାଇଥିଲା। ୨୦୨୧ ଜାନୁଆରୀ ୧ ତାରିଖରେ ଏସ୍‌ସିବି କାର୍ଯ୍ୟ ସମୀକ୍ଷା ସମୟରେ ଏବାବଦ ବ୍ୟୟ ଅଟକଳକୁ ନବୀନ ପଟ୍ଟନାୟକ ୩୫୦୦ କୋଟିକୁ ବୃଦ୍ଧି କରିଥିଲେ। ୧୭୫ ଏକର ଜମିରେ ୩୫୦୦ କୋଟି ଟଙ୍କା ବ୍ୟୟରେ କଟକ ବଡ଼ ଡ଼ାକ୍ତରଖାନାକୁ ୨୦୨୪ ଶେଷ ସୁଦ୍ଧା ଏମ୍‌ସ ପ୍ଲସ ପ୍ରତିଷ୍ଠାନରେ ରୂପାନ୍ତରଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଆଧୁନିକୀକରଣ ସହ ୨୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ସୁବିଧା ଥିବା ହଷ୍ଟେଲ, ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୧୨୮୦ କ୍ୱାର୍ଟର ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ଏସ୍‌ସିବିର ଏମ୍‌ସ ପ୍ଲସ୍ ରୂପାନ୍ତରଣ ଯେମିତି ଅଧାରେ ଅଟକି ଯାଇଛି। ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଓ ରୋଗୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ଏବେ ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଏସ୍‌ସିବିରେ ମେସିନ୍ ଉପଲବ୍ଧ ନାହିଁ । ଏପରିକି ବିଭିନ୍ନ ବିଭାଗରେ ୮୯ଟି ଗୁରୁତ୍ୱପୂର୍ଣ୍ଣ ମେସିନ୍ ▶ପୃଷ୍ଠା-୯

ପୁଲିସ ଚାକିରି ବେପାର

## ଦିଲ୍ଲୀରୁ ସିଣ୍ଡିକେଟ୍ ଚଳାଉଥିଲା ଶଙ୍କର


- ଗିରଫ ହେଲେଣି ୧୨୩ ଅଭିଯୁକ୍ତ
- ମୁନାକୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ
- ଜବତ ୧୧୦ରୁ ଅଧିକ ମୋବାଇଲର ଫୋରେନସିକ୍ ଯାଞ୍ଚ ହେବ
- ବିଜୟନଗରମ ସହିତ ଦୀଘାକୁ ମଧ୍ୟ ଯାଇଥା'ନ୍ତେ ୧୧୦ରୁ ଅଧିକ ଛାତ୍ରଛାତ୍ରୀ
- ପ୍ରମାଣ ନଷ୍ଟ ପାଇଁ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ଫେରସ୍ତ କରିଥିବା ମହିଳା ଗିରଫ

■ **କଟକ, ୧୭ ।୧୦ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୁଲିସ୍ ସର୍ଭିସ ପରୀକ୍ଷା(ସିପିଏସଇ) ୨୦୨୪ ନିଯୁକ୍ତି ପାଇଁ ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବେ ବି ଫେରାର୍ ରହିଛି। ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୧୨୩ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହା କହିବା ସହ ଖୁବଶୀଘ୍ର ଶଙ୍କରକୁ ଗିରଫ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ଘଟଣାରେ ଗତକାଲି କଟକ ଜିଲ୍ଲାର ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥରର ବାସିନ୍ଦା ମୁନା ମହାନ୍ତି (୩୨) ଓରଫ୍ ସଦାନନ୍ଦଙ୍କ ସମେତ ତାଙ୍କର ସହଯୋଗୀ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତ ମୁନାର ୨ଟି ଟିପର, ଗୋଟିଏ ସ୍କର୍ପିଓ, ଗୋଟିଏ ମହିନ୍ଦ୍ରା ଥାର୍, ନଗଦ ୧ ଲକ୍ଷ ୨୦ ▶ପୃଷ୍ଠା-୯

## ରିପୋର୍ଟ ମାଗିଲେ ଏସ୍‌ଆଇଟି

■ **ଭୁବନେଶ୍ୱର, ୧୭।୧୦ (ସମିସ):** କଳାଧନ ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ରାଜ୍ୟରେ ହୋଇଥିବା ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ସଂପର୍କରେ ଖୋଳତାଡ଼ କରିବେ। ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତା ନଭେମ୍ବର ୭ ତାରିଖରେ କଟକରେ ଏ ସଂପର୍କିତ ଏକ ବୈଠକ ହେବ। ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ଅଭିଯୋଗ ଉପରେ ରାଜ୍ୟ ସରକାର ଏଯାଏଁ କ'ଣ ପଦକ୍ଷେପ ନେଇଛନ୍ତି ଏବଂ ତଦନ୍ତ କେତେଦୂର ଅଗ୍ରଗତି କରିଛି, ସେ ସଂପର୍କରେ ଏସ୍‌ଆଇଟି ରିପୋର୍ଟ ମାଗିଛନ୍ତି। ଏଥିସହିତ ରାଜ୍ୟରେ ଗୁଣିଗାରେଡ଼ି ହତ୍ୟା ସଂପର୍କରେ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ମଧ୍ୟ ଏସ୍‌ଆଇଟି କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଟକ ବୈଠକରେ କଳାଧନ, ପୁଲିସ ଚାକିରି କେଳେଙ୍କାରୀ ଏବଂ ଗୁଣିଗାରେଡ଼ି ହତ୍ୟା ▶ପୃଷ୍ଠା-୯

**ନଭେମ୍ବର ୭ ରେ କଟକରେ ବୈଠକ**







# ଦୁର୍ଘଟଣାରେ ପରିବାରର ୪ ମୃତ

**କାମାକ୍ଷାନଗର, ୧୭ ।୧୦(ସମିସ):** ଝିଅର 'ସୁକନ୍ୟା' ଟଙ୍କା ବ୍ୟାଙ୍କରେ ଜମା କରିବା ସାଙ୍ଗକୁ ଦୀପାବଳି ପାଇଁ ବଜାରରୁ କିଣାକିଣି କରିଥା'ନ୍ତେ। ଗାଡ଼ି ନେଇ ବାହାରିବାକୁ ବେଳକୁ ସାଙ୍ଗରେ ନେବା ପାଇଁ ଝିଅ, ଝିଆରୀଙ୍କ ଅଝଟ। ତେଣୁ ଦୁହିଁଙ୍କୁ ବାଇକ୍‌ରେ ବସାଇ ବଜାରକୁ ଖୁସି ମନରେ ଆସୁଥିଲେ ଦମ୍ପତି। କିନ୍ତୁ, ନିମିଷକ ଭିତରେ ସବୁ ଓଲଟପାଲଟ ହୋଇଗଲା। କେହି କିଛି ବୁଝିବା ଆଗରୁ ଚାରିଚାରିଟି ଜୀବନ ଅକାଳରେ ଚାଲିଗଲା। ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ଅନ୍ତର୍ଗତ ମାଳପୁରା ଓଭରବ୍ରିଜ୍ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨ଶିଶୁକନ୍ୟା ରହିଛନ୍ତି। ମୃତକମାନେ ହେଲେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳ ଭାବଗ୍ରାହୀ କାରୁଆଁ, ତାଙ୍କ ସ୍ତ୍ରୀ ଜାନକୀ କରୁଆଁ, ଝିଅ ଗୀତାଞ୍ଜଳି କାରୁଆଁ (୬) ଓ ଝିଆରୀ (ଶଳାଙ୍କ ଝିଅ) ନାଣ୍ଡି (୮)।




ସୂଚନାନୁଯାୟୀ, ଭାବଗ୍ରାହୀ ଯାଜପୁର ଜିଲ୍ଲା କାଳିଆପାଣିସ୍ଥିତ ଇମ୍ଫା କାରଖାନାରେ କାମ କରନ୍ତି। ଆଜି ପୂର୍ବାହ୍ନରେ ସେ ନିଜ ପତ୍ନୀ, ଝିଅ ଓ ଝିଆରୀଙ୍କୁ ସାଙ୍ଗରେ ନେଇ ବଜାରକୁ ଆସୁଥିଲେ। ମାଳପୁରା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଭାବଗ୍ରାହୀ, ତାଙ୍କ ଝିଅ ଗୀତାଞ୍ଜଳି ଓ ଝିଆରୀ ନାଣ୍ଡିଙ୍କ ମୃତ୍ୟୁ ହୋଇଯାଇଥିଲା। ଜାନକୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାରଲୋକେ ମେଡିକାଲରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।

### ଭୁଶୁଡ଼ିଲା ମାଓ ସଂଗଠନ

# ଏକାଥରକେ ଆତ୍ମସମର୍ପଣ କଲେ ୧୫୦ ମାଓବାଦୀ




**ମାଲକାନଗିରି, ୧୭ ।୧୦(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଜଗଦଲପୁରରେ ଦିନକରେ ୧୫୦ରୁ ଅଧିକ ମାଓବାଦୀ ଅସ୍ତ୍ର ଛାଡ଼ି ବିଜାପୁର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ଜଗଦଲପୁରଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ଉପସ୍ଥିତିରେ ଶାନ୍ତିପଥକୁ ଆପଣାଇଛନ୍ତି। ଏହା ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। ଅପରପକ୍ଷେ, କେନ୍ଦ୍ରୀୟ କମିଟି ସଦସ୍ୟ ରୂପେଶଙ୍କ ନେତୃତ୍ୱରେ ଇନ୍ଦ୍ରାବତୀ ଏବଂ ମାଡ୍ ଡିଭିଜନର ୧୫୦ରୁ ଅଧିକ ନକ୍ସଲଙ୍କ ଆତ୍ମସମର୍ପଣ ପରେ ମାଓ ସଙ୍ଗଠନ ଏକପ୍ରକାର ଭୁଶୁଡ଼ି ପଡ଼ିଛି।

ଆତ୍ମସମର୍ପଣ କରିଥିବା ମାଓନେତା ରୂପେଶଙ୍କ ନାମରେ ସରକାର ୫୦ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ମାଡ୍ ମାଓ ଡିଭିଜନ୍‌ର ମୁଖ୍ୟ ରୂପେଶଙ୍କ ସହ ଶତାଧିକ ନକ୍ସଲ ପ୍ରଥମେ ଇନ୍ଦ୍ରାବତୀ ନଦୀକୂଳରେ ଏକାଠି ହୋଇଥିବା ବେଳେ ସମସ୍ତଙ୍କୁ ବସ୍ ଯୋଗେ ଜଗଦଲପୁର ନିଆଯାଇଥିଲା। ଏହି ମାଓବାଦୀଙ୍କ ଆତ୍ମସମର୍ପଣ ଖବର ପାଇବା ପରେ ସେମାନଙ୍କ ସୁରକ୍ଷା ପାଇଁ ଯବାନଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

### ବାହାର ରାଜ୍ୟରେ ବଢୁଛି ଓଡ଼ିଆ ମହିଳାଙ୍କ ପ୍ରତି ବିପଦ

# ୩ ବର୍ଷରେ ୨୩ ଦୁଷ୍କର୍ମ

**ଭୁବନେଶ୍ୱର,୧୭।୧୦(ସମିସ):** ଓଡିଶାରୁ ଅନେକ ଯୁବତୀ, ମହିଳା ରାଜ୍ୟ ବାହାରକୁ ଶିକ୍ଷା ଏବଂ ଚାକିରି ଅନ୍ୱେଷଣରେ ଯାଉଛନ୍ତି। ହେଲେ ସେଠାରେ ସେମାନେ ଗଣଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି। ଅନ୍ୟ ରାଜ୍ୟ ପୁଲିସ ଯେଉଁଭଳି ଭାବେ ତତ୍ପର ଦେଖାଇବା ତାହା ଦେଖାଉନାହାନ୍ତି। ଯାହାର ଉଦାହରଣ ପଶ୍ଚିମବଙ୍ଗରେ ବାଲେଶ୍ୱର ଡାକ୍ତରୀ ଛାତ୍ରୀ ଗଣ ଦୁଷ୍କର୍ମ ମାମଲାରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ପୁଲିସ ଏବଂ ସେଠାର ମହିଳା କମିଶନ ସହଯୋଗ କରୁନାହାନ୍ତି। କିନ୍ତୁ ଓଡିଶା ସରକାର ସେଠାର ପୁଲିସ ଏବଂ ପ୍ରଶାସନ ସହ କଥା ହେବା ପରେ ତତ୍ପରତା ଦେଖାଉଛନ୍ତି। ଏହି ଗୋଟିଏ ଘଟଣା ନୁହେଁ ଗତ ୩ ବର୍ଷରେ ୨୩ ଜଣ ମହିଳା ରାଜ୍ୟ ବାହାରେ ଦୁଷ୍କର୍ମ ଓ ୯ ଜଣ ହତ୍ୟାର ଶିକାର ହୋଇଛନ୍ତି।

ନିକଟରେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଦୁର୍ଗାପୁରରେ ଓଡ଼ିଶାର ଜଣେ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଛନ୍ତି। କଲେଜ କ୍ୟାମ୍ପସ ବାହାରକୁ ଜଣେ ପୁରୁଷ ବନ୍ଧୁଙ୍କ ସହ ଯାଇଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ପିଛା କରିବା ସହ ନିଛାଟିଆ ଜାଗାକୁ ଟାଣି ନେଇଥିଲେ। ଜଙ୍ଗଲିଆ ଜାଗାରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଏଯାଏ ୫ ଜଣ ଗିରଫ ହୋଇଛନ୍ତି ଓ ପଶ୍ଚିମବଙ୍ଗରେ ଏହାକୁ ନେଇ ରାଜନୀତି ତୀବ୍ର ହୋଇଛି।

ସେହିପରି ହାଇଦ୍ରାବାଦରେ ଜଣେ ଓଡ଼ିଆ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହାଇଦ୍ରାବାଦ ପେଟବଶିରାବାଦ ଅଞ୍ଚଳରେ ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଏହି ଘଟଣା ଘଟିଛି। ଭରତପୁର ଅଞ୍ଚଳରେ ରହୁଥିବା ଏହି ମହିଳା ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ଗୌତମ ଚରଣ ଘଡାଇଙ୍କୁ ବିବାହ କରିଥିଲେ। ତାଙ୍କର ୪ ବର୍ଷର ପୁଅଟିଏ ରହିଛି। ସ୍ୱାମୀ ଏକ କମ୍ପାନୀରେ ଇଲେକ୍ଟ୍ରୋନିକ ରକ୍ଷଣାବେକ୍ଷଣା ବିଭାଗରେ କାମ କରୁଥିବାବେଳେ କମ୍ୟୁନିଟି ସେଣ୍ଟରରେ ପିଲାଙ୍କୁ ପାଠ ପଢାନ୍ତି ଅନିନ୍ଦିତା। କମ୍ପାନୀ ପରିସରରେ ଥିବା କ୍ୱାର୍ଟରରେ ସେ ରହୁଥିଲେ। ପାସପୋର୍ଟରେ ନାମ ସଂଶୋଧନ ପାଇଁ ତାଙ୍କ ସ୍ୱାମୀ ଭୁବନେଶ୍ୱର ଆସିଥିବାବେଳେ ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିଲା।

ଗତ ଫେବୃଆରୀରେ ତ୍ରିପୁରାରେ ଜଣେ ଓଡ଼ିଆ ମହିଳାଙ୍କୁ ଛୁରୀ ଦେଖାଇ ଗଣ ଦୁଷ୍କର୍ମ କରାଯାଇଥିଲା। ମହିଳା ଏବଂ ତାଙ୍କ ସ୍ୱାମୀ କାମ ଖୋଜିବାକୁ ତ୍ରିପୁରା ଯାଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଏକ ଘରକୁ ନେଇ ଗଣ ଦୁଷ୍କର୍ମ କରିଥିଲେ। ୨୦୨୪ ସେପ୍ଟେମ୍ବର ମାସରେ କର୍ଣ୍ଣାଟକରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଗଣ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଯୁବତୀ ଜଣଙ୍କ କାମ କରିବା ପାଇଁ କର୍ଣ୍ଣାଟକ ଯାଇଥିଲେ। ସେଠାରେ ସେ ପହଞ୍ଚିବା ପରେ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟମାନେ ଏକ କାରରେ ଆସି ତାଙ୍କୁ ନେଇଥିଲେ। ଯୁବତୀଙ୍କୁ ଏକ ନିରୋଳା ସ୍ଥାନକୁ ନେଇ ଗଣ ଦୁଷ୍କର୍ମ ପରେ ହତ୍ୟା କରିଥିଲେ। ୨୦୨୪ ନଭେମ୍ବର ୫ରେ ଜଣେ ୩୪ ବର୍ଷିୟ ମହିଳାଙ୍କୁ ଦିଲ୍ଲୀରେ ଗଣ ଦୁଷ୍କର୍ମ କରାଯାଇଥିଲା। ମହିଳା ଜଣଙ୍କ ପରିବାର ଲୋକଙ୍କ ଉପରେ ରାଗି ଦିଲ୍ଲୀ ଯାଇଥିଲେ ଓ ସେଠାରେ ସରାଇକଲେ ଖାନ୍ ଅଞ୍ଚଳରେ ଜଣେ ଆଟୋ ଡ୍ରାଇଭର ସମେତ ୩ଜଣ ତାଙ୍କୁ ଗଣଦୁଷ୍କର୍ମ କରି ଦକ୍ଷିଣ-ପୂର୍ବ ଦିଲ୍ଲୀ ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ।

# ଜିରୋ ଏଫ୍ଆଇଆର୍ ରୁଜୁ କଲା ଭରତପୁର ଥାନା ପୁଲିସ

**ଭୁବନେଶ୍ୱର, ୧୭ ।୧୦(ସମିସ):** ହାଇଦ୍ରାବାଦରେ ଓଡ଼ିଶା ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ଦୁଇ ଦିନ ବିତିଛି। ଶିକ୍ଷୟିତ୍ରୀଙ୍କ ମାଆ ଆଜି ଭରତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜିରୋ ଏଫ୍ଆଇଆର୍ ରୁଜୁ କରିଛି। ସେପଟେ ମହିଳାଙ୍କ ମୃତଦେହ ଧରି ସ୍ୱାମୀ ଭୁବନେଶ୍ୱର ଆସୁଛନ୍ତି।



ଅଭିଯୋଗ ଅନୁଯାୟୀ, ଭରତପୁର ଅଞ୍ଚଳର ମହିଳାଜଣଙ୍କ ସ୍ୱାମୀ ଓ ୪ବର୍ଷର ପୁଅ ସହ ତେଲେଙ୍ଗାନାର ପେଟବଶିରାବାଦ ଥାନା ଅନ୍ତର୍ଗତ କୋମପାଲିରେ ରହୁଥିଲେ। ସ୍ୱାମୀ କନଷ୍ଟ୍ରକ୍ସନ

**ହାଇଦ୍ରାବାଦରେ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା**

କମ୍ପାନୀରେ ବିଦ୍ୟୁତ୍ ବିଭାଗରେ କାମ କରୁଥିବା ବେଳେ ପତ୍ନୀ ଶ୍ରମିକଙ୍କ ପିଲାମାନଙ୍କୁ ପଢ଼ାଉଥିଲେ। ପାସ୍‌ପୋର୍ଟରେ ନାମ ସଂଶୋଧନ କରିବା ପାଇଁ ସ୍ୱାମୀ ଓ ପୁଅ ଗତ ଶନିବାର ଭୁବନେଶ୍ୱର ଆସିଥିବା ବେଳେ ପତ୍ନୀ କମ୍ପାନୀ ପରିସରରେ ଥିବା କ୍ୱାର୍ଟର୍‌ରେ ଥିଲେ। ବୁଧବାର ରାତିରେ ପତ୍ନୀ ଅସୁସ୍ଥ ହୋଇପଡ଼ିଥିବା କମ୍ପାନୀ କର୍ମଚାରୀଙ୍କଠାରୁ ସ୍ୱାମୀ ଖବର ପାଇଥିଲେ। ଗୁରୁବାର ସେଠାରେ ପହଞ୍ଚିବା ବେଳକୁ ପତ୍ନୀଙ୍କ ମୃତ୍ୟୁ ହୋଇସାରିଥିଲା।

କମ୍ପାନୀର ଇନଚାର୍ଜ ପତ୍ନୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିଥିବା ସ୍ୱାମୀ ଜାଣିବାକୁ ପାଇଥିଲେ। ଏ ସଂପର୍କରେ ସେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଓ କମ୍ପାନୀ କର୍ମଚାରୀମାନେ ଘଟଣାକୁ ଚାପି ଦେଇଥିଲେ। ଏପଟେ, ଝିଅକୁ ଦୁଷ୍କର୍ମ କରିବା ପରେ ହତ୍ୟା କରାଯାଇଥିବା ନେଇ ମୃତା ମହିଳାଙ୍କ ମାଆ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଭରତପୁର ପୁଲିସ ଜିରୋ ଏଫ୍ଆଇଆର୍ ରୁଜୁ କରିଛି। ଦଫା ୧୦୩(୧), ୬୪(୧) ଓ ୩୩୧(୩)ରେ ଜିରୋ ଏଫ୍ଆଇଆର୍ ରୁଜୁ କରି ପେଟବଶିରବାଦ ଥାନାକୁ ପଠାଇ ଦେଇଛି। ପେଟବଶିରବାଦ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି। ମହିଳାଙ୍କ ମୃତଶରୀରକୁ ନେଇ ସ୍ୱାମୀ ଭୁବନେଶ୍ୱର ଅଭିମୁଖେ ଆସୁଛନ୍ତି। ଆସନ୍ତାକାଲି ସକାଳୁ ମୃତଦେହ ଭୁବନେଶ୍ୱରରେ ପହଞ୍ଚିବ ବୋଲି ପରିବାରଲୋକେ କହିଛନ୍ତି।

# ଓଡ଼ିଶା ଫେରିବେ ଜାମ୍ମୁ-କାଶ୍ମୀରରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୧୭।୧୦ (ସମିସ):** ଜାମ୍ମୁ-କାଶ୍ମୀରସ୍ଥିତ ମା' ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ଓଡ଼ିଆ ଶ୍ରଦ୍ଧାଳୁଙ୍କ ମୃତଦେହ ଓଡ଼ିଶା ଫେରିବ। ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସେମାନଙ୍କ ଶବକୁ ରାଜ୍ୟକୁ ଫେରାଇ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ମୃତକମାନେ ହେଲେ, ସୁବର୍ଣ୍ଣପୁର ଜିଲ୍ଲା ତରଭାର ବିଚିତ୍ର କୁମାର, ଯୋଗୀନ୍ଦ୍ର ମଟାରୀ ଏବଂ କବିତା ସାହୁ। ଏହାସହ, ଏହି ଦୁର୍ଘଟଣାରେ ଆହତ ହୋଇଥିବା ସ୍ନେହଲତା ମଟାରୀଙ୍କୁ

**ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ**

ସେଠାରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଉଛି ବୋଲି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ସୁବର୍ଣ୍ଣପୁର ଜିଲ୍ଲାର ୪ଜଣ ଓଡ଼ିଆ ତୀର୍ଥଯାତ୍ରୀ ଜାମ୍ମୁର କାଟରାଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ।

# ନାଳରେ ବୁଡ଼ି ୨ ଛାତ୍ର ମୃତ

**ରାଉରକେଲା, ୧୭।୧୦(ସମିସ):** ସ୍ଥାନୀୟ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ବିରକେରା ଗାଁରେ ଥିବା ଘାଗରାଇ ନାଳରେ ବୁଡ଼ି ୨ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଦ୍ୱୟ ହେଲେ, ସେକ୍ଟର -୧୫ ଅଞ୍ଚଳର ଓମ୍ ସୁନା ଓ ସେକ୍ଟର -୧ ଅଞ୍ଚଳର ଅନୁରାଗ ଦାସ। ଶୁକ୍ରବାର ସକାଳ ପ୍ରାୟ ୧୧ଟା ବେଳେ ବିଦ୍ୟାଳୟର ୬ଜଣ ଛାତ୍ର ଘରେ ମିଛ କହି ବିରକେରା ଗାଁରେ ଥିବା ଘାଗରାଇ ନାଳକୁ ବୁଲିବାକୁ ଯାଇଥିଲେ। ସମସ୍ତେ ପାଣିରେ ପଶି ଗାଧୋଇବା ସହ ସେଲ୍‌ଫି ନେଇଥିଲେ। ଏହି ସମୟରେ ଓମ୍ ସୁନା ଓ ଅନୁରାଗ ଦାସ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ହଠାତ୍ ସମସ୍ତେ ପାଣିରେ ବୁଡ଼ିବାକୁ ଲାଗିବାରୁ ଚିତ୍କାର କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଭିଜିତ ହୋବୋ, ସୁମିତ ସେଠ୍, ଅଭିଷେକ ସାହୁ ଓ ପ୍ରିତମ ହାସଂଦାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏହାର କିଛି ଘଣ୍ଟା ପରେ ଓମ୍ ଓ ଅନୁରାଗଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ଓମ୍ ଓ ଅନୁରାଗଙ୍କୁ ମୃତ ଘୋଷଣା କରିଥିଲେ। ଅନୁରାଗ କଲ୍ୟାଣୀରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ କମଳାକାନ୍ତ ଦାସଙ୍କ ପୁଅ ଏବଂ ଓମ୍ ବାବୁଲି ସୁନାଙ୍କ ପୁଅ ବୋଲି ସୂଚନା ମିଳିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

# ସାପ କାମୁଡ଼ାରେ ଅଜା-ନାତି ମୃତ

**ଶେରଗଡ଼, ୧୭ ।୧୦ (ସମିସ):** ସାପ କାମୁଡ଼ାରେ ଅଜା-ନାତି ମୃତ। ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା କରଡ଼ାକଣା ପଞ୍ଚାୟତ ଶବରପଲ୍ଲୀ ଗ୍ରାମରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ପଞ୍ଚାନନ ନାଇକ (୫୫) ଓ ତାଙ୍କ ନାତି ରୋଶନ ନାଇକ (୧୦)। ଗୁରୁବାର ରାତିରେ ପଞ୍ଚାନନଙ୍କ ପରିବାର ସଦସ୍ୟ ଖାଇ ପିଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ସାପ ପଞ୍ଚାନନ ଏବଂ ରୋଶନଙ୍କୁ କାମୁଡ଼ି ଦେଇଥିଲା। ଉଭୟଙ୍କ ଚିତ୍କାର ଶୁଣି ପରିବାରଲୋକ ସେମାନଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

### ନୂଆପଡ଼ା ଉପନିର୍ବାଚନ

# ଆପରାଧିକ ତଥ୍ୟ ପରିପ୍ରକାଶ ପାଇଁ ପ୍ରାର୍ଥୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କୁ ସମସ୍ତ ପୂର୍ବବର୍ତ୍ତୀ ଆପରାଧିକ ତଥ୍ୟ ପରିପ୍ରକାଶ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ବାଧ୍ୟତାମୂଳକ ବୋଲି କୁହାଯାଇଛି। ତେଣୁ, ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୪୮ ଘଣ୍ଟା ମଧ୍ୟରେ ମୁଦ୍ରିତ ଗଣମାଧ୍ୟମ, ସ୍ୱକୀୟ ଅଫିସିଆଲ ସୋସିଆଲ ମିଡିଆ ଓ ୱେବସାଇଟ୍ ମାଧ୍ୟମରେ ଫର୍ମ-ସି ୭ର ସୁସ୍ପଷ୍ଟ ପରିପ୍ରକାଶ କରିବେ। ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୭୨ଘଣ୍ଟା ମଧ୍ୟରେ ଫର୍ମ-୮ସି ଓ ଫର୍ମ-ସି ୭ର ନକଲ ସଂଲଗ୍ନ କରି ଭାରତ ନିର୍ବାଚନ ଆୟୋଗଙ୍କ ପାଖକୁ ପ୍ରେରଣ କରିବେ। ନୂଆପଡ଼ା ଉପନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ୨୦ ଅକ୍ଟୋବର ୨୦୨୫କୁ ଧାର୍ଯ୍ୟ କରାଯାଇଛି। ଫର୍ମାଟ୍-ସି(ଏ)କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜରିଆରେ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୪ ରହିଥିବା ବେଳେ ନିର୍ବାଚନ ଆୟୋଗଙ୍କ ନିକଟରେ ଫର୍ମ ୭ ଏକୁ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ ବୋଲି ଏଥିରେ ଦର୍ଶାଯାଇଛି। ଉପରୋକ୍ତ ସମସ୍ତ ଦସ୍ତାବିଜ୍ ଇ-ମେଲ୍ ଜରିଆରେ ନିର୍ବାଚନ ଆୟୋଗ ନିକଟରେ ଦାଖଲ ହେବ। ଉପରୋକ୍ତ ନିର୍ଦ୍ଦେଶାବଳୀକୁ ପାଳନ ନକଲେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ଭାବରେ ବିବେଚିତ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି।

# ଓଡ଼ିଶା ଫେରିବେ ଜାମ୍ମୁ-କାଶ୍ମୀରରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୧୭।୧୦ (ସମିସ):** ଜାମ୍ମୁକାଶ୍ମୀରସ୍ଥିତ ମା' ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁଙ୍କ ମୃତଦେହ ଓଡ଼ିଶା ଫେରିବ। ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସେମାନଙ୍କ ଶବକୁ ରାଜ୍ୟକୁ ଫେରାଇ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ମୃତକମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ତରଭାର ବିଚିତ୍ର କୁମାର, ଯୋଗୀନ୍ଦ୍ର ମଟାରୀ ଏବଂ କବିତା ସାହୁ। ଏହାସହ, ଏହି ଦୁର୍ଘଟଣାରେ ଆହତ ହୋଇଥିବା ସ୍ନେହଲତା ମଟାରୀଙ୍କୁ ସେଠାରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଉଛି ବୋଲି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ସୁବର୍ଣ୍ଣପୁର ଜିଲ୍ଲାର ୪ଜଣ ଓଡ଼ିଆ ତୀର୍ଥଯାତ୍ରୀ ଜାମ୍ମୁର କାଟରାଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ।


**ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ**

### କାଳ ହେଲା ଷ୍ଟଣ୍ଟ କରିବା

# ପେଟ୍ରୋଲ ନିଆଁରେ ପୋଡ଼ି ନବମ ଛାତ୍ର ଗୁରୁତର

**ଗୁରୁତର ଅବସ୍ଥାରେ ଏମ୍ସକୁ ଭର୍ତ୍ତି**

**ସ୍କୁଲ ପରିସରକୁ ପେଟ୍ରୋଲ ଆସିଲା କିପରି ?**



**ବ୍ରହ୍ମଗିରି, ୧୭।୧୦ (ସମିସ):** ପାଟିରୁ ନିଆଁହୁଳା ବାହାର କରିଥା'ନ୍ତେ। ତେଣୁ, ଜଣେ ପାଟିରେ ପେଟ୍ରୋଲ ପୂରାଇଥିବା ବେଳେ ଅନ୍ୟ ଜଣେ ମୁହଁ ଆଗରେ ଦିଆସିଲି ଲଗାଇଥିଲା। ବିଛାମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇବା ଭଳି ଏଭଳି ବିପଜ୍ଜନକ ଷ୍ଟଣ୍ଟ ଆଜି ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ମହଙ୍ଗା ପଡ଼ିଛି। ପେଟ୍ରୋଲ ନିଆଁରେ ପୋଡ଼ି ହୋଇ ସେ ଗୁରୁତର ଆହତ ହୋଇଛନ୍ତି। ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ଖଜୁରିଆ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଆଜି ଏହି ଅଘଟଣ ଘଟିଛି। ଗୁରୁତର ଛାତ୍ରଜଣଙ୍କ ହେଲେ, ଧର୍ମକୀର୍ତ୍ତି ଗ୍ରାମର ଓମ୍ ସତ୍ୟପ୍ରକାଶ ସାହୁ (୧୪)। ତାଙ୍କୁ ପ୍ରଥମେ ରେବେଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଶିବରାମ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଆଜି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବେଳେ ଏହି ଅଘଟଣ ଘଟିଥିଲା। ସତ୍ୟପ୍ରକାଶ ଓ ତା'ର ଜଣେ ସାଙ୍ଗ ଏକ ପେଟ୍ରୋଲ ବୋତଲ ନେଇ ସ୍କୁଲକୁ ଆସିଥିଲେ। ଓମ୍ ପାଟିରେ ପେଟ୍ରୋଲ ପୂରାଇଥିବା ବେଳେ ସିପୁନ ଦିଆସିଲି ମାରି ତା' ମୁହଁ ଆଗରେ ଦେଖାଇଥିଲା। ତେବେ ଏ ସଂପର୍କରେ ଆହୁରି ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ନେବା ଏବଂ କୌଣସି ଦୋକାନରେ ଖୋଲାରେ ପେଟ୍ରୋଲ ବିକ୍ରି ପାଇଁ ରାଜ୍ୟ ସରକାର କଟକଣା ଜାରି କରିଥିବା ବେଳେ ସ୍କୁଲ ପରିସରକୁ କିଭଳି ପେଟ୍ରୋଲ ଆସିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି, ସ୍କୁଲର ଦୁଇ ଛାତ୍ର ଏପରି ଦୁଃସାହସିକ କାର୍ଯ୍ୟ କରୁଥିବା ସ୍କୁଲ ଶିକ୍ଷକ/ଶିକ୍ଷୟିତ୍ରୀମାନେ କ'ଣ କରୁଥିଲେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

### ପୀତବାସ ହତ୍ୟାକାଣ୍ଡକୁ ୧୨ ଦିନ ବିତିଲା

# ରହସ୍ୟ ଭେଦିପାରୁନି ପୁଲିସ

**ବ୍ରହ୍ମପୁର, ୧୭।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ୧୨ ଦିନ ବିତିଛି। ତଦନ୍ତରେ ଯଦିଓ ଅଗ୍ରଗତି ଘଟିଛି ଏବଂ ପୁଲିସକୁ କିଛି ସଫଳତା ମିଳିଛି, ତଥାପି ଏପର୍ଯ୍ୟନ୍ତ ହତ୍ୟାକାଣ୍ଡର ରହସ୍ୟ ଭେଦ କରିପାରିନି ପୁଲିସ। ବର୍ତ୍ତମାନ ସୁଦ୍ଧା ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୮ ଜଣଙ୍କୁ ଅଟକ ରଖି ଜେରା କରାଯାଉଛି। ଅଟକଙ୍କ ମଧ୍ୟରେ ବିହାରର ୨ଜଣ, ପଶ୍ଚିବଙ୍ଗରୁ ଜଣେ, ଦିଲ୍ଲୀରୁ ଜଣେ, ଆନ୍ଧ୍ରପ୍ରଦେଶରୁ ଜଣେ ଏବଂ ବ୍ରହ୍ମପୁରରୁ ୩ଜଣ ସାମିଲ ଥିବା ଜଣାପଡ଼ିଛି। ପଶ୍ଚିବଙ୍ଗରୁ କାବୁ କରାଯାଇଥିବା ଯୁବକଜଣଙ୍କ ଗଞ୍ଜାମ ଜିଲ୍ଲା ଏରେଣ୍ଡ୍ରା ଅଞ୍ଚଳର ବୋଲି ସୂଚନା ମିଳିଛି। ସେହିଭଳି ବ୍ରହ୍ମପୁରର ଜଣେ ପୂର୍ବତନ ଛାତ୍ରନେତାଙ୍କୁ ଦିଲ୍ଲୀରୁ ପୁଲିସ ଉଠାଇ ଆଣିଥିବା ବେଳେ ସେ ଗଜପତିନଗର ନିବାସୀ ବୋଲି କୁହାଯାଉଛି। ଅନୁରୂପ ଭାବେ ସହରର ଜଣେ ଜଣାଶୁଣା ମଦ ବ୍ୟବସାୟୀଙ୍କ ସମେତ ଜଣେ କର୍ପୋରେଟର୍‌ଙ୍କୁ ମଧ୍ୟ ପୁଲିସ ଅଟକ ରଖି ଜେରା କରୁଛି। ଅଟକ କର୍ପୋରେଟର୍‌ଙ୍କୁ ୩ ଦିନ ଧରି ଜେରା କରାଯାଉଥିବା ବେଳେ ଦିଲ୍ଲୀରୁ କାବୁ ହୋଇଥିବା ପୂର୍ବତନ ଛାତ୍ରନେତାଙ୍କ



**କର୍ପୋରେଟର, ମଦ ବ୍ୟବସାୟୀ ଓ ପୂର୍ବତନ ଛାତ୍ରନେତାଙ୍କ ସମେତ ୮ ଅଟକ**

**ମେଳ ଖାଉଛି କାହ୍ନୁ ପତିଙ୍କ 'ଆନ୍ଧ୍ର ବନ୍ଧୁକ ଓ ବିହାରୀ କିଲର୍' ବୟାନ**

**ହତ୍ୟାର କାରଣ ଓ ସୁପାରି ପରିମାଣର ଖୋଳତାଡ଼ କରୁଛି ପୁଲିସ**

ମୋବାଇଲ ଓ ସିମ୍‌କୁ ପୁଲିସ ଜବତ କରିଛି। ସୁପାରି କିଲରଙ୍କୁ ସହଯୋଗ କରିଥିବା ତଥା ରେକି ଟିମ୍‌ରେ ସାମିଲ ଥିବା ଜଣେ ଯୁବକଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖପାଟଣାରୁ କାବୁ କରାଯାଇ ଜେରା କରାଯାଉଛି।

ଅନ୍ୟପକ୍ଷରେ, ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ ଯୋଗୁ ପୁଲିସ ସୁପାରି କିଲରଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲା। ବ୍ରହ୍ମପୁରରେ ଅବସ୍ଥାନ ସମୟରେ ଜଣେ ବିହାରି ସୁପାରି କିଲର ନିଜର ସମ୍ପର୍କୀୟ ଭାଇଙ୍କ ଆକାଉଣ୍ଟକୁ କିଛି ଟଙ୍କା ପଠାଇଥିଲେ। ନିଜ ନିକଟରେ ଥିବା ନଗଦ ଟଙ୍କାକୁ ପଠାଇବାରେ ସମସ୍ୟା ହେବାରୁ ସେ ସ୍ଥାନୀୟ ଗୋଇଲୁଣ୍ଡିସ୍ଥିତ ଏକ ରିଚାର୍ଜ ଦୋକାନକୁ ଯାଇ ସମ୍ପୃକ୍ତ ଦୋକାନୀଙ୍କୁ ନଗଦ ଟଙ୍କା ଦେଇ ଅନ୍‌ଲାଇନରେ ସମ୍ପର୍କୀୟ ଭାଇଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ସେମାନଙ୍କ ନିକଟରେ ପହଞ୍ଚିବାରେ ପୁଲିସ ପାଇଁ ଏହା ସହାୟକ ହୋଇଥିଲା। ସୁପାରି କିଲର୍ ବିହାରୀ ହୋଇଥିଲେ ହେଁ ହତ୍ୟାକାଣ୍ଡରେ ଆନ୍ଧ୍ର ବନ୍ଧୁକ ବ୍ୟବହାର ହୋଇଥିବା ନେଇ ସନ୍ଦେହ ଘନୀଭୂତ ହୋଇଛି। ଫଳରେ ପୀତବାସଙ୍କ ହତ୍ୟାକୁ ନେଇ ପୂର୍ବତନ ଜିଲ୍ଲା ବିଜେପି ସଭାପତି କାହ୍ନୁ ପତିଙ୍କ ବୟାନ ଓ ତଦନ୍ତର ଦିଗରେ ଅନେକ ସାମଞ୍ଜସ୍ୟ ରହୁଥିବା ଦେଖିବାକୁ ମିଳିଛି।

ପୂର୍ବରୁ ଯଦିଓ କାହ୍ନୁ ପତିଙ୍କ ମନ୍ତବ୍ୟକୁ ନେଇ ଅନେକେ ଅସନ୍ତୋଷବ୍ୟକ୍ତ କରିଥିଲେ, କିନ୍ତୁ ସେଥିରେ ଅନେକାଂଶରେ ସତ୍ୟତା ଥିବା କୁହାଯାଉଛି। କାହ୍ନୁ କୌଣସି ସୂତ୍ରରୁ ଖବର ପାଇବା ପରେ ହିଁ ଗଣମାଧ୍ୟମକୁ ଏଭଳି ମନ୍ତବ୍ୟ ଦେଇଥିଲେ। ଏପରିକି, ସୁପାରି କିଲରମାନେ ସେପ୍ଟେମ୍ବର ୨୬ରୁ ପୀତବାସଙ୍କୁ ପିଛା କରୁଥିବା ନେଇ କାହ୍ନୁ ବୟାନ ଦେଇଥିବା ବେଳେ ଉଭୟ ସୁପାରିକିଲର୍ ସେପ୍ଟେମ୍ବର ୧୨ରୁ ବ୍ରହ୍ମପୁରକୁ ଆସିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ ବେଳେ ସ୍ପଷ୍ଟ ଜଣାପଡ଼ିଛି। ରାଜ୍ୟ ବାହାରୁ ଆମଦାନୀ ହୋଇଥିବା ସୁପାରୀ କିଲରଙ୍କୁ ପୀତବାସଙ୍କ ହତ୍ୟା ପାଇଁ କେତେ ଟଙ୍କାର ଡିଲ୍ ହୋଇଥିଲା ଏବଂ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଥିଲା, ସେନେଇ ଅଟକ ବ୍ୟକ୍ତିଙ୍କଠାରୁ ତଥ୍ୟ ଓଗାଳିବାକୁ ଚେଷ୍ଟା କରୁଛି ପୁଲିସ। ସେହିଭଳି ଚିହ୍ନଟ ଦୁଇ ସୁପାରି କିଲରଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ଜଣେ ଫେରାର୍ ରହିଛି। ଫଳରେ ଫେରାର୍ ସୁପାରି କିଲରର ଭାଇକୁ ପୁଲିସ ଉଠାଇ ଆଣିଛି। ଆମ୍ବପୁଆ ରିଜର୍ଭ ପୁଲିସ ବାରାକ୍‌ରେ ଅଟକ ସମସ୍ତ ୮ ଜଣଙ୍କୁ ଜେରା କରୁଛି। ହତ୍ୟାକାଣ୍ଡ ପଛରେ ବାଲି ଚାଲାଣ ଲିଙ୍କ୍ ଏକ ପ୍ରମୁଖ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ବିରୋଧରେ ମନ୍ତବ୍ୟ

# ୫ ବିଦ୍ୟାର୍ଥୀ ବହିଷ୍କୃତ

**କୋରାପୁଟ, ୧୭।୧୦ (ସମିସ):** ବିଭାଗୀୟ ମୁଖ୍ୟଙ୍କ ସମେତ ଅନ୍ୟ ଅଧ୍ୟାପକମାନଙ୍କ ସମ୍ପର୍କରେ ହ୍ୱାଟ୍‌ସଆପ୍ ଗ୍ରୁପରେ ଅଶ୍ଳୀଳ ଭାଷାରେ ଟିକାଟିପ୍ପଣୀ ପୋଷ୍ଟ କରିବା ଅଭିଯୋଗରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଜଣେ ଛାତ୍ରୀଙ୍କ ସହ ୫ଜଣଙ୍କୁ ବହିଷ୍କାର କରାଯାଇଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସଂପୃକ୍ତ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା ନକରି, ତରବରିଆ ଭାବେ ୫ଜଣ ବିଦ୍ୟାର୍ଥୀଙ୍କୁ ଅନୁଷ୍ଠାନରୁ ବଧ୍ୟତାମୂଳକ ଭାବେ ବାହାର କରିଦେବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟଠାରେ କୃଷି ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଏକ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ଗ୍ରୁପ୍ କରି ବିଭିନ୍ନ ବିଷୟରେ ଗ୍ରୁପ୍‌ରେ ପୋଷ୍ଟ କରିଥାନ୍ତି। କିଛି ଛାତ୍ର ଗତ ମାସରେ ଉକ୍ତ ଗ୍ରୁପ୍‌ରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଓ ଅନ୍ୟ ସହକର୍ମୀଙ୍କ ବିଷୟରେ ଅଶ୍ଳୀଳ ଟିପ୍ପଣୀ ସବୁ ପୋଷ୍ଟ କରିଥିଲେ। ଗ୍ରୁପ୍‌ର ଜଣେ ସଦସ୍ୟ ଉକ୍ତ ଟିପ୍ପଣୀଗୁଡ଼ିକ ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କୁ ପଠାଇଥିଲେ।

## ୨୦ ତାରିଖରେ ଦୀପାବଳି ଛୁଟି!

**ଭୁବନେଶ୍ୱର, ୧୭।୧୦(ସମିସ):** ଆସନ୍ତା ୨୦ ତାରିଖ ଅର୍ଥାତ ସୋମବାର ଦିନ ଦୀପାବଳି ପାଇଁ ସରକାରୀ ଛୁଟି ରହିବ। ରାଜସ୍ୱ ବିଭାଗ ପକ୍ଷରୁ ୨୦ ତାରିଖକୁ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରସ୍ତାବ ଦିଆଯାଇଥିଲା। ଏହାପରେ ସୋମବାରକୁ ଛୁଟି ଘୋଷଣା କରାଯାଇଥିବା ନେଇ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। କାରଣ ପୂର୍ବରୁ ସରକାରୀ କ୍ୟାଲେଣ୍ଡରରେ ରାଜ୍ୟ ସରକାର ୨୧ ତାରିଖକୁ ଦୀପାବଳି ଛୁଟି ଭାବେ ଘୋଷଣା କରିଥିଲେ। ହେଲେ ଦୀପାବଳି ପାଳନ ନେଇ ଅନେକ ସ୍ଥାନରେ ଦ୍ୱନ୍ଦ୍ୱ ଉପୁଜିବା ପରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପର୍ଯ୍ୟନ୍ତ କଥା ଯାଇଥିଲା। ପରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ବୈଠକ ହୋଇ ରାଜ୍ୟରେ ୨୦ରେ ଦୀପାବଳି ଏବଂ ପୟାଶ୍ରାଦ୍ଧ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାପରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଛୁଟିକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଏହାରି ମଧ୍ୟରେ ସରକାର ୨୦ ତାରିଖକୁ ଆପାତତଃ ଛୁଟି ଘୋଷଣା କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

## ନୂଆପଡ଼ା ସମର | ବିଜେଡିର ୪୦ ବ୍ରିଗେଡ୍

**ଭୁବନେଶ୍ୱର, ୧୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ନିଜର ଷ୍ଟାର କ୍ୟାମ୍ପେନର (ତାରକା ପ୍ରଚାରକ) ତାଲିକା ଜାରି କରିଛି। ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ତାରକା ପ୍ରଚାରକ ତାଲିକାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୀର୍ଷରେ ରହିଛନ୍ତି। ଏହାସହିତ ଦଳ ଷ୍ଟାର ପ୍ରଚାରକ ଭାବେ ବହୁ ବରିଷ୍ଠ ନେତାଙ୍କ ସମେତ ଯୁବ ନେତୃତ୍ୱ ବିଧାୟକ ଓ ସାଂସଦମାନଙ୍କୁ ମଧ୍ୟ ଏଥିରେ ସାମିଲ କରିଛି।

**୪୦ ତାରକା ପ୍ରଚାରକଙ୍କ ତାଲିକା ଜାରି**

୪୦ ଜଣିଆ ତାଲିକାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଂଜନ ପୂଜାରୀ, ଡଃ ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଂଜୟ କୁମାର ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ସାରଦା ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରୀତିରଂଜନ ଘଡାଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁନ୍ନା ଖାଁ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂହ, ନିରଂଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂହ ବରିହା, ଦୀପାଳି ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ପ୍ରମୁଖ ଟିମ୍‌ରେ ସାମିଲ ଅଛନ୍ତି।




ଏହା ପୂର୍ବରୁ ଗୁରୁବାର ନୂଆପଡ଼ାରେ ପ୍ରଚାର କାର୍ଯ୍ୟକ୍ରମକୁ କିପରି ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇ ହେବ ସେନେଇ ବିଜେଡି ଏକ ୫୨ ଜଣିଆ ଟିମ୍ ଗଠନ କରିଛି। ନିଜେ ବିଜେଡି ସଭାପତି ଏହି ଟିମ୍ ଘୋଷଣା କରିବା ସହିତ ବ୍ଲକ୍‌ୱାରୀ ନେତାଙ୍କୁ ମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ ପାଇଁ ମୋଟ ୧୮ ଜଣ ଲେଖାଏଁ ୨ ଟି ଟିମ୍ ଓ ଖରିଆର୍ ରୋଡ ଏନଏସି ଏବଂ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

## କଠୋର ହେଲା ପରିବହନ ବିଭାଗ | ଅଭ୍ୟାସଗତ ଉଲ୍ଲଘଂନକାରୀଙ୍କ 'ଆର୍‌ସି' ରଦ୍ଦ ହେବ

**କଟକ, ୧୭।୧୦(ସମିସ):** ଏଣିକି ଅଭ୍ୟାସଗତ ଭାବେ ମୋଟରଯାନ ଆଇନ ନିୟମ ଉଲ୍ଲଘଂନକାରୀଙ୍କ ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ରଦ୍ଦ କରାଯିବ। ପରିବହନ କମିସନରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଛି। ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ପକ୍ଷରୁ ଏହି ଉଲ୍ଲଂଘନକାରୀମାନଙ୍କ ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କୁ ଚାଲାଣ ପୈଠ କରିବାକୁ ପଞ୍ଜିକୃତ ନମ୍ବରରେ ସୂଚନା ପ୍ରଦାନ କରାଯିବ। ଏହାପରେ ବି ନିୟମ ଉଲ୍ଲଘଂନକାରୀ ବକେୟା ଚାଲାଣ ପୈଠ ନ କଲେ, ମୋଟରଯାନ ଆଇନ ଅନୁଯାୟୀ ଆରଟିଓମାନେ ନୋଟିସ୍ ପଠାଇବେ। ରାସ୍ତାରେ ଅନ୍ୟମାନଙ୍କ ପାଇଁ ବିପଦ ସାଜୁଥିବା ଏଭଳି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ଆୟୁକ୍ତ।

ବୈଠକରେ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଉପ-ପରିବହନ ଆୟୁକ୍ତ, ଆର୍‌ଟିଓ, ଅତିରିକ୍ତ ଆର୍‌ଟିଓ ପ୍ରମୁଖ ଆଭାସୀରେ ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଧିକ ସଂଖ୍ୟାରେ ଚାଲାଣ ବକେୟା ଥିବା ଗାଡ଼ିର ତାଲିକା ପ୍ରସ୍ତୁତ କରାଯିବ।



## ଫେବୃଆରୀ ତୃତୀୟ ସପ୍ତାହରୁ +୨ ପରୀକ୍ଷା

**ଭୁବନେଶ୍ୱର, ୧୭।୧୦(ସମିସ):** ଯୁକ୍ତ ଦୁଇ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍ଏସ୍ଇ। ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖରୁ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ହେବ। ସେହିପରି ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା କରିବା ପାଇଁ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। ଏହାପରେ ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ନୂତନ ଭାବେ ୮୯ ପରୀକ୍ଷା କେନ୍ଦ୍ର ଖୋଲିବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ ରୁ ୨୫ ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍ଏସ୍ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ଏକ୍ସ-ରେଗୁଲାର ପିଲାଙ୍କ ଫର୍ମ ପୂରଣ ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ଯାଏଁ ଚାଲିବ। ସେହିପରି ରେଗୁଲାର୍ ଛାତ୍ରଛାତ୍ରୀମାନେ ଆସନ୍ତା ୨୦ରୁ ନଭେମ୍ବର ୬ ତାରିଖ ମଧ୍ୟରେ ବିନା କୌଣସି ଫାଇନ୍‌ରେ ଫର୍ମ ପୂରଣ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ ପୂରଣ କରିପାରି ନ ଥିବା ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଡିସେମ୍ବର ୨୨ ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହେବ। ଦୁଇଟି ସ୍ଲଟରେ ଜାନୁଆରୀ ୧୫ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପ୍ରଥମ ସ୍ଲଟରେ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସମେଣ୍ଟ, ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ସରିବ। ଏହାପରେ ଦ୍ୱିତୀୟ ସ୍ଲଟରେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଏହି ସମୟରେ ପରୀକ୍ଷା ଦେଇପାରି ନଥିବା ଛାତ୍ରଛାତ୍ରୀଙ୍କୁ ଜାନୁଆରୀ ୧୦ ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେବାକୁ ଆଉ ଏକ ସୁଯୋଗ ମିଳିବ।

**ନୂତନ ଭାବେ ଖୋଲିବ ୮୯ ପରୀକ୍ଷା କେନ୍ଦ୍ର**

ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗ ରୁମ୍ ସମେତ ପରୀକ୍ଷା ହଲ୍, ଲାବୋରାଟୋରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍ଏସ୍ଇ ଗୁରୁତ୍ୱ ଦେଇଛି। ବିଶେଷ କରି ପ୍ରଥମଥର ପାଇଁ ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ନଭେମ୍ବର ୨୯ ତାରିଖ ସୁଦ୍ଧା ସିଏଚ୍ଏସ୍ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧାପ୍ରସାରଣ ଦେଖିବା ସହ ସିଏଚ୍ଏସ୍ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

**ପୁଲିସ୍ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲା**

## ଜେଲରେ ଜେରା କରିବ କ୍ରାଇମବ୍ରାଞ୍ଚ

**ବ୍ରହ୍ମପୁର, ୧୭।୧୦ (ସମିସ):** ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ପୂର୍ବରୁ ୧୧୯ଜଣ ଗିରଫ ହୋଇଥିବା ବେଳେ ମୁନା ମହାନ୍ତିଙ୍କ ସମେତ ୪ଜଣ ଗିରଫ ଅଭିଯୁକ୍ତଙ୍କୁ ଆଜି କ୍ରାଇମବ୍ରାଞ୍ଚ କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

**ଜେଲ ଗଲେ ମୁନ୍ନା ସମେତ ୪ ଅଭିଯୁକ୍ତ**

ସେହିପରି ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କଠାରୁ ଅଧିକ ତଥ୍ୟ ହାସଲ କରିବା ଲକ୍ଷ୍ୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୧୧୯ ଜଣ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ପକ୍ଷରୁ ଅନୁମତି ମିଳିବା ପରେ ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ଯୋଜନା କରାଯାଇଥିଲା। ହେଲେ ୧୧୯ ଅଭିଯୁକ୍ତଙ୍କୁ ବାହାରକୁ ଆଣି ପଚରାଉଚରା କରିବାକୁ ଆବଶ୍ୟକ ବ୍ୟବସ୍ଥା ନଥିବାରୁ ଅଭିଯୁକ୍ତଙ୍କୁ ଜେଲ୍ ଭିତରେ ହିଁ ଜେରା କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଯୋଜନା ହୋଇଛି।

ବିଶେଷକରି ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ଏହି ଜାଲିଆତିରେ ସାମିଲ ପାଇଁ କେଉଁ କେଉଁ ବ୍ୟକ୍ତି ଯୋଗାଯୋଗ କରିଥିଲେ, କେଉଁ ଉପାୟରେ ସେମାନଙ୍କୁ ଯୋଗାଯୋଗ କରାଯାଇଥିଲା, ସେମାନଙ୍କଠାରୁ କିଏ ସାର୍ଟିଫିକେଟ୍ ନେଇଥିଲା, ଟଙ୍କା କିଏ ନେଇଥିଲେ, ପରୀକ୍ଷାର୍ଥୀମାନେ କେମିତି ଟଙ୍କା ଦେଇଥିଲେ, ପରୀକ୍ଷାରେ କୃତକାର୍ଯ୍ୟ କରାଇଦେବାକୁ କ'ଣ ସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସେମାନେ କାହା ଲିଙ୍କରେ ରହିଥିଲେ, କେବେଠାରୁ ଯୋଗାଯୋଗ ସ୍ଥାପନ ହୋଇଥିଲା; ଆଦି ସଂପର୍କରେ କ୍ରାଇମବ୍ରାଞ୍ଚ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

## ୬ ବର୍ଷର ଶିଶୁକୁ ନିର୍ମମ ହତ୍ୟା

**ପାପଡ଼ାହାଣ୍ଡି, ୧୭।୧୦(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଥାନା ଅନ୍ତର୍ଗତ କୃଷ୍ଣଗୁଡ଼ା ଗ୍ରାମରେ ୬ ବର୍ଷର ଏକ ଶିଶୁକୁ ନିର୍ମମ ହତ୍ୟା କରାଯାଇଛି। ମୃତ ଶିଶୁଜଣଙ୍କ ହେଲା, ଗ୍ରାମର ଶିବ ମହୁରିଆଙ୍କ ପୁଅ ମଜେଶ ମହୁରିଆ(୬)। ମଜେଶ ଆଜି ସକାଳେ ଘର ବାହାରେ ଖେଳୁଥିବା ବେଳେ ହଠାତ୍ ଅନ୍ତର୍ଧ୍ୟାନ ହୋଇଯାଇଥିଲା। ପରିବାରଲୋକ ବହୁ ଖୋଜାଖୋଜି କରି ମଧ୍ୟ ନିରାଶ ହୋଇଥିଲେ। ତେବେ ଦିନ ପ୍ରାୟ ସାଢ଼େ ୧ଟାରେ ଏକ ପରିତ୍ୟକ୍ତ ଘରୁ ତା' ଶବ ଉଦ୍ଧାର ହୋଇଥିଲା। ଶିବଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୧୪ବର୍ଷୀୟ ଜଣେ ନାବାଳକକୁ ଅଟକ ରଖି ପଚରାଉଚରା କରୁଛି। ତେବେ ପ୍ରକୃତରେ କିଏ ହତ୍ୟା କରିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ୍ ସମସ୍ତ ଦିଗକୁ ତଦନ୍ତ କଲା ପରେ ହିଁ ସ୍ପଷ୍ଟ ହେବ ବୋଲି ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକର ଓ ଆଇଆଇସି ଦୀପକ କୁମାର ଜେନା କହିଛନ୍ତି। ଅପରପକ୍ଷେ, ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।




Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below.

| Date | Time | Location |
| --- | --- | --- |
| 26th October, 2025 | 12:00 PM | Sambalpur |

Venue: Hotel Royal Retreat, Ainthapali, Sambalpur-768006
Name: Shib Prasad Joshi | Mob. No.: 8657417350

Nippon Life India Asset Management Limited| CIN:L65910MH1995PLC220793

Mutual Fund investments are subject to market risks, read all scheme related documents carefully.





### ଆରମ୍ଭ ହେଲା ରାଜପଥ କାର୍ଯ୍ୟ; ମିଳିଲା ପ୍ରତିଶ୍ରୁତି

# ୧୩ ଦିନ ପରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ପ୍ରତ୍ୟାହୃତ

ତାଳଚେର,୧୭ ।୧୦(ସମିସ)



ରାଜପଥ ନିର୍ମାଣ, ମରାମତି ଆଦି ଦାବିରେ ତାଳଚେର ନୂଆ ବଲଣ୍ଡାଠାରେ ଶାନ୍ତିପୂର୍ଣ୍ଣ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଚାଲିଥିବା ବେଳେ ୧୩ତମ ଦିନରେ ଆନ୍ଦୋଳନକୁ ଦୁଇଘଣ୍ଟା ବଦଳରେ ୧୦ଘଣ୍ଟା କରିବା ଦ୍ୱାରା ଏଥିରେ ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀ ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇଛନ୍ତି । ଆନ୍ଦୋଳନ ଜୋରଦାର କରିବା ଯୋଗୁଁ ଗାଡ଼ିମଟର ଅଟକିଯିବା ସହ ରେଳ ଯୋଗେ ମଧ କୋଇଲା ଚାଲାଣ ବନ୍ଦ ହୋଇଯାଇଥିଲା । ଏଥିରେ ବିଚଳିତ ହୋଇ କୋଇଲା ଖଣି କର୍ତ୍ତୃପକ୍ଷ ଓ କଣିହାଁ ତହସିଲଦାର ଆନ୍ଦୋଳନ ସ୍ଥଳକୁ ଆସି ସମାଧାନ କରିବା ପାଇଁ ବୈଠକ କରିଥିଲେ । ତେବେ ରାସ୍ତା ଅବସ୍ଥା ଶୋଚନୀୟ ଥିବା ଅନୁଭବ କରି ଆଜିଠାରୁ ମରାମତି କାର୍ଯ୍ୟ ଆରମ୍ଭ କରିବା ସହ ୧୫ଦିନ ମଧରେ ରାସ୍ତାକୁ ସମ୍ପୂର୍ଣ୍ଣ ଯାତାୟାତ ଉପଯୋଗୀ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ସୂଚନାଯୋଗ୍ୟ, ତାଳଚେର ଗୋଡ଼ିବନ୍ଧଠାରୁ ବଅଁରପାଳ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟର କଚ୍ଛପ ଗତି, ଖାଲଖମା ରାସ୍ତା ମରାମତି ଓ ଗୋଡ଼ିନନ୍ଧଠାରୁ ଏନଟିପିସି ପର୍ଯ୍ୟନ୍ତ ରାସ୍ତାକୁ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ତୁରନ୍ତ ନିର୍ମାଣ କରାଯିବା, ନଚେତ୍ ଜାତୀୟ ରାଜପଥ ବିଭାଗକୁ ରାସ୍ତା ହସ୍ତାନ୍ତର କରିବା ପାଇଁ ପଦକ୍ଷେପ ନେବା ଦାବିରେ ପୂର୍ବତନ ସାଂସଦ ମହେଶ ସାହୁଙ୍କ ଆହ୍ୱାନ କ୍ରମେ ତାଳଚେର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅର୍ଥନୈତିକ ଆନ୍ଦୋଳନ ଜାରି ରହିଥିଲା । ଗୁରୁବାର ୧୩ତମ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ଦ୍ୱାରା ପ୍ରଶାସନର ନିଦ ଭାଙ୍ଗିଛି । ଏହି ଆଲୋଚନା ବୈଠକରେ ପୂର୍ବତନ ସାଂସଦ ସାହୁ ଯୋଗଦେଇ ତୁରନ୍ତ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ଖାଲଖମା ରାସ୍ତାର ମରାମତି କରିବାକୁ କମ୍ପାନୀ ଓ ପ୍ରଶାସନ ନିକଟରେ ଦାବି କରିଥିଲେ । ଅବିଳମ୍ବେ ଗୋଡ଼ିବନ୍ଧ-ଏନଟିପିସି ରାସ୍ତାକୁ ଯାତାୟାତ ଉପଯୋଗୀ କରିବାକୁ କହିଥିଲେ । ବୈଠକରେ ଆନ୍ଦୋଳନକାରୀଙ୍କ ମଧ୍ୟରୁ ହରିହରପୁର ପଞ୍ଚାୟତ ସଭାପତି ସୌଭାଗ୍ୟ ପ୍ରଧାନ, ବାବୁଲା ଶତପଥୀ, ସୁରେଶ ନନ୍ଦ,ଙ୍କ ସମେତ ଶତାଧିକ ପ୍ରତିନିଧି ସାମିଲ ଥିଲେ ।

## ପୁରୁଣାଗଡ଼ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ



ଅନୁଗୋଳ,୧୭ ।୧୦(ସମିସ): ଅନୁଗୋଳ ବ୍ଲକ ଶିକ୍ଷା ବିଭାଗ ପୁରୁଣାଗଡ଼ କ୍ଲଷ୍ଟର ଆନୁକୂଲ୍ୟରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭାର ବିକାଶ ନିମନ୍ତେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ପୁରୁଣାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି ।

ଏହି କ୍ଲଷ୍ଟର ଅନ୍ତର୍ଗତ ୧୩ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । କ୍ଲଷ୍ଟର ସ୍ତରରେ ପ୍ରତ୍ୟେକ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏହି ସମାରୋହରେ ବିଇଓ ଅଶୋକ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ସୁବାସ ଚନ୍ଦ୍ର ସାହୁ, ସିଆରସିସି ବିନୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ । ଏବିଇଓ ସଂସାର ଭୋଇ ଏବଂ ଶିବ ମାଝୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ବଇଣ୍ଡାରେ ନୂଆଖାଇ ଭେଟଘାଟ



କିଶୋରନଗର/ବଇଣ୍ଡା,୧୭ ।୧୦ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ଅସହାୟ ସହାୟତା କମିଟି ପକ୍ଷରୁ ବୁଧବାର ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି । କମିଟି ସଭାପତି କ୍ଷୀରେନ୍ଦ୍ର ମୋହନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପରମ୍ପରା ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଥିଲେ । ବଇଣ୍ଡା ଅଞ୍ଚଳର ବିକାଶ ଉପରେ ଅଧିକ ଦୃଷ୍ଟି ଦେବେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅର୍ଜୁନ କୁମାର ସାହୁ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଲୁହାମୁଣ୍ଡା ଗ୍ରାମ ସଭାପତି ବିବେକାନନ୍ଦ ବିଶ୍ୱାଳ, ଯୁବନେତା ତପନ ସାହୁ, ଦିଲୀପ ବିଶ୍ୱାଳ, ଉତ୍ତମ ମାତିଆରି, ଜଳଧର ସାହୁ, ପ୍ରମୋଦ କୁମାର ପ୍ରଧାନ, କବୀନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ବେହେରା ଓ କୁମୁଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜୈବିକ ପଦ୍ଧତିରେ ଚାଷକରି ସୁନାମ ଅର୍ଜନ କରିଥିବା ଛେଣ୍ଡିପଦା ବ୍ଲକ୍ ଡୁକୁଡ଼ା ଗ୍ରାମର ପ୍ରତାପ କୁମାର ପ୍ରଧାନ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ସାହୁ, ରାକେଶ ମିଶ୍ର, ସଚ୍ଚିଦାନନ୍ଦ ସାହୁ, ସସ୍ମିତା ସାହୁ, ଓ ଦୀପକ ସାହୁଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ଅନୁଷ୍ଠାନ ପ୍ରତ୍ୟେକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଜଡ଼ିତ ରମେଶ ଟ୍ରିବୁୱାଲ୍‌ଙ୍କୁ ମଧ ସମ୍ମାନିତ କରିଥିଲେ । ଏ ଅବସରରେ ବିଧାୟକଙ୍କ ପାଣ୍ଠିରେ ବଇଣ୍ଡା କଲ୍ୟାଣ ମଣ୍ଡପର ଶୀତତାପ ନିୟନ୍ତ୍ରିତ ସଭାଗୃହକୁ ବିଧାୟକ ପ୍ରଧାନ ଉଦଘାଟନ କରିଥିଲେ । ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଲଟେରୀ ମାଧ୍ୟମରେ ମା'ଙ୍କ ଆଞ୍ଚାଲଡୁ ପାଇଲେ କୁନିପୁଅ ରିଦ୍ଧିଶ



କିଶୋରନଗର,୧୭ ।୧୦(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ପଞ୍ଚାୟତ ଖଣ୍ଡହତା-ପିପଳବାହାଳ ଗଜଲକ୍ଷ୍ମୀ ପୂଜା ଅବସରରେ ଗୁରୁବାର ଲଟେରୀ ମାଧ୍ୟମରେ ମା'ଙ୍କ ଆଞ୍ଚାଲଡୁ ନିଲାମ ହୋଇଛି । ଲଟେରୀରେ ଧଉରାପାଲ୍ଲୀର ସୁରେଶ ପ୍ରଧାନଙ୍କ କୁନିପୁଅ ରିଦ୍ଧିଶ ପ୍ରଧାନ ଆଞ୍ଚାଲଡୁ ପାଇଛନ୍ତି । କଂସ ଦରବାରରେ ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ରିଦ୍ଧିଶଙ୍କୁ ଆଞ୍ଚାଲଡୁ ପ୍ରଦାନ କରିଥିଲେ ।

● ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବିଡିଓ

## ମେଳିହେଲେ ବଏଜା ଗ୍ରାମବାସୀ

କିଶୋରନଗର,୧୭ ।୧୦(ସମିସ): କିଶୋରନଗର ବ୍ଲକ ବଏଜା ଗ୍ରାମରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ବିଡିଓ ବାଧା ସୃଷ୍ଟି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।



ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ସରକାରଙ୍କ ବିଭିନ୍ନ ଯୋଜନାରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟର ବିଲ୍ ହେଉନାହିଁ । ଏଥିସହ ବିଭିନ୍ନ କାର୍ଯ୍ୟର ଫାଇଲ୍ ଅଫିସରୁ ହଜିଯାଉଛି । ଏ ନେଇ ଶୁକ୍ରବାର ଗ୍ରାମରେ ମେଳି ହୋଇଛନ୍ତି ବହୁ ସଂଖ୍ୟାରେ ମହିଳା ଓ ପୁରୁଷ । ଆଗାମୀ ଦିନରେ ବିଡିଓଙ୍କ ବିରୋଧରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଗାଁ ରାସ୍ତା ମରାମତି କଲେ ସାମାଜସେବୀ



ବଅଁରପାଳ,୧୭ ।୧୦(ସମିସ): ବଅଁରପାଳ ବ୍ଲକ ଗଡ଼ ବୁଢ଼ାପଙ୍କ ପଞ୍ଚାୟତ ବଗଚର ଗ୍ରାମକୁ ଯାଇଥିବା ରାସ୍ତା ଦୀର୍ଘଦିନ ହେବ ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇ ଶୋଚନୀୟ ଅବସ୍ଥାରେ ଥିଲା । ରାସ୍ତାରେ ଯାତାୟାତ କଷ୍ଟକର ହୋଇପଡ଼ିଥିଲା । ସ୍କୁଲ କିମ୍ବା ଡାକ୍ତରଖାନା ଯିବାକୁ ବହୁ ହଇରାଣ ହେବାକୁ ପଡୁଥିଲା । ଏନେଇ ଗ୍ରାମବାସୀ ପ୍ରଶାସନଠାରୁ ଆରମ୍ଭ କରି ନେତାମାନଙ୍କୁ ଗୁହାରି କରି ନିରାଶ ହୋଇଥିଲେ । ଶେଷରେ ଗ୍ରାମର ଯୁବକମାନେ ସମାଜସେବୀ ମହେଶ୍ୱର ବେହେରାଙ୍କ ପାଖକୁ ଆସି ରାସ୍ତା ସମସ୍ୟା ସମାଧାନ ପାଇଁ ଗୁହାରି କରିଥିଲେ । ପରେ ବେହେରା ରାସ୍ତାର ଖାଲଖମାକୁ ସ୍ଲାଗ୍ ଓ ମାଟି ପକାଇ ନିର୍ମାଣ କରିଥିଲେ । ଏ ନେଇ ଗ୍ରାମବାସୀ ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଛେଣ୍ଡିପଦା,୧୭ ।୧୦(ସମିସ) : ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ପାଟକୁମୁଣ୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପାଟକୁମୁଣ୍ଡା କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପାଟକୁମୁଣ୍ଡା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସିଆର୍‌ସିସି ଦିଲୀପ କୁମାର ସାହୁ ପରିଚାଳନା କରିଥିଲେ । ଶିକ୍ଷକ ଲକ୍ଷ୍ମଣ ଜଗଦଲ, ସରୋଜ କୁମାର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଭାତ ରଞ୍ଜନ ସାହୁ, ଅର୍ଜୁନ କୁମାର ସାହୁ, ବାଳକ୍ରିଷ୍ଣ ସାମଲ, ପୂର୍ଣ୍ଣଚନ୍ଦ୍ର ଗଡ଼ନାୟକ, ଘନଶ୍ୟାମ ଦେହୁରୀ, ନିବେଦିତା ସାହୁ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଆସନ୍ତା ୨୪ ତାରିଖ ହେବାକୁ ଥିବା ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କୁହାଯାଇଛି ।

## କିଶୋରନଗର ବ୍ଲକ୍‌ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ



କିଶୋରନଗର,୧୭ ।୧୦(ସମିସ): କିଶୋରନଗର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ବାମୁର ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ବ୍ଲକର ୧୭ କ୍ଲଷ୍ଟରର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ସଙ୍ଗୀତ, ତର୍କ, ବକ୍ତୃତା, ଚିତ୍ରାଙ୍କନ, ହସ୍ତାକ୍ଷର, ନୃତ୍ୟ ଆଦି ୧୧ଟି ବିଭାଗରେ କନିଷ୍ଠ, ଉପକନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ହୋଇଥିଲା । ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଗାଇଡ୍ ଶିକ୍ଷକମାନେ ଏଥିରେ ଯୋଗଦେଇଥିଲେ । କିଶୋରନଗର ବିଇଓ ଅରୁଣ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ମୁଖ୍ୟବକ୍ତା ଭାବେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଏବିଇଓ ଲକ୍ଷ୍ମଣ କୁମାର ଦେହୁରୀ, ରମଣୀ ରଞ୍ଜନ ସାହୁ, ଜବାହରଲାଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ବାମୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉତ୍କଳ କିଶୋର ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରକାଶ ସିଂହ ମଞ୍ଚାସୀନ ଥିଲେ । ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ଅଗସ୍ତି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ବାମୁର ସିଆର୍‌ସିସି ବବ୍ରୁବାହନ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ ସିଆର୍‌ସିସି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ, ବିଇଓ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମ୍ବପାଳ ଉଚ୍ଚ ବିଦ୍ୟାଳୟର ଲୋକନୃତ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲା । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କୁହାଯାଇଛି ।

● ହାତୀଦାନ୍ତ ଡିଲ୍ ବେଳେ ମାଡ଼ିବସିଲା ଏସଟିଏଫ୍

## ୪ କେଜିରୁ ଉର୍ଦ୍ଧ୍ୱ ଓଜନର ୨ ହାତୀଦାନ୍ତ ଜବତ

ଅନୁଗୋଳ,୧୭ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକରୁ ୪ କିଲୋ ୭୯୫ ଗ୍ରାମ ଓଜନର ଦୁଇଟି ହାତୀଦାନ୍ତ ଜବତ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ । ହାତୀଦାନ୍ତ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ଚଢ଼ଉ କରିଥିଲେ । କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ହାତୀଦାନ୍ତ ଜବତ କରିଛନ୍ତି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଚନ୍ଦନ ମହାପାତ୍ର ଓ ଶରତ ଖଟେଇ । ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଆଠମଲ୍ଲିକ ଥାନା ଯଦୁପୁରରେ ହାତୀଦାନ୍ତ କାରବାର ଚାଲିଥିବା କ୍ରାଇମବ୍ରାଞ୍ଚକୁ ଖବର ମିଳିଥିଲା । ଏସଟିଏଫର ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା ।

## ଦେଶୀ ମଦ ଜବତ; ଜଣେ ଗିରଫ

ପାଲଲହଡ଼ା,୧୭ ।୧୦(ସମିସ): ପାଲଲହଡ଼ା ଥାନା ପୁଲିସ ଶୁକ୍ରବାର ଡିମିରିଆ ଗ୍ରାମରେ ଚଢ଼ଉ କରି ଦେଶୀମଦ ଜବତ କରିବା ସହ ଜଣକୁ ଗିରଫ କରିଛି । ଶୁକ୍ରବାର ଅପରାହ୍ନ ସାଢ଼େ ୧୨ଟାରେ ଏଏସଆଇ ଦୁଷ୍ମନ୍ତ ବାରିକ ଟିମ ସହ ଡିମିରିଆରେ ଚଢ଼ଉ କରି ଚାଲିଚାଲି ଯାଉଥିବା ଜଣେ ବ୍ୟକ୍ତିଙ୍କଠାରୁ ୮ ଲିଟର ଦେଶୀ ମହୁଲି ମଦ ଜବତ କରିଛନ୍ତି । ଦେଶୀ ମଦ କାରବାର ଅଭିଯୋଗରେ ଭେଜିପଦା ଗ୍ରାମର ବୁଧୁରାମ ମହାନ୍ତ (୪୦)ଙ୍କୁ ଗିରଫ କରିଛନ୍ତି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ବୁଧୁରାମଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ରିପୋର୍ଟ କାର୍ଡ ଦେଲେ ଅନୁଗୋଳ ବିଧାୟକ

### ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସର୍ବଦା ପ୍ରୟାସ ଜାରି ରହିବ




ଅନୁଗୋଳ,୧୭ ।୧୦(ସମିସ): ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଶୁକ୍ରବାର ସନ୍ଧ୍ୟାରେ ମିଶ୍ରପଡ଼ାସ୍ଥିତ ତାଙ୍କ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଗତ ଦେଢ଼ବର୍ଷରେ ନିର୍ବାଚନ ମଣ୍ଡଳୀରେ ହୋଇଥିବା କାମର ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି । ଏହି ଅବସରରେ ବିଧାୟକ ପ୍ରଧାନ କହିଥିଲେ ଯେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ସେ ସର୍ବଦା ପ୍ରୟାସ ଜାରି ରଖିଛନ୍ତି । ଏଥିପାଇଁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେବା ସହ ତାଙ୍କ ସହଯୋଗରେ ବିକାଶ କାର୍ଯ୍ୟ ତ୍ୱରାନିତ କରିବାକୁ ଚେଷ୍ଟା ଜାରି ରଖିଥିବା କହିଛନ୍ତି । ଅନୁଗୋଳ ସହରରୁ ବର୍ଷାଜଳ ନିଷ୍କାସନ ପାଇଁ ଦୁଇଟି ବଡ଼ ଡ୍ରେନ ନିର୍ମାଣ କରାଯିବ । ଏଥିପାଇଁ ସରକାର ଦୁଇ ପର୍ଯ୍ୟାୟରେ ମୋଟ ୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ହାତୀ-ମଣିଷ ଲଢ଼େଇ ରୋକିବା ପାଇଁ ଅନୁଗୋଳ, ବନ୍ତଳା ଓ ତାଳଚେର ଅଞ୍ଚଳରେ ସୋଲାର ଲାଇଟ୍ ସଂଯୋଗ କରାଯାଇଛି । ହାତୀ ପଶିଲେ ସତର୍କ କରିବା ପାଇଁ ୱାର୍ଣ୍ଣିଂ ସିଷ୍ଟମ ସ୍ଥାପନ ଓ ସୋଲାର ବାଡ଼ ମଧ କରାଯାଇଛି । ଆର ଆଣ୍ଡ ବି ବିଭାଗ ପକ୍ଷରୁ ୪ଟି ବ୍ରିଜ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହେବା ସହ ଅର୍ଥ ମଞ୍ଜୁର କରାଯାଇଛି । ମାଟେଳିଆ ନାଳ ଉପରେ ଦୁଇଟି ଏବଂ ଟିପିରିସିଂହା ଯିବା ପାଇଁ ଲିଙ୍ଗରା ନାଳ ଉପରେ ବ୍ରିଜ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି । ବଅଁରପାଳ ବ୍ଲକ ଲୋଭୀ ଠାକୁରାଣୀ ମନ୍ଦିରର ଉନ୍ନତି, କୁଲାଡ଼ ଅଲେଖ ମହିମା ସାହି, ନାଏକ ସାହିକୁ ବିଦ୍ୟୁତ୍ ସଂଯୋଗ କରାଯାଉଛି । ବଅଁରପାଳ ଛକରେ ରେଷ୍ଟ ସେଡ୍, ଟୟଲେଟ, ନୂଆହତାରେ କଲ୍ୟାଣ ମଣ୍ଡପ ସହ ତଳମୂଳ ଡିଗ୍ରୀ କଲେଜ୍‌ର ଉନ୍ନତି କରାଯାଇଛି । ଅନୁଗୋଳ ସହରରେ ବାଜି ରାଉତ ଛାତ୍ରାବାସର ଉନ୍ନତି ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ସହରରେ ଅତ୍ୟାଧୁନିକ ଡେଲି ମାର୍କେଟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେଇଛି ।

ସହରରେ ନୂଆ ପରିବା ମାର୍କେଟ, ଶ୍ମଶାନ, ପାର୍କ ଓ ପୋଖରୀର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର ହୋଇଛି । ମୋଟାମୋଟି ଅନୁଗୋଳ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଉଦ୍ୟମ ଜାରି ରଖିଥିବା ବିଧାୟକ ପ୍ରଧାନ ପ୍ରକାଶ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ, ବରିଷ୍ଠ ବିଜେପି ନେତା ଭକ୍ତିପ୍ରସାଦ ଦାସ, ମୀରା ଗଡ଼ନାୟକ, ପ୍ରଦୀପ ରାଉତ, ପବନ ମାଣ୍ଡୋଠିଆ, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



କଣିହାଁ,୧୭ ।୧୦(ସମିସ): କଣିହାଁ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପିଏମଶ୍ରୀ ସମଲ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ୧୧ଟି କ୍ଲଷ୍ଟରର କୃତୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ବିଇଓ ପ୍ରିୟରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ୍ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରହଲ୍ଲାଦ ସାମଲ, ବୁଦ୍ଧିମନ୍ତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ହଟିଙ୍ଗ ଏରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନିରୁପମା ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ମାଙ୍କଡ଼ା ନଦୀବନ୍ଧ ପ୍ରକଳ୍ପକୁ ବିରୋଧ

### ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ



ପାଲଲହଡ଼ା,୧୭ ।୧୦(ସମିସ): ପାଲଲହଡ଼ା ବ୍ଲକ କୋଳିପାଳ ଗ୍ରାମ ନିକଟରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ମାଙ୍କଡ଼ା ନଦୀବନ୍ଧ ପ୍ରକଳ୍ପକୁ ବିରୋଧ କରି ମାଙ୍କଡ଼ା ନଦୀବନ୍ଧ ବିରୋଧୀ ସଂଗ୍ରାମୀ ସଂଗଠନ ସଭାପତି ରତ୍ନାକର ରାଉତଙ୍କ ଅଧ୍ୟକ୍ଷତାରେ ନଦୀବନ୍ଧ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଗ୍ରାମଗୁଡ଼ିକରେ ବୈଠକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ମାଙ୍କଡ଼ା ନଦୀବନ୍ଧ ପ୍ରକଳ୍ପକୁ ସଇଡ଼ା, କନ୍ତଳା, ଡାଲୋ, କାଳିଆକୁଦର, ପେଚାମୁଣ୍ଡି, ଶିମିଳିପାଳ, ଲକ୍ଷ୍ମୀପ୍ରିୟପୁର, ନୂଆଜଗନ୍ନାଥପୁର, ରାଜମୁଣ୍ଡା, କମ୍ପରକେଲା ଗ୍ରାମର ଲୋକେ ତୀବ୍ର ବିରୋଧ କରୁଛନ୍ତି । ମାଙ୍କଡ଼ା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଗାମୀ ଦିନରେ ସରକାର ଏବଂ ସ୍ଥାନୀୟ ବିଧାୟକଙ୍କୁ ତୀବ୍ର ବିରୋଧ କରାଯିବ ବୋଲି ସମ୍ପୃକ୍ତ ଗ୍ରାମବାସୀ କହିଛନ୍ତି । ଆଗାମୀ ଦିନରେ ୫ ପଞ୍ଚାୟତର ୫ ହଜାର ଲୋକଙ୍କୁ ନେଇ ବିରାଟ ଶୋଭାଯାତ୍ରା କରାଯାଇ ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ । ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ମାଙ୍କଡ଼ା ନଦୀବନ୍ଧ ବିରୋଧୀ ସଂଗ୍ରାମୀ ସଂଗଠନ ସଭାପତି ରାଉତ କହିଛନ୍ତି । ବିଭିନ୍ନ ଗ୍ରାମରେ ହେଉଥିବା ବୈଠକରେ କମିଟି ସଦସ୍ୟ ଅନନ୍ତ ମାଝୀ, ଶରତଚନ୍ଦ୍ର ମାଝୀ, ଯୁଗଳକିଶୋର ସାହୁ, ଚନ୍ଦନ ଗଡ଼ନାୟକ, ଅକ୍ଷୟ କୁମାର ସାହୁ, ବିପ୍ରଚରଣ ଖିଲାର ପ୍ରମୁଖ ଉପସ୍ଥିତ ରହି କର୍ଯ୍ୟକ୍ରମ ସଞ୍ଚାଳନ କରୁଛନ୍ତି ।

# ବେଆଇନ ବାଣ ମହଜୁଦକାରୀ ଗିରଫ



ତିର୍ତ୍ତୋଲ, ୧୭।୧୦(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ଜଇଳ ଗ୍ରାମରେ ପୁଲିସ ଚଢ଼ଉ କରି ବେଆଇନ ଭାବେ ବାଣ ମହଜୁଦ୍ କରି ରଖିଥିବା ତନ୍ମୟ ମଲ୍ଲିକଙ୍କୁ ଗିରଫ କରିଛି। ତନ୍ମୟଙ୍କ ଘରୁ ପୁଲିସ ବିପୁଳ ପରିମାଣର ବାଣ, ବାରୁଦ୍ ପାଉଡର ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତନ୍ମୟଙ୍କୁ ଅଦାଲତ ଚାଲାଣ କରିଥିବା ନେଇ ତିର୍ତ୍ତୋଲ ଥାନା ପକ୍ଷରୁ ଜଣାପଡ଼ିଛି।

# ପାଇପ୍ ପାଣିରେ ମାଛ

ବାଲିକୁଦା, ୧୭।୧୦(ସମିସ): ବାଲିକୁଦା ବ୍ଲକର ଉପକୂଳ ଅଞ୍ଚଳକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ସରକାର ୧୪୦ରୁ ଊର୍ଦ୍ଧ୍ୱ କୋଟି ଅନୁଦାନରେ ମେଘା ପାନୀୟଜଳ ପ୍ରକଳ୍ପ ବାଲିକୁଦା ବ୍ଲକ ଆମ୍ବଶାଳଠାରେ ନିର୍ମାଣ କରିଥିଲେ। ନାଉଗାଁ ବ୍ଲକ ଦେବୀଦୋଳଠାରୁ ଦେବୀ ନଦୀ ଜଳକୁ ବିଶୁଦ୍ଧ କରାଯାଇ ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇ ଦିଆଯିବ। ଯାହାର ଦାୟିତ୍ୱ ଏଲ ଆଣ୍ଡ ଟି ଭଳି ଏକ ବଡ଼ କମ୍ପାନୀକୁ ଦିଆଯାଇଥିଲା। ତେବେ ପବିତ୍ର



କାର୍ତ୍ତିକ ମାସରେ ମୁଖ୍ୟ ପାଇପ ଲାଇନରୁ ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ଗ୍ରାମକୁ ଯୋଗାଇ ଦିଆଯାଉଥିବା ପାନୀୟଜଳରେ ପବିତ୍ର ସଂକ୍ରାନ୍ତୀ ଦିନ ଟ୍ୟାପରୁ ମହୁରାଡ଼ି ମାଛ ପାଣି କୁଣ୍ଡରେ ପଡ଼ି ଖେଳୁଥିବା ଦେଖିବାକୁ ପାଇଥିଲେ ୩ ପରିବାର। ବିକାଶ ମଲ୍ଲିକ, ସୁବ୍ରତ ମହାନ୍ତି, ବାବାଜୀ ନାୟକଙ୍କ ପରିବାର ଏନେଇ ଅଭିଯୋଗ କରିବା ପରେ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ମାସ ଓ ସଂକ୍ରାନ୍ତୀକୁ ନିଷ୍ଠାର ସହ ପାଳନ କରୁଥିବାବେଳେ ପାନୀୟ ଓ ରୋଷେଇ ଜଳ ବ୍ୟବହାର କରୁଥିବା ପାଣିରେ ମାଛ ଭାସିବାକୁ ଅପବିତ୍ର ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରି ଅଭିଯୋଗ ପୂର୍ବରୁ ମଧ୍ୟ ବାଲିପାଟଣା ଓ ଅନ୍ୟ ଗ୍ରାମବାସୀ ଅଭିଯୋଗ କରିଥିବାବେଳେ କମ୍ପାନୀ କିମ୍ବା ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଏହାର ସମାଧାନ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା କହିଛନ୍ତି, ଅଭିଯୋଗ ପାଇବା ପରେ ଆମେ କମ୍ପାନୀ ସହ ଆଲୋଚନା କରି ଏହାର ସମାଧାନ ପାଇଁ ଉଦ୍ୟମ କରିବୁ।

**ପ୍ରକଳ୍ପ ସପକ୍ଷବାଦୀଙ୍କ ସାମ୍ବାଦିକ ସମ୍ମିଳନୀ**

# ଶିଳ୍ପ ପ୍ରତିଷ୍ଠା ଯୋଗୁଁ ଜୀବନଧାରଣ ମାନରେ ବିକାଶ ହୋଇଛି

କୁଜଙ୍ଗ, ୧୭।୧୦(ସମିସ)

ଢିଙ୍କିଆ ଚାରିଦେଶରେ ପ୍ରକଳ୍ପ ପ୍ରତିଷ୍ଠା ହେବା ଫଳରେ ଅଞ୍ଚଳର ଆର୍ଥିକ ମାନଦଣ୍ଡରେ ଅଭିବୃଦ୍ଧି ଘଟିଛି। ଶିକ୍ଷା, ପାରିପାର୍ଶ୍ୱିକ ଉନ୍ନତି, ଦକ୍ଷତା ବିକାଶ କରିବାରେ ଜେଏସ୍‌ଡବ୍ଲ୍ୟୁ ଉଦ୍ୟମ କରୁଥିବା ଶିଳ୍ପାଞ୍ଚଳ ବାସିନ୍ଦା ନେତୃତ୍ୱ ତଥା ପ୍ରକଳ୍ପ ସପକ୍ଷବାଦୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ନିଯୁକ୍ତି, କ୍ରୀଡ଼ା, ମହିଳା ସଶକ୍ତୀକରଣ, ପରିମଳ, ସାଂସ୍କୃତିକ ଅନୁଷ୍ଠାନ ଓ କୃଷି ଜୀବିକା କ୍ଷେତ୍ରରେ ଅହରହ କାର୍ଯ୍ୟ କରି ଚାଲିଛି କମ୍ପାନୀ। ଗ୍ରାମ୍ୟ ଜଙ୍ଗଲ କମିଟି ଓ ଜନସାଧାରଣଙ୍କ ସହଯୋଗରେ ଉପଯୁକ୍ତ କ୍ଷତିପୂରଣ ପାଇ କମିଟି ଜଙ୍ଗଲ କାଟି ଉକ୍ତ କାଠକୁ ଜାଳେଣି ରୂପେ ବ୍ୟବହାର ନିମନ୍ତେ ଗଚ୍ଛିତ କରିଛନ୍ତି। ପାନବରଜ କ୍ଷତିପୂରଣ ବାବଦକୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦରରେ କ୍ଷତିପୂରଣ ମିଳିଛି। ପାନବରଜ ଶ୍ରମିକଙ୍କୁ ମଧ୍ୟ କ୍ଷତିପୂରଣ ପ୍ରୋତ୍ସାହନ ରାଶି ମିଳୁଛି। ଜଙ୍ଗଲ ଉଚ୍ଛେଦ, ସରକାର ଓ ଜଙ୍ଗଲ ବିଭାଗର ଅନୁମତିରେ ନୀତିନିୟମ ଅନୁସାରେ ଗ୍ରାମବାସୀ କରୁଛନ୍ତି। ବିଭିନ୍ନ କ୍ଷେତ୍ରରେ କମ୍ପାନୀ ତା'ର କାର୍ଯ୍ୟକ୍ରମ ଚାଲୁ ରଖୁଛି ଓ କମ୍ପାନୀ ବର୍ତ୍ତମାନ ନିର୍ମାଣାଧୀନ ଓ ନିୟମ ଅନୁସାରେ ଯେକୌଣସି ପ୍ରକଳ୍ପର ଲାଭାଂଶର ୨ ପ୍ରତିଶତ ପାରିପାର୍ଶ୍ୱିକ ଉନ୍ନୟନ



ଅନୁଦାନ ଭାବେ ଖର୍ଚ୍ଚ କରେ। କିନ୍ତୁ କମ୍ପାନୀ ନିର୍ମାଣ ୧୦ ଭାଗ ହୋଇ ନ ଥିଲେ ମଧ୍ୟ କମ୍ପାନୀ ତା'ର ଦାୟିତ୍ୱବୋଧ ନିର୍ବାହ କରିଚାଲିଛି। ଢିଙ୍କିଆ ଚାରିଦେଶର ଅଧିବାସୀ କେଉଁ ଆବହମାନ କାଳରୁ କୃଷି ଅର୍ଥନୀତି ଧାନ, ପାନ, ମୀନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଥିଲେ ହେଁ ଆର୍ଥିକ ପ୍ରଗତି ହୋଇପାରୁ ନ ଥିଲା। ଜେଏସଡବ୍ଲୁ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ଅୟମାରମ୍ଭରୁ ଅଞ୍ଚଳର ଅଧିବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶରେ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ଶୁକ୍ରବାର ଅପରାହ୍ନରେ ଢିଙ୍କିଆ ପଞ୍ଚାୟତ ପାଟଣା ହାଟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ସପକ୍ଷବାଦୀ କହିଛନ୍ତି।

ସେମାନେ କହିଛନ୍ତି, ଜେଏସଡବ୍ଲୁ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଓ କୃଷିରେ ଉନ୍ନତି ହୋଇଥିବାବେଳେ ମହିଳା ସଶକ୍ତୀକରଣ, ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରଭୂତ ଉନ୍ନତି ହୋଇଛି। ଢିଙ୍କିଆ ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ନିକଟସ୍ଥ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ସହ ବିଶେଷଜ୍ଞ ଡାକ୍ତର ଓ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ଫଳରେ ଅଞ୍ଚଳର ଲୋକ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିଛନ୍ତି। ସେତିକି ନୁହେଁ କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଇଥିବା ଆମ୍ବୁଲାନ୍ସ ଯୋଗେ ଗୁରୁତର ରୋଗୀ ମାଗଣାରେ କଟକ ଓ ଭୁବନେଶ୍ୱର ଚିକିତ୍ସା ନିମନ୍ତେ ଯାଇପାରୁଛନ୍ତି। ବର୍ତ୍ତମାନ କମ୍ପାନୀର ନିର୍ମାଣ କାମ ମାତ୍ର ୧୦ ଭାଗ ହୋଇଥିଲାବେଳେ ବିଭିନ୍ନ କ୍ଷେତ୍ରରେ ୬ ଶହରୁ ଊର୍ଦ୍ଧ୍ୱ ବେକାର ଯୁବକ/ଯୁବତୀ ନିଯୁକ୍ତି ପାଇଛନ୍ତି। ଯେତେବେଳେ କାରଖାନା ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ଅଞ୍ଚଳର ଜଣେ ହେଲେ ବେକାର ରହିବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କମ୍ପାନୀ ବର୍ତ୍ତମାନ ଯୁବକ/ଯୁବତୀଙ୍କ ମଧ୍ୟରେ କିପରି ଦକ୍ଷତାର ବିକାଶ ଘଟିବ, ସେଥିପାଇଁ ତାଲିମ ପ୍ରଦାନ କରୁଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଆଧାରରେ ପାନ ବରଜ, ଗଛ କଟା ଓ ପାନ ବରଜ ଶ୍ରମିକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଗାଁର ଭିତ୍ତିଭୂମି କ୍ରୀଡ଼ା, ଶିକ୍ଷା ଓ ଗମନା ଗମନ ନିମନ୍ତେ ରାସ୍ତା, ମନ୍ଦିର ଓ ସାମୂହିକ ପ୍ରଗତି ହୋଇଛି। ସ୍ଥାନୀୟ ବେକାର ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଓ ଠିକାଦାର କରି ରୋଜଗାର କରୁଛନ୍ତି। କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବାହାର ଲୋକଙ୍କ ପ୍ରରୋଚନାରେ ଶିଳ୍ପକୁ ବିରୋଧ କରୁଛନ୍ତି। ଯଦି ଶିଳ୍ପକୁ ବିରୋଧ କରିବାର ଥିଲା ପ୍ରଥମରୁ କାହିଁକି ବିରୋଧ ନକରି ଜମି ଅଧିଗ୍ରହଣ ପରେ ସମସ୍ତ କ୍ଷତିପୂରଣ ଗ୍ରହଣ କରି ବିରୋଧ କରିବାର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ରଞ୍ଜନ ବର୍ଦ୍ଧନ, ପ୍ରଭାତ ରାଉତ, ଅକ୍ଷୟ ବେହେରା, ଚନ୍ଦ୍ରକାନ୍ତ ଭୋଇ, ହେମନ୍ତ ସ୍ୱାଇଁ, ସୁରେଶ ଦାଶ, ନୃସିଂହ ରାଉତ, କୈଳାସ ମହାନ୍ତି, ବିକାଶ ନାୟକ, ପ୍ରଶାନ୍ତ ରାଉତ, ବିକାଶ ବର୍ଦ୍ଧନ, ଭ୍ରମର ସେଠୀ ଓ ତୋଫାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମପ୍ରାଣାଙ୍କ ପରଲୋକ

କୁଜଙ୍ଗ, ୧୭।୧୦(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଅନ୍ତର୍ଗତ ବଣିକୁନ୍ଦ ନିବାସୀ ସମାଜସେବୀ



ବଂଶୀଧର ସାହାଣୀଙ୍କ ପତ୍ନୀ ବସନ୍ତ ସାହାଣୀ(୭୦)ଙ୍କ ପରଲୋକ ହୋଇଯାଇଛି। ସେ ଧର୍ମପ୍ରାଣ ଓ ପରୋପକାରୀ ମହିଳା ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଛି। ବଡ଼ପୁଅ ସଞ୍ଜୟ ସାହାଣୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନପୁଅ ନିର୍ଭୟ ସାହାଣୀ, ଝିଅ ବୈଜୟନ୍ତୀ ସାହାଣୀ, ଜ୍ୱାଇଁ ମନୋରଞ୍ଜନ ଦାସ, ପୁତୁରା ଉତ୍ତମ ସାହାଣୀ, ଶିବଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଆରଏସଏସର ଜିଲ୍ଲା ପ୍ରଚାର ପ୍ରମୁଖ ତାପସ ଦାଶ, କୁଜଙ୍ଗ ଖଣ୍ଡ କାର୍ଯ୍ୟବାହ ବିପିନ ମିଶ୍ର, ରାଉରକେଲା ବିଭାଗ ପ୍ରଚାରକ ସୁବ୍ରତ ସାମନ୍ତରାୟ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ଗ୍ରାମୀଣ ହାଟ ଓ ଧାନ ମଣ୍ଡିର ଶିଳାନ୍ୟାସ

ବରୀ, ୧୭।୧୦(ସମିସ): ବୁଧବାର ପୂର୍ତ୍ତ ବିଭାଗ ପକ୍ଷରୁ ବରୀର ଦୁଇଟି ପୃଥକ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜନ ପରେ ଶିଳାନ୍ୟାସ କରିଛନ୍ତି। ବିଧାୟକ ପ୍ରଥମେ ରମ୍ଭା ପଞ୍ଚାୟତ ନେଉଳା ଜମୁଡ଼ିଆ ପଡ଼ିଆଠାରେ ୧ କୋଟି ୬ ଲକ୍ଷ ୮୨ ହଜାର ୮୪୦ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଗ୍ରାମୀଣ ହାଟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ପରେ ୬୪ ଲକ୍ଷ ୫୭ ହଜାର ୮୯୧ ଟଙ୍କା ବ୍ୟୟ ଅଟକଳରେ ଧାନ ସଂଗ୍ରହ କେନ୍ଦ୍ରକୁ ନଡ଼ିଆ ବାଡେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଭଗବାନ ବେହେରା, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ସରପଞ୍ଚ ସଙ୍ଘ ସଭାପତି ପ୍ରସନ୍ନ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ ହରିହର ପଣ୍ଡା, ରତିକାନ୍ତ ଜେନା, ବ୍ଲକ ବିଜେଡି ସଭାପତି କେଦାର ସାମଲଙ୍କ ସମେତ ବହୁ ସଂଖ୍ୟକ ସରପଞ୍ଚ ସମିତି ସଭ୍ୟ ଓ ଶତାଧିକ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଗତ ୧୦ ତାରିଖରେ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳରେ ଦୁଇ ଗୋଟି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କାର୍ଯ୍ୟ ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି।



# କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

କୁଜଙ୍ଗ, ୧୭।୧୦(ସମିସ): କୁଜଙ୍ଗ ଦେବୀ ମଣ୍ଡପରେ ୬୦ତମ ମା' କାଳୀଙ୍କ ପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବାଜୀ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କୁଜଙ୍ଗ ସାର୍ବଜନୀନ କାଳୀପୂଜାର ୬୦ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହରେ ପାଳନ କରାଯିବା ସହ ଏହି ପରମ୍ପରା ଆରମ୍ଭ କରିଥିବା ସ୍ୱର୍ଗତ ନରହରି ଦାସ, ଶଶୀଭୂଷଣ ମହାନ୍ତି, ଦୁର୍ଲଭ ସ୍ୱାଇଁ, ହାଡ଼ିବନ୍ଧୁ ଶତପଥୀଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତା ୨୦ ତାରିଖରୁ ପୂଜା ଆରମ୍ଭ ହୋଇ ୨୭ ତାରିଖରେ ମା'ଙ୍କୁ ମେଲାଣି ଦିଆଯିବ। ସେହିପରି ସପ୍ତାହ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା।



ପୂଜା କମିଟି ଉପଦେଷ୍ଟା ଆଡଭୋକେଟ ଏଏନଡି ଯାଦବ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ଦାସ, କମିଟି ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପସଭାପତି ବାବାଜୀ ଚରଣ ସେଠୀ, ସମ୍ପାଦକ ରଜନୀକାନ୍ତ ଗୁରୁ, ସହସମ୍ପାଦକ ଚିତ୍ତରଞ୍ଜନ ସାହୁଙ୍କ ସମେତ ବିଶ୍ୱନାଥ ମଲ୍ଲିକ, ରବୀନ୍ଦ୍ର ନାଥ ନାୟକ, ବିକ୍ରମ ସ୍ୱାଇଁ, ନୃସିଂହ ଗୁରୁ, ପ୍ରହ୍ଲାଦ ବେହେରା, ସୁବାସ ବେହେରା, ପବିତ୍ର ଦାସ, ଅଜୟ ସାହୁ, ଶଙ୍କର ନାଥ, ପ୍ରଶାନ୍ତ ନାଥ, ବାବାଜୀ ପରିଡ଼ା, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଗଣେଶ୍ୱର ସ୍ୱାଇଁ, ବିଜନ ସ୍ୱାଇଁ, ପ୍ରଦୀପ୍ତ ଦସ, ସଚ୍ଚିକାନ୍ତ ସ୍ୱାଇଁ, ଶଙ୍କର୍ଷଣ ନାଥ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।




# ଧସିଲା ବୈତରଣୀ ନଦୀ ବନ୍ଧ

କୟାଁଗୋଲା, ୧୭।୧୦(ସମିସ): ଦଶରଥପୁର ବ୍ଲକ ଅଧୀନସ୍ଥ କୟାଁ ପଞ୍ଚାୟତ ଗୁଣ୍ଡୁଣିପଡ଼ା ନିକଟରେ ବୈତରଣୀ ନଦୀ ବନ୍ଧ ପ୍ରାୟ ତିନି ଶହ ଫୁଟ ଧସିଯାଇଛି। ଫଳରେ ଉକ୍ତ ବନ୍ଧ ମଧ୍ୟ ଦେଇ ପାଣି ଅତିକ୍ରମ କରି ଚାଷ ଜମିକୁ ଜୁଆର ପାଣି ମାଡ଼ିଆସି ଫସଲ ନଷ୍ଟ କରିବାର ଆଶଙ୍କା ସୃଷ୍ଟି କରିଛି। ବୈତରଣୀର ଜୁଆରିଆ ପାଣି ଅନେକ ସମୟରେ ବନ୍ଧ ଭାଙ୍ଗି ଅଞ୍ଚଳବାସୀଙ୍କୁ ଦୁଃଖ ଦେଇଥାଏ। ଏହା ବାରମ୍ବାର ବନ୍ଧର ଅତଡ଼ା ଖସୁଥିବା ସମ୍ପର୍କରେ ବିଭାଗକୁ ଅବଗତ କରାଯାଇଥିଲା। ମାତ୍ର ବନ୍ଧ ମରାମତି ଉପଯୁକ୍ତ ଭାବେ ହୋଇପାରୁନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ନିମ୍ନମାନର ବନ୍ଧ କାର୍ଯ୍ୟ ଯୋଗୁଁ କୟାଁ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହି ବନ୍ଧ ଧସିବା ପରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି ଓ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ନଦୀ ବନ୍ଧ ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



ବିଧ୍ୱଂସକାରୀ ଅସ୍ତ୍ର ନିର୍ମାଣରେ ଆଣବିକ ଶକ୍ତି ବିନିଯୋଗ ହେବା ଅନୁଶୋଚନୀୟ।
-ଲାଲ ବାହାଦୂର ଶାସ୍ତ୍ରୀ

## ଚାଉଳ ବୋଝ

ସଂଗ୍ରହ ପ୍ରକ୍ରିୟାକୁ ସଂପ୍ରସାରିତ ଓ ଶୃଙ୍ଖଳିତ କରି ଅଧିକରୁ ଅଧିକ ପରିମାଣର ଧାନ ସଂଗ୍ରହ ସକାଶେ ସରକାରଙ୍କ ଉପରେ ଚାଷୀ ସମୁଦାୟ ଚାପ ପ୍ରୟୋଗ କରୁଥିବା ବେଳେ ରାଜ୍ୟରେ ମହଜୁଦ ବ୍ୟବସ୍ଥା ନ ଥିବାରୁ ଶାସନକଳ ବ୍ୟସ୍ତ ଓ ବିବ୍ରତ। ଭାରତ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଇ ନଥିବାରୁ ତାହାର ସଦୁପଯୋଗ ହୋଇପାରୁନି। ଶେଷରେ ସଂଗୃହୀତ ଚାଉଳ ପଡ଼ି ପଡ଼ି ସଢ଼ିଯିବା ସାର ହେବ। ଡବଲ୍ ଇଞ୍ଜିନ୍ ସରକାରରେ ମଧ୍ୟ ରାଜ୍ୟ ସରକାରଙ୍କ ଚାପ କେନ୍ଦ୍ର ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନି। ଏମିତିରେ ଖାଦ୍ୟ ନିଗମ ରାଜ୍ୟରୁ ସଂଗ୍ରହ କରିଥିବା ଚାଉଳ ବାବଦ ଦେୟ ୮୦୦୦ କୋଟି ଟଙ୍କା ଦୀର୍ଘ ଦିନ ଧରି ବକେୟା ପକେଇ ରଖିଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟକୁ ତାହା ମିଳୁନି। ଏଭଳି ଏକ ସଂକଟଜନକ ପରିସ୍ଥିତିରେ ସରକାର ଆଗାମୀ ଖରିଫ ଋତୁରେ ଚାଉଳ ସଂଗ୍ରହକୁ କେତେ ଦୂର ଗୁରୁତ୍ୱ ଦେବେ ସେନେଇ ସନ୍ଦେହ ଉପୁଜିଛି। କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସନ କାର୍ଡଧାରୀଙ୍କୁ ଇ-କେୱାଇସି ଦାଖଲ କରିବାର ବାଧ୍ୟବାଧକତା ରହିଛି। ସେପ୍ଟେମ୍ବର ୩୦ ତାରିଖ ଥିଲା ଏହାର ଶେଷ ଅବଧି। ଏଥିରେ ବ୍ୟତିକ୍ରମ କରିଥିବା ପ୍ରାୟ ୧୫.୬୭ ଲକ୍ଷ ହିତାଧିକାରୀ ଆଗାମୀ ଦିନରେ ମାଗଣା ଚାଉଳ ପାଇବାକୁ କେତେଦୂର ହକ୍‌ଦାର ହେବେ ସେ ନେଇ ସ୍ୱୟଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏହି ଜଟିଳ ପରିସ୍ଥିତିରେ ସରକାରଙ୍କ ଅସହାୟତା ବାରି ହୋଇପଡୁଛି।

ନଭେମ୍ବର ମାସରୁ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ମାଗଣା ଚାଉଳ ପାଇବାରୁ ବଞ୍ଚିତ ହେବେ - ଏଭଳି ଏକ ସୂଚନା ଦେଇ ସରକାର ଖାଉଟିଙ୍କ ମନରେ ନିଆଁ ଲଗାଇଦେଇଛନ୍ତି। ଯେତେଯାହା ହେଲେ ମଧ୍ୟ ଏହା କିଛି ଛୋଟିଆ କଥା ନୁହେଁ। ଆମ ସରକାର ଏପ୍ରକାରେ ସୂଚନା ଦେବା ପୂର୍ବରୁ ଇ-କେୱାଇସି ମିଆଦ ବୃଦ୍ଧି ସକାଶେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କରିବାର ଥିଲା। ବ୍ୟବସ୍ଥା ଭଲ ଭାବରେ ଜାଣେ ଯେ କେଉଁ ପରିସ୍ଥିତିରେ ପଡ଼ି ହିତାଧିକାରୀ ଇ-କେୱାଇସି ଦାଖଲ କରିପାରୁନାହାନ୍ତି। ସରକାର ମାଗଣା ବ୍ୟବସ୍ଥା ଅନ୍ତରାଳରେ ଥିବା ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥିଲେ ସୁଦ୍ଧା କାହିଁକି ସୁଧାରିବା ଦିଗରେ ଅଗ୍ରସର ହେଲେ ନାହିଁ? ଏକ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ଓ ରିଟେଲଙ୍କ ସହାୟତା ନିଆଯାଇ ପାରିଥା'ନ୍ତା। ମାଗଣା ଚାଉଳ ଯୋଗାଣ ବ୍ୟାହତ ହେଲେ ପରିସ୍ଥିତି ଆଗକୁ କେଉଁ ରୂପ ନେବ ତାହା ବିଭାଗୀୟ ମନ୍ତ୍ରୀ ନିଶ୍ଚୟ ବୁଝିସାରିଥିବେ। ତେଣୁ ୨୪ ଘଣ୍ଟା ବ୍ୟବଧାନରେ ରାଜ୍ୟରେ ବଳକା ଥିବା ଚାଉଳରୁ ଅତିରିକ୍ତ ୫ କେଜି ହିତାଧିକାରୀଙ୍କୁ ଦିଆଯିବାର ବ୍ୟବସ୍ଥା ସଂପର୍କରେ ସେ ସୂଚାଇଛନ୍ତି। ହେଲେ ବ୍ୟବସ୍ଥାରୁ ବାଦ ପଡୁଥିବା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସଂପର୍କରେ କିଛି ଉଲ୍ଲେଖ କରିନାହାନ୍ତି। ତେଣୁ ଅନିଶ୍ଚିତତା ନିଶ୍ଚୟ ଜାରି ରହିଛି।

ଏକଥା ସତ ଯେ ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତେଣୁ ଧାନ କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହୋଇଥିବା ବେଳେ ୮ ଶହ ଟଙ୍କା ସହାୟତା ରାଶି ସଂଯୁକ୍ତ କରି ସରକାର ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ଚାଷୀଙ୍କ ପକ୍ଷରୁ ଦାବି ହେଉଛି ସଂଗ୍ରହ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ ଓ ସଂପ୍ରସାରିତ କରିବା ପାଇଁ। ସରକାର କ'ଣ ଆଗାମୀ ଦିନରେ ଅଧିକ ଧାନ ସଂଗ୍ରହ କରିବାକୁ ସମର୍ଥ ହେବେ? ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଉ ନଥିବାରୁ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ସମାଧାନ ପାଇଁ ସରକାର ବାଟଘାଟ ପାଉନାହାନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଏହି ଦାବିକୁ ଗୁରୁତ୍ୱ ଦେଉନାହାନ୍ତି। କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦେବା ପାଇଁ ହେଉଥିବା ଦାବିକୁ କେନ୍ଦ୍ର ଏଡ଼ାଇ ଆସିଥିବାବେଳେ ଆମ ରାଜ୍ୟ ଚାଉଳ ସମସ୍ୟାର ସମାଧାନ ହେବା ଆଶା ଊଣା। କହିବାକୁ ଗଲେ ସରକାରଙ୍କ ପାଇଁ ଧାନ ସଂଗ୍ରହ ଏକ ପ୍ରକାର ବୋଝ ହୋଇପଡ଼ିଛି।

## ଚାନ୍ଦିର ଚମକ

ଆରୋହଣ ପରେ ଅବରୋହଣ ହେଉଛି ମୌଳିକ ସତ୍ୟ। ଚାହିଦା ଅନୁଯାୟୀ ଯୋଗାଣ ହୋଇପାରୁନଥିବା ଯେକୌଣସି ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ଅବଧାରିତ। ଚାନ୍ଦି ବା ରୁପାର ବର୍ଦ୍ଧିତ ମୂଲ୍ୟକୁ ନେଇ ବିଶେଷଜ୍ଞଙ୍କ ଏହା ଏକ ଆକଳନ। ସାଂପ୍ରତିକ ବଜାରରେ ସୁନା ଓ ରୁପାର ମୂଲ୍ୟବୃଦ୍ଧିରେ ଯେଉଁ ପ୍ରତିଯୋଗିତାମୂଳକ ସ୍ଥିତି ପରିଲକ୍ଷିତ ହେଉଛି, ତାହା ଯଥାର୍ଥରେ ବିସ୍ମୟକର। ଆମ ଭୁବନେଶ୍ୱର ବଜାରରେ ରୁପା କେଜି ୨ଲକ୍ଷ ଟଙ୍କା ଅତିକ୍ରମ କରିଛି। ସମଗ୍ର ବିଶ୍ୱ ବଜାରରେ ରୁପାର ନିଅଣ୍ଟିଆ ସ୍ଥିତି ଦୃଷ୍ଟିରୁ ଏହି ମୂଲ୍ୟବୃଦ୍ଧି ଆଗାମୀ ଦିନରେ ଏକ ନୂଆ ଶୀର୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଆଗକୁ ଧନତେରାସ ଓ ଦୀପାବଳୀ। ତେଣୁ ସୁନା କଏନ ବା ମୁଦ୍ରା ଓ ନିର୍ମିତ ମୂର୍ତ୍ତିର ଚାହିଦା ଅଧିକ। ବିଶେଷକରି ସୁନା ଅମୂଲ ମୂଲ ହୋଇପଡ଼ିଥିବାରୁ ସ୍ୱାଭାବିକ ଭାବେ ରୁପାର ଆଦର ବଢ଼ିଛି। ଚଳିତ ମାସ ୬ ତାରିଖରୁ ଏଥିମଧ୍ୟରେ ରୁପା ଦାମ ବଜାରରେ କେଜି ପିଛା ୪୩ ହଜାର ଟଙ୍କା ବଢ଼ିଛି। ଗତ ୧୨ ଓ ୧୩ ତାରିଖରେ ଯଥାକ୍ରମେ ମୂଲ୍ୟ ୭୦୦୦ ଓ ୯୦୦୦ ଟଙ୍କା ବଢ଼ିଥିବାରୁ ରୁପାର କେଜି ପ୍ରତି ମୂଲ୍ୟ ୨ ଲକ୍ଷ ୬ ହଜାର ଟଙ୍କାରେ ପହଞ୍ଚିଛି। ଏହି ବର୍ଦ୍ଧିତ ହାର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ରୁପାରେ ଆଖିବୁଜା ନିବେଶ ବଢ଼ିଚାଲିଛି। ତେବେ ଏହାର ସୀମିତ ଉତ୍ପାଦନ ଅନ୍ୟଏକ କାରଣ। ଆମକୁ ଏଠାରେ କହିବାକୁ ପଡୁଛି ଯେ କେବଳ ଗହଣା, ଦେବଦେବୀଙ୍କ ମୂର୍ତ୍ତି ଓ ବାସନରେ ରୁପାର ଉପଯୋଗ ସୀମିତ ନାହିଁ। ସୌରପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ସମଗ୍ରୀ ଏବଂ ବିଦ୍ୟୁତ୍ ଚାଳିତ ଗାଡ଼ିରେ ବ୍ୟବହୃତ ବ୍ୟାଟେରୀରେ ମଧ୍ୟ ରୁପା ବ୍ୟବହାର ହେଉଛି। ମାନବୀୟ ସୌଖୀନ ବାଦ ଦ୍ରୁତ ଶିଳ୍ପାୟନର ଆବଶ୍ୟକତା ମେଣ୍ଟାଇବା ପାଇଁ ଉତ୍ପାଦିତ ରୁପା ଯଥେଷ୍ଟ ନୁହେଁ। ତେଣୁ ଆଗାମୀଦିନରେ ରୁପାର ମୂଲ୍ୟ ଆହୁରି ବଢ଼ିବ। ଅନ୍ୟ ଏକ ଖବରରୁ ପ୍ରକାଶ ଯେ ରାଷ୍ଟ୍ରପତି ଟ୍ରମ୍ପ ଚଢ଼ା ବହିଃଶୁଳ୍କ ଘୋଷଣା କରିବା ପରେ ଲଣ୍ଡନ ମେଟାଲ ଏକ୍ସଚେଞ୍ଜରୁ ବିପୁଳ ପରିମାଣର ରୁପା ଆମେରିକା ପଠାଇଦିଆଯାଇଥିଲା। ତେଣୁ ଚାହିଦା ଅନୁଯାୟୀ ରୁପା ଯୋଗାଇବା ସମ୍ଭବ ହେଉନାହିଁ। ଆଉନ୍ସ ପିଛା ରୁପାର ମୂଲ୍ୟ ୫୨ ଡଲାରରେ ପହଞ୍ଚିଛି। ଏହାକୁ ଏକ ରେକର୍ଡ ବୃଦ୍ଧି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସର୍ବୋପରି ବୁଲିୟନ ବଜାରରେ ପରିଲକ୍ଷିତ ନିଅଣ୍ଟିଆ ସ୍ଥିତି ଏବଂ ବିତ୍ତୀୟ ଅନିଶ୍ଚିତତା ଏବେ ଲାଗି ରହିଛି। ବିଶେଷକରି ଚୀନ ବିରୋଧରେ ଟ୍ରମ୍ପ ଶହେ ପ୍ରତିଶତ ଟାରିଫ ଘୋଷଣା କରିଥିବାରୁ ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ତେଣୁ ନିବେଶକଙ୍କ ଆଖି ଏବେ ସୁନା ଓ ରୁପା ଉପରେ। ପରିସ୍ଥିତି ଏପରି ହୋଇଛି ଯେ ରୁପା ନିବେଶ ପାଣ୍ଠି (ଇଟିଏଫ) ରେ ନୂତନ କ୍ରୟକୁ ସାମୟିକ ବନ୍ଦ କରାଯାଇଛି। ଏକଥା ସତ ଯେ ପାର୍ବଣ ପରେ ବିବାହ ଋତୁର ଆଗମନ ହେଉଥିବାରୁ ବଜାରରେ ଚାହିଦା ବର୍ଷତମାମ ଜାରି ରହିବ। ତେଣୁ ରୁପାର ମୂଲ୍ୟ ହ୍ରାସ ଘଟିବା ସମ୍ଭାବନା ପ୍ରାୟତଃ ଊଣା। ପୂର୍ବରୁ ସଞ୍ଚିତ ରୁପା ସାମଗ୍ରୀ ମାଧ୍ୟମରେ ଗହଣା ଦୋକାନୀ ଏବର ସ୍ଥିତିକୁ ସମ୍ମୁଖୀନ ହେଉଥିବାରୁ ହଠାତ୍ ନିଅଣ୍ଟ ବା ଅଭାବ ପରିଲକ୍ଷିତ ହେବ ନାହିଁ।

# ନୋବେଲ୍ ପ୍ରତ୍ୟାଶୀ ନଟସମ୍ରାଟଙ୍କ 'ମୋଗଲ୍ ତାମ୍‌ସା'

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ପ୍ରାୟ ସାତ କି ଆଠମାସ ଧରି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୀତ ହେଉଥିବା ହାସ୍ୟୋଦ୍ଦୀପକ ଅଥଚ ଭିନ୍ନ ଏକ ଦୃଷ୍ଟିରୁ କାରୁଣ୍ୟଭିଜା ନାଟକଟି ଉପରେ ଏବେ ପରଦା ପଡ଼ିଯାଇଛି। ଲୋକମନୋରଞ୍ଜକ 'ମୋଗଲ ତାମସା'ର ମୁଖ୍ୟ ଚରିତ୍ର-ତୁଲ୍ୟ 'କ୍ଷଣ କ୍ଷଣକେ ଆନ ଆଚରଣ, ଆନ ଉଚ୍ଚାରଣ'ରେ ଆମକୁ ପ୍ରଚୁର ହସ, ପ୍ରଚୁର ବିନୋଦରେ ଆପ୍ୟାୟିତ କରିଚାଲିଥିବା ନଟସମ୍ରାଟ ଜଣକ ଏଥର ଅନ୍ୟ ରଙ୍ଗରସର ଅଭିନୟରେ ସମଆଟୋପ ସହ ଉତ୍ତୀର୍ଣ୍ଣ ହେବା ପାଇଁ ମୁହୂର୍ତ୍ତେ ଅବଶ୍ୟ ବିଳମ୍ବ କରିବେ ନାହିଁ, କିନ୍ତୁ ସେ ଅଭିନୟ ଆଉ ଏତେଟା ରୋଚକ, ଏତେଟା ବିରକ୍ତିକର ଭାବରେ ରୋମାଞ୍ଚକ ହେବାର ସମ୍ଭାବନା ନାହିଁ ନିଶ୍ଚୟ। ଏହାର କାରଣ ଅତି ସ୍ପଷ୍ଟ। ସଦ୍ୟ ସମାପ୍ତ ଏହି ଚର୍ଚ୍ଚିତ ନାଟକରେ ଏ ଅଭିନେତା ଏକାବେଳକେ ତିନି/ଚାରିଟି ଭୂମିକାରେ ଅଭିନୟ କରିବାର ମହାର୍ଘ ସୁଯୋଗ ପାଇଥିଲେ- କେତେବେଳେ ଅଝଟ ଅବୋଧ ବାଳକର ଅଭିନୟ ତ କେତେବେଳେ ଜଣେ ସଲାକୁସ୍ତି-ଯୋଦ୍ଧାର କି ଜଣେ ଦୁର୍ଦ୍ଦାନ୍ତ ଦେହବଳିଆ, ମୋଟାବୁଦ୍ଧିଆର ଅଭିନୟ। କିଏ ହୁଏତ କହିପାରନ୍ତି ଏ ଭୂମିକା ସବୁ ହାସ୍ୟରସ ସହ କିଛିଟା ଲଘୁ ବୀଭତ୍ସରସ ସିନା ସୃଷ୍ଟି କରିଥିବେ, କିନ୍ତୁ କାରୁଣ୍ୟରସ କାହିଁ? କାରୁଣ୍ୟରସ ଅବଶ୍ୟ ଥିଲା, କାରଣ ଏ ପକ୍କା ନାଟୁଆ ମଣିଷ ଜଣକ ମଝିରେ ମଝିରେ 'ଭିକ୍ଷାଂ ଦେହି, ଭିକ୍ଷାଂ ଦେହି' କହି ଭାରି ବିକଳ ସ୍ୱରରେ କାକୁତି ମିନତି ବି କରୁଥିଲେ ଏବଂ ନିରାଶ-ଜର୍ଜର ଭିକ୍ଷୁକଟିଏ ପରି ଅଭିସଂପାତ ବି ଦେଉଥିଲେ।

ଏ ଦୀର୍ଘ ଉପକ୍ରମଣିକାଟି ପଢ଼ିବା ପରେ ଆପଣମାନେ ଜାଣି ସାରିବେଣି ଏ ନଟସମ୍ରାଟ ହେଉଛନ୍ତି ଆମେରିକାର ମଉଡ଼ମଣି ଡୋନାଲଡ୍ ଟ୍ରମ୍ପ ମହୋଦୟ। ନୋବେଲ୍ ଶାନ୍ତି ପୁରସ୍କାର ରୂପକ ଅପରୂପ ସ୍ୱାଦଯୁକ୍ତ ଅମୃତଫଳଟିକୁ ନିଜ ଭିକ୍ଷାଝୁଲିରେ ଯେନତେନ ପ୍ରକାରେ ଖସାଇ ପକାଇବା ପାଇଁ ତାଙ୍କର ଦୁଃସହ ଲିପ୍‌ସାର ଦୃଶ୍ୟଶ୍ରାବ୍ୟ ନାଟକ ଇଏ। ମନେ ହୁଏ ସେ କବି 'ୱାଲଟ୍ ହ୍ୱିଟ୍‌ମ୍ୟାନ'ଙ୍କ 'ସଙ୍ଗ୍ ଅଫ୍ ମାଇସେଲ୍‌ଫ୍' କବିତାର ଏଇ କେତୋଟି ପଂକ୍ତି 'ମୁଁ କ'ଣ ବାରବାର ନିଜକୁ ଖଣ୍ଡନ କରୁଛି? ବେଶ୍ ହେଲା, ଏବେ ଶୁଣ ମୋର ଦୃପ୍ତ ସ୍ୱୀକାରୋକ୍ତି / ହଁ, ମୁଁ ଖଣ୍ଡନ କରୁଛି ନିଜକୁ ବାରବାର / ମୁଁ ବିରାଟ, ବିପୁଳ / ମୁଁ ଏକ ନୁହେଁ, ଅନେକ / ମୋ ଭିତରେ ଅଗଣିତ ଭିନ୍ନ ଭିନ୍ନ ସତ୍ତା ବିଦ୍ୟମାନ' ରେ ନିହିତ ଗୂଢ଼ ଭାବନାର କଦର୍ଥ କରି ପକାଇଛନ୍ତି ଆପଣାର ସେ ବିଲକ୍ଷଣ ସ୍ଥୂଳ ବୁଦ୍ଧିରେ। ସେ ଭାବିନେଇଛନ୍ତି ଯେ ସେ ସତରେ ଜଣେ ବିରାଟ ପୁରୁଷ ଏବଂ ସେଥିପାଇଁ ନିଜକୁ, ନିଜର ମତ ମନ୍ତବ୍ୟ, ଆଚରଣ ବା ଉଚ୍ଚାରଣ ସବୁକୁ ବାରବାର ଖଣ୍ଡନ କରିବା ତାଙ୍କର ଦୈବାଧିକାର। ସ୍ଥୂଳ ବୁଦ୍ଧି ଓ ଅଳ୍ପ ବିଦ୍ୟା କି ଭୟଙ୍କର ସତେ!

ଆତ୍ମଗର୍ବ, ଆତ୍ମରତି, ଔଦ୍ଧତ୍ୟ ଓ ଓଲାପଣିଆର ବିଚିତ୍ର କକ୍‌ଟେଲ୍ ଡୋନାଲଡ ଟ୍ରମ୍ପ-ଏହା ଅବଶ୍ୟ ଅକାଟ୍ୟ ସତ୍ୟ। ମାତ୍ର ବିଚିତ୍ରତମ ହେଉଛି ନୋବେଲ୍ ଶାନ୍ତି ପୁରସ୍କାରଟି ପାଇଁ ତାଙ୍କର ଏ ଜ୍ୱରାକ୍ରାନ୍ତ ପ୍ରଳାପ, ଏ ଅଳିଅର୍ଦ୍ଦଳି, ଏ ରେରେକାର ଚିତ୍କାର ଓ ତମ୍ବିତୋଫାନ। କିନ୍ତୁ ସବୁ ଦୋଷ କ'ଣ ବିଚରା ଟ୍ରମ୍ପଙ୍କର? ତାଙ୍କରି ଦେଶର କୁଟିଳମନା ଯୁଦ୍ଧଖୋର କୂଟନୀତିଜ୍ଞ ହେନ୍‌ରୀ କିସିଂଜରଙ୍କୁ ନରୱେ ନୋବେଲ କମିଟି କ'ଣ ଦିନେ 'ବିଶ୍ୱଶାନ୍ତିଦୂତ'ର ମାନ୍ୟତା ଦେଇ ନଥିଲା ନୋବେଲ୍ ଶାନ୍ତି ପଦକଟି ଦୁର୍ବୋଧ୍ୟ ବିନମ୍ରତାର ସହ ପ୍ରଦାନ କରି? ଦିନେ ସେହି ନୋବେଲ୍ ଶାନ୍ତି କମିଟି କ'ଣ ହିଟ୍‌ଲର୍, ଷ୍ଟାଲିନ ଓ ମୁସୋଲିନୀମାନଙ୍କ ପରି ଗଣହତ୍ୟାକାରୀ ଅମଣିଷମାନଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ଦେବା ପାଇଁ ଅସଫଳ ମସୁଧା କରି ନ ଥିଲା? ଏ ପର୍ଯ୍ୟନ୍ତ ଯେଉଁମାନଙ୍କୁ ଏ କମିଟି ଶାନ୍ତି ସମ୍ମାନରେ ଭୂଷିତ କରିସାରିଛି, ସେମାନଙ୍କ ମଧ୍ୟରୁ ବେଶ୍ କେତେଜଣଙ୍କ ଯୋଗ୍ୟତା ଉପରେ ପ୍ରଶ୍ନବାଚୀ ଚିହ୍ନ ଲାଗିନି କି? ଏମିତି ଉଦାହରଣ, ଏମିତି ବିଡ଼ମ୍ବନାମାନ ଯେତେବେଳେ ଡୋନାଲଡ୍ ଟ୍ରମ୍ପଙ୍କ ଗୋଚରୀଭୂତ ହୋଇଥିବ, ସେତେବେଳେ କିପରି ଓ କାହିଁକି ବା ସେ ବିରତ ହୋଇଥା'ନ୍ତେ ଏମନ୍ତ ଏକ ସର୍ବଗ୍ରାସୀ (ଓ ସର୍ବନାଶୀ ବି) କାମନା-ପୋଷଣରୁ? ସେ କ'ଣ ହେନରୀ କିସିଂଜରଙ୍କ ମୁଖନିସୃତ 'ଆମେରିକାର କେହି ନୁହନ୍ତି ଶତ୍ରୁ, କେହି ନୁହନ୍ତି ମିତ୍ର-ସର୍ବାଗ୍ରେ ହିଁ ଆମେରିକାର ସ୍ୱାର୍ଥ' ମହାମନ୍ତ୍ରଟିର ପ୍ରୟୋଗ କରି ଚାଲିନାହାନ୍ତି ତାଙ୍କର ବିଦେଶ ନୀତିରେ? କାମ୍ବୋଡ଼ିଆରେ ବୋମାବର୍ଷଣ, ବଲଭିଆ ଓ ଚିଲିରେ ସାମରିକ ବିଦ୍ରୋହ, ଇଷ୍ଟ ତିମୋର୍ ଉପରେ ଇଣ୍ଡୋନେସିଆର ଆକ୍ରମଣ ଏବଂ ଏମିତି ଆହୁରି କେତେ କେତେ ହିଂସାତ୍ମକ, ଆକ୍ରମଣାତ୍ମକ କାର୍ଯ୍ୟ ଓ ଅଭିମୁଖ୍ୟ ଆମେରିକା ପ୍ରଦର୍ଶନ କରିଚାଲିଥିବା ବେଳେ ସେଥିପାଇଁ ପ୍ରୋତ୍ସାହନ ଦେଇଥିଲେ ହେନେରୀ କିସିଂଜର। ଆଉ କିଏ ବା ନ ଜାଣେ ଏଇ କିସିଂଜରୀୟ କୂଟନୀତି ଭିଏତ୍‌ନାମ, ଇରାକ୍ ଆଦି ଦେଶମାନଙ୍କରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ମୁଖ୍ୟ ଉତ୍‌ପ୍ରେରକ ବୋଲି! ଏମନ୍ତ ମହାନ୍ ଆମେରିକୀୟ ଜଣେ ଯଦି ନୋବେଲ୍ ଶାନ୍ତି ସମ୍ମାନରେ ଭୂଷିତ ହୋଇଥିଲେ, ଟ୍ରମ୍ପ ବା କାହିଁକି ନ ହେବେ, ବିଶେଷ କରି ସେ ସାତ ସାତଟି ଯୁଦ୍ଧ ବିରତିର କାର୍ପେଟଦାର ହୋଇଥିବା ବେଳେ? ପାକିସ୍ତାନର ଅସୀମ ମୁନିର୍, ଇସ୍ରାଏଲର ନେତାନ୍ୟାହୁ ଆଦି ଟ୍ରମ୍ପ ହିଁ ନୋବେଲ୍ ଶାନ୍ତି ପୁରସ୍କାରର ହକ୍‌ଦାର ବୋଲି ନୋବେଲ୍ କମିଟିକୁ ଦୃଢ଼ ସୁପାରିସ କରିନାହାନ୍ତି କି? ଅବୋଲକରା ଭାରତ ସେମିତି କଲା ନାହିଁ ବୋଲି ସେ ତା'ଉପରେ ପ୍ରଚଣ୍ଡ 'ତାରିଫ୍' ପ୍ରହାର କରି ନାହାନ୍ତି କି? 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' (ମାଗା) ସ୍ୱପ୍ନଟିକୁ ଚରିତାର୍ଥ କରିବା ପାଇଁ କି କି ମହତ୍ ପଦକ୍ଷେପମାନ ନେଉନାହାନ୍ତି ସେ? ମାନବତା, ଉଦାରତା, ଭେଦଭାବହୀନତା ପରି ଶାଶ୍ୱତ ମୂଲ୍ୟବୋଧ ସବୁର ପ୍ରତୀକ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଦେଶ ଆମେରିକାର ଗଣତାନ୍ତ୍ରିକ, ସାମ୍ବିଧାନିକ ବାତାବରଣକୁ ଧ୍ୱସ୍ତ ବିଧ୍ୱସ୍ତ କରି, ବିଶ୍ୱାୟନ ପରେ ପରେ ଦେଶ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ, ଅବାଧ ଯାତାୟତ ଓ ଜ୍ଞାନବିଜ୍ଞାନର ଆଦାନପ୍ରଦାନ ସବୁକୁ ସୁଗମ କରିବା ପାଇଁ ଉନ୍ମୁକ୍ତ ହୋଇଯାଇଥିବା ସବୁ ଦ୍ୱାର, ଗବାକ୍ଷ, ସବୁ ମାର୍ଗ ପୁନଶ୍ଚ ଅବରୁଦ୍ଧ କରି ଆମେରିକାର ସ୍ୱାତନ୍ତ୍ର୍ୟ, ଆମେରିକାର ପ୍ରଭୁତ୍ୱକୁ ନିରଙ୍କୁଶ ରଖିବା ପାଇଁ କି କି ଅଭିନବ ଚିନ୍ତନ-ପ୍ରସୂତ ତତ୍ତ୍ୱ ବାଢ଼ି ଦେଇନାହାନ୍ତି ସେ? ତେଣୁ ନୋବେଲ୍ ଶାନ୍ତି ତାଙ୍କର ପ୍ରାପ୍ୟ, ଶତ ପ୍ରତିଶତ ପ୍ରାପ୍ୟ - ଏମିତି ଭାବିବାରେ କିଛି ଅସ୍ୱାଭାବିକତା ଅଛି ବୋଲି କାହିଁକି ଟ୍ରମ୍ପ ମହୋଦୟ ଚିନ୍ତା କରିବେ?

କିନ୍ତୁ ହାୟ, ସବୁ ଛଳକୌଶଳ, ସବୁ ଧମକଚମକ ଓ ସବୁ କାନ୍ଦଣା, ପ୍ରାର୍ଥନାକୁ ବ୍ୟର୍ଥ କରିଦେଲେ ନରୱେ ନୋବେଲ୍ କମିଟିର ବିଚାରକମାନେ। ବୋଧହୁଏ ଏଇଥର ଖୁବ୍ ତୀବ୍ର ବେଗରେ ସେମାନଙ୍କ ଧମନୀରେ ପ୍ରବାହିତ ହୋଇ ଚାଲିଲା ବେଳେବେଳେ ଧିମେଇ ଯାଉଥିବା ସେ ବୈଶିଷ୍ଟ୍ୟାତ୍ମକ 'ସ୍କାଣ୍ଡିନେଭିଆନ୍' ଟାଣପଣିଆ ଏବଂ ସୁସ୍ଥବିଚାର-ପ୍ରବଣତାର ରସାୟନ। ଶାନ୍ତି, ଶାନ୍ତି ଚିତ୍କାର କରି ଅଶାନ୍ତି ସୃଷ୍ଟି କରି ଚାଲିଥିବା ହୁଙ୍କାପିଟିଆ, ଆଡ଼ବାୟା ଡୋନାଲଡଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ଚାପ ଆଗରେ ମୁଣ୍ଡ ନ ନୁଆଁଇ ସେମାନେ ଭେନିଜୁଏଲାର ବିରୋଧୀ ଦଳର ନେତ୍ରୀ 'ମାଚାଡୋ'ଙ୍କୁ ନୋବେଲ୍ ଶାନ୍ତି (୨୦୨୫) ପୁରସ୍କାର ବିଜୟିନୀ ଭାବରେ ଘୋଷଣା କଲେ ଏବଂ ଏପରି କରି ସ୍ପଷ୍ଟ କରିଦେଲେ ଯେ ଶାନ୍ତି ଏକ ଲକ୍ଷ୍ୟ କେବଳ ନୁହେଁ, ଏହା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଏବଂ ଗଣତନ୍ତ୍ର, ମାନବତା, ସମତା ଓ ବାକ୍ ସ୍ୱାଧୀନତାର ମାର୍ଗରେ ଏକ ସର୍ତ୍ତବିହୀନ ନିରବଚ୍ଛିନ୍ନ ଯାତ୍ରା। ଏହାସହିତ ମଧ୍ୟ ସ୍ପଷ୍ଟ କରିଦେଲେ ଯେ ଶାନ୍ତିର ମାର୍ଗ ହେଉଛି ଗାନ୍ଧୀଙ୍କ ମାର୍ଗ, ମାର୍ଟିନ୍ ଲୁଥର କିଙ୍ଗ, ନେଲସନ୍ ମାଣ୍ଡେଲା ଓ ମଦର ଟେରେସାଙ୍କ ମାର୍ଗ। ଡୋନାଲଡ୍ ଟ୍ରମ୍ପଙ୍କ ପରି ଜଣେ ଅସ୍ଥିରଚିତ୍ତ, ପ୍ରଚ୍ଛନ୍ନ ଫାସିବାଦୀ ଚରିତ୍ରର ରାଜନେତା ନୁହନ୍ତି, 'ମାଚାଡୋ'ଙ୍କ ପରି ଜଣେ ଉତ୍ସର୍ଗୀକୃତ ନାରୀନେତ୍ରୀ ଏ ମହତୀ ସମ୍ମାନର ଯୋଗ୍ୟା ବୋଲି ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ଆମକୁ ତଥା ଏ ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିବା ସଙ୍ଗେ ସଙ୍ଗେ ନରୱେ ନୋବେଲ ଶାନ୍ତି କମିଟି ଏଇ ବାର୍ତ୍ତାଟି ମଧ୍ୟ ଦେଇଛନ୍ତି - 'ବର୍ତ୍ତମାନର ବହୁଧା ବିଭକ୍ତ, ବିଭାଜିତ, ବହୁ ଦ୍ୱନ୍ଦ୍ୱ, ବିରୋଧାଭାସପୂର୍ଣ୍ଣ କାଳଖଣ୍ଡରେ ତଥାପି ମାନବତା, ମାନବିକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତାର ଦୀପଶିଖା କେଉଁଠି ନା କେଉଁଠି ପ୍ରଜ୍ୱଳିତ ଅଛି, କେଉଁଠି ନା କେଉଁଠି ସୁସ୍ଥ ବିଚାରବୋଧର ଜାହ୍ନବୀଧାରା ପ୍ରବାହିତ ହୋଇଚାଲିଛି'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଏମିତି ଖୁସି କାହିଁକି?

**ପ୍ରଣତି ଆଚାର୍ଯ୍ୟ ମିଶ୍ର**



ଖୁସି ପ୍ରକାଶ କରିବାର ଅନେକ ଉପାୟ ଅଛି। ହେଲେ ପ୍ରଶ୍ନ ହେଉଛି କାହିଁକି କିଛି ଲୋକ କେବଳ ବାଣ ଫୁଟାଇ ନିଜ ଖୁସି ପରିପ୍ରକାଶ କରନ୍ତି। ବାଣ କେବଳ ପରିବେଶ ପାଇଁ କ୍ଷତିକାରକ ନୁହେଁ, ବିପଜ୍ଜନକ ମଧ୍ୟ। ଏଥିଯୋଗୁଁ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିତ ଅନେକ ଲୋକଙ୍କ ମୃତ୍ୟୁ ଘଟେ। ସର୍ବୋଚ୍ଚ ନ୍ୟାୟାଳୟ ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ଆବେଦନଗୁଡ଼ିକର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ କେବଳ ଦିଲ୍ଲୀ-ଏନସିଆରରେ କାହିଁକି ବାଣ ଫୁଟାଇବା ନିଷେଧ ହେବ? ଦେଶର ଅନ୍ୟାନ୍ୟ ସହର ଯେଉଁଠାରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା, ସେଠାରେ ମଧ୍ୟ ବାଣ ଫୁଟାଇବା କାହିଁକି ନିଷେଧ କରାଯିବ ନାହିଁ? ଦିଲ୍ଲୀ ଜନସାଧାରଣଙ୍କର ପରି ସମସ୍ତ ସହରର ଲୋକଙ୍କୁ ସ୍ୱଚ୍ଛ ବାୟୁ ଆହରଣର ସମାନ ଅଧିକାର ଅଛି। ପ୍ରଦୂଷଣ ସମ୍ପର୍କିତ ଯେକୌଣସି ନୀତି ସାରା ଦେଶରେ ସମାନ ହେବା ଉଚିତ।

୨୦୨୫, ମେ' ମାସରେ ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତର ପ୍ରଦେଶ, ହରିୟାଣା ଓ ରାଜସ୍ଥାନ ସରକାରଙ୍କୁ ଜାତୀୟ ରାଜଧାନୀ ଅଞ୍ଚଳରେ ବାଣ ଫୁଟାଇବା ଉପରେ ନିଷେଧାଦେଶ ଜାରି କରିଛନ୍ତି। ଚେତାବନୀ ଦେଇଛନ୍ତି ନିର୍ଦ୍ଦେଶର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ହେବ। ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଅନେକ ଥର ଏହି ସମ୍ପର୍କରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶଗୁଡ଼ିକୁ କେତେ ପରିମାଣରେ ପାଳନ କରାଯାଇଛି ତାହା ସର୍ବଜନବିଦିତ। ଯଦିଓ କିଛି ମହଲରେ ସବୁଜ ବାଣ ବିଷୟରେ ଏକ ସକାରାତ୍ମକ ଧାରଣା ରହିଛି, ତଥାପି ବାଣ ବ୍ୟବହାର ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ସୃଷ୍ଟି କରେ। ଏଥିରୁ ନିର୍ଗତ ପ୍ରଦୂଷଣ, ରାସାୟନିକ ପଦାର୍ଥ ଓ ବିଭିନ୍ନ କଠିନ ପଦାର୍ଥର ପରିବେଶ ଉପରେ ପ୍ରଭାବ କମ୍ ନୁହେଁ। ବିଡ଼ମ୍ବନାର ବିଷୟ ହେଉଛି ସାଧାରଣ ଲୋକ ସମସ୍ତ ନିର୍ଦ୍ଦେଶ, ସରକାରୀ କଟକଣା ଓ ପରାମର୍ଶକୁ କ୍ରମାଗତ ଭାବରେ ଅଣଦେଖା କରିଛନ୍ତି। ଦୀପାବଳୀ ସମୟରେ ଏବଂ ଏହାର ପାଖାପାଖି ଗୋଟିଏ କିମ୍ବା ଦୁଇ ଦିନ ପାଇଁ ରାସ୍ତାରେ ଚାଲିବା କଷ୍ଟକର ହୋଇପଡ଼େ। ଅନେକ ଦିନ ପର୍ଯ୍ୟନ୍ତ ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ରହିଥାଏ, ଯାହା ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରେ।

ପ୍ରଶ୍ନ ହେଉଛି ଏହା କାହାର ଖୁସି? ଏହି ପର୍ବରେ କିଏ ଭଲ ଭାବରେ ଆତସବାଜି ଫୁଟାଇପାରିବ ତାହା ଦେଖିବା ପାଇଁ ଏକ ପ୍ରତିଯୋଗିତା ହୋଇଥାଏ। ରିପୋର୍ଟ ଅନୁଯାୟୀ ଅନେକ ପରିବାର କିଛି ଘଣ୍ଟା ମଧ୍ୟରେ ୧୦୦୦ ରୁ ୧୦୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଆତସବାଜି ଜାଳିଥା'ନ୍ତି। ପ୍ରଶ୍ନ ହେଉଛି ଏହା କ'ଣ ପର୍ବ ପାଳନ କରିବାର ଉପାୟ ନା ପ୍ରଦୂଷଣ ସୃଷ୍ଟିକାରୀ ପ୍ରତିଯୋଗିତା? ଆତସବାଜି କେବଳ ବ୍ୟବହାରକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ନାହିଁ, ବରଂ ନିକଟରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରେ।

ବୈଜ୍ଞାନିକଙ୍କ ମତାନୁଯାୟୀ ଆତସବାଜି ଜାଳିବା ଦ୍ୱାରା ସଲଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୀସା ସମେତ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ନିର୍ଗତ ହୁଏ, ଯାହା ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଏସବୁ ଅତ୍ୟନ୍ତ ବିଷାକ୍ତ, ଯାହା ହୃଦୟ, ମସ୍ତିଷ୍କ, ଯକୃତ, ବୃକକ୍, ରକ୍ତ ଏବଂ ହାଡ଼କୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ଶବ୍ଦ ପ୍ରଦୂଷଣ ବ୍ୟତୀତ ଏହା ମାଟି ଓ ଜଳ ପ୍ରଦୂଷଣ ମଧ୍ୟ ସୃଷ୍ଟି କରେ। ଆଜ୍‌ମା, ହୃଦ୍‌ଘାତ, ଚର୍ମ ରୋଗ ଆଦି ମଧ୍ୟ ବୃଦ୍ଧି କରେ। ଗବେଷଣା ଅନୁଯାୟୀ ଆତସବାଜି ସାର୍ବଜନୀନ ଜଳ ଯୋଗାଣ ଓ ଭୂତଳ ଜଳକୁ ମଧ୍ୟ ବିଷାକ୍ତ କରିପାରେ। ଯେଉଁମାନେ ସେହି ପାଣି ବ୍ୟବହାର କରନ୍ତି ସେମାନଙ୍କୁ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗର ଶିକାର ହେବାକୁ ପଡ଼ିଥାଏ। ଏହା ଉଦ୍ଭିଦ ଉପରେ ପ୍ରତିକୂଳ ପ୍ରଭାବ ପକାଏ।

ଉତ୍ସବ ନାମରେ ଜଳାଯାଉଥିବା ଆତସବାଜି ଥରେ ହିଂସାତ୍ମକ ଓ କୋଳାହଳପୂର୍ଣ୍ଣ ସଂସ୍କୃତିର ଅଂଶ ଥିଲା। ମଧ୍ୟଯୁଗୀୟ ସମୟରେ ଏଗୁଡ଼ିକ ଭାରତରେ ବ୍ୟାପକ ହୋଇଗଲା ଏବଂ ଦେଖୁ ଦେଖୁ ଭାରତୀୟ ସମାଜର ପ୍ରତ୍ୟେକ ବର୍ଗରେ ଆନନ୍ଦ ପ୍ରକାଶ କରିବାର ଏକ ମାଧ୍ୟମ ହୋଇଗଲା। ଆମ ଦେଶରେ ଏଗୁଡ଼ିକ କୌଣସି ଉତ୍ସବ କିମ୍ବା ପର୍ବର ଅଂଶ ନଥିଲେ। କାରଣ ଏଗୁଡ଼ିକ ଏଠାରେ ନିର୍ମିତ ହୋଇନଥିଲା। ଶାନ୍ତି, ପ୍ରେମ, ସଦ୍ଭାବ ଏବଂ ସହିଷ୍ଣୁତାର ଭାରତୀୟ ସଂସ୍କୃତିରେ ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମ, ଆମ୍ବ ପତ୍ରରେ ଘର ସଜାଇବା, ଚିତ୍ରକଳା କରିବା ଏବଂ ଖୁସି ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରତୀକ ବ୍ୟବହାର କରିବାର ପରମ୍ପରା ରହିଆସିଛି।

ରାଜ୍ୟ ପ୍ରଶାସନ ବାଣ ଫୁଟାଇବା ଉପରେ ସରକାରୀ ନିଷେଧ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କେତେଦୂର କାର୍ଯ୍ୟକାରୀ କରିପାରିବେ ତାହା କେବଳ ଦୀପାବଳି ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ସମୟରେ ଜଣାପଡ଼ିବ। ତଥାପି ଜନସଚେତନତା ବ୍ୟାପକ ଭାବରେ କରାଯିବା ଉଚିତ, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି ନହୁଏ। ଆଶା କରାଯାଉଛି ଯେ ଭବିଷ୍ୟତରେ କେବଳ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ନୁହେଁ, ବରଂ ପ୍ରଦୂଷଣ ସମସ୍ୟା ଲାଗି ରହିଥିବା ପ୍ରତ୍ୟେକ ସହରରେ ବାଣ ଫୁଟାଇବା ଉପରେ ନିଷେଧ ଲାଗୁ କରାଯିବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ତିବ୍ବତରେ ବୌଦ୍ଧବିହାର

**ପ୍ରବୀର କୁମାର ପଟ୍ଟନାୟକ**



## ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ଏଇଟି ଖ୍ରୀ ୧୪୪୫ ରେ ନିର୍ମିତ ହୋଇଥିଲା ସଙ୍ଘ-ଖା-ପାଙ୍କର ବଂଶଧର ତଥା ଗେଲୁଗ୍‌ସ୍‌ପା ସଂପ୍ରଦାୟର ପ୍ରଥମ ମହାଲାମା ଗେ ଡୁନ୍ ଡବ୍ ଙ୍କ ଦ୍ୱାରା। ଏହି ମହାବିହାରଟି ବୌଦ୍ଧଶିକ୍ଷାର ପ୍ରଧାନ କେନ୍ଦ୍ର। ତାସୀ-ଲୁନ୍-ପୋ ବିଶ୍ୱବିଦ୍ୟାଳୟଟି ମହାଲାମାଙ୍କ ଅଧ୍ୟକ୍ଷତାରେ ହିଁ ପରିଚାଳିତ। ଏହି ମହାଲାମା ପଞ୍ଚେନ ରିନ୍ ପୋ ଚେ ନାମରେ ପରିଚିତ। ମହାବିହାରଟି ଗୋଟିଏ କ୍ଷୁଦ୍ର ସହର ଏବଂ ଏଠାରେ ତିନି ହଜାର ଭିକ୍ଷୁ ରହିଥା'ନ୍ତି। (୬) ରା-ଡାଙ୍ଗ - ଏହି ମହାବିହାରଟି କଦମ୍‌ପା ସଂପ୍ରଦାୟର। ଏହା ଲାସାର ଉତ୍ତର ପୂର୍ବକୁ ଅବସ୍ଥିତ। ଏଇଟି ବୌଦ୍ଧ ଗୁରୁ ଅତୀସଙ୍କ ଶିଷ୍ୟ ବ୍ରମ୍-ଟନ୍ ଙ୍କ ଦ୍ୱାରା ଖ୍ରୀ ୧୦୫୫ରେ ପ୍ରତିଷ୍ଠିତ। ଏଠାରେ ଅତୀସଙ୍କ ଦେହାବଶେଷ ଏକ ବିରାଟ ରୌପ୍ୟ ସମାଧିରେ ସଂରକ୍ଷିତ। ଏହିଠାରେ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସାଧୁ ମିଲାରେପାଙ୍କର ସ୍ୱର୍ଣ୍ଣନିର୍ମିତ ପ୍ରତିମୂର୍ତ୍ତି ରଖାଯାଇଛି। ଏହି ସ୍ଥାନଟି ହେଉଛି ତିବ୍ବତରେ ପ୍ରାରମ୍ଭିକ କାଳର ପ୍ରଥମ ଓ ପ୍ରଧାନ ବୌଦ୍ଧ କେନ୍ଦ୍ର। (୭) ସା-ସ୍କ୍ୟ - ଏହି ମହାବିହାର ଖ୍ରୀ ୧୦୭୧ରେ ପ୍ରତିଷ୍ଠିତ। ସା-ସ୍କ୍ୟ ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ଏକ ସଂସ୍କାରମୂଳକ ସଂପ୍ରଦାୟ ଏବଂ ଏହି ମହାବିହାରଟି ସେହି ନାମରେ ନାମିତ। ଏହି ମହାବିହାରର କୋଠା ସାତତାଲା ବିଶିଷ୍ଟ। ଏଠାରେ ଏକ ବିଶାଳ ଗ୍ରନ୍ଥାଗାର ରହିଛି। ତିବ୍ବତୀ ଓ ସଂସ୍କୃତ ଭାଷାରେ ଗ୍ରନ୍ଥମାନ ଏଠାରେ ରଖାଯାଇଛି। (୮) ଫୁଣ୍ଟସୋଲିଙ୍ଗ - ଏହି ବିହାରଟିକୁ ପ୍ରସିଦ୍ଧ ତିବ୍ବତୀୟ ଇତିହାସକାର ଲାମା ତାରାନାଥ ପ୍ରତିଷ୍ଠା କରିଥିଲେ। ଶାସକ୍ୟର ଉତ୍ତର ପାଖରେ ଜୋନାଙ୍ଗ ବୌଦ୍ଧବିହାର ପାଖାପାଖି ଏହି ବିହାରଟିରେ ଲାମା ତାରାନାଥ ନିଜେ ଶିକ୍ଷା ଗ୍ରହଣ କରିଥିଲେ। ଏହି ବିହାରଟିରେ ସେ ଅନେକ ବୌଦ୍ଧ ପ୍ରତିମୂର୍ତ୍ତି ଓ ବହୁ ସଂଖ୍ୟକ ଗ୍ରନ୍ଥ ସଂଗ୍ରହ କରି ପୂର୍ଣ୍ଣ କରିଦେଇଥିଲେ। ତାଙ୍କ ଦେହତ୍ୟାଗ ପରେ ପଞ୍ଚମ ମହାଲାମା (ଦଲାଇ ଲାମା) ଜବରଦସ୍ତ ଏହି ବିହାରଟିକୁ ନିଜର ଗେଲୁଗ୍‌ସ୍‌ପା ସଂପ୍ରଦାୟର ଅନୁଷ୍ଠାନ ଭାବେ ପରିଣତ କରି ଦେଇଥିଲେ। (୯) ସାମ-ନିଙ୍ଗ - ଏଇଟି ନିଙ୍ଗମା ସଂପ୍ରଦାୟର ବିହାର। ଏହି ବିହାରରେ ଉଭୟ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀ ରହିଥା'ନ୍ତି। ମାତ୍ର ଜଣେ ଭିକ୍ଷୁଣୀ ଦେଉଛନ୍ତି ଏହାର ମୁଖ୍ୟ। (୧୦) ଦେ-କୁଙ୍ଗ - ଜଣେ ବିଶିଷ୍ଟ ଶାସକ୍ୟ ଲାମାଙ୍କ ପୁତ୍ର କୋଞ୍ଚୋ-ୟାଲ୍‌ପୋ ଏହି ବିହାରଟିକୁ ଖ୍ରୀ ୧୧୬୬ ରେ ନିର୍ମାଣ କରିଥିଲେ। ଏହା ଲାସାର ଉତ୍ତର ପଶ୍ଚିମକୁ ପ୍ରାୟ ଶହେ ମାଇଲ ଦୂରରେ ଅବସ୍ଥିତ ଏବଂ କାଗ୍ୟପା ସଂପ୍ରଦାୟର ବିଶାଳ ବୌଦ୍ଧ ବିହାର ମଧ୍ୟରୁ ଗୋଟିଏ। (୧୧) ମିଣ୍ଡୋଲିଙ୍ଗ - ଏହା ହେଉଛି ନିଙ୍ଗ୍‌ମା ସଂପ୍ରଦାୟର ବିହାର ଓ ସମୟେ ବିହାରର ଦକ୍ଷିଣକୁ ଲାଗି ରହିଛି। ଏଥିରେ କୋଡ଼ିଏ ଗୋଟି ବୌଦ୍ଧମନ୍ଦିର ରହିଛି। ମୁଖ୍ୟ ମନ୍ଦିରଟି ନଅତାଲା ବିଶିଷ୍ଟ। ଏହି ବିହାରଗୁଡ଼ିକ ତିବ୍ବତର ପ୍ରସିଦ୍ଧ ବିହାର ମଧ୍ୟରୁ କେତୋଟି। ତିବ୍ବତର କୋଣ ଅନୁକୋଣରେ ବିଭିନ୍ନ ସଂପ୍ରଦାୟର ଅନେକ ବିହାର ରହିଛି। ଦକ୍ଷିଣ ଓ ପୂର୍ବ ତିବ୍ବତରେ ବିହାରମାନ ବହୁ ସଂଖ୍ୟାରେ ଅବସ୍ଥିତ। ବିହାରଗୁଡ଼ିକ ମଧ୍ୟରୁ ଅଧିକ ସଂଖ୍ୟକ ହେଉଛନ୍ତି ନିଙ୍ଗମା ସଂପ୍ରଦାୟର। ଏହି ନିଙ୍ଗମା ସଂପ୍ରଦାୟ ସିଧାସଳଖ ଭାବେ ପଦ୍ମସମ୍ଭବଙ୍କ ସହ ସଂଯୁକ୍ତ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏଥର ବ୍ୟବସାୟୀଙ୍କ ଦୀପାବଳି

# କାରବାର ଛୁଇଁବ ୪.୭୫ ଲକ୍ଷ କୋଟି

### ସର୍ବଭାରତୀୟ ବଣିକ ସଂଘର ଆକଳନ

**କେବଳ ଦିଲ୍ଲୀରେ ହେବ ୭୫ ହଜାର କୋଟିର ବେପାର**

**ଧନ୍‌ତେରସ୍‌ରେ ସୁନା କାରବାର ଟପିବ ୫୦ ହଜାର କୋଟି**



■ **ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି):** ନବରାତ୍ରିରୁ ଦୀପାବଳି ଏବଂ ବିବାହ ଋତୁ ପର୍ଯ୍ୟନ୍ତ ସାରା ଦେଶରେ ଉତ୍ସବର ମାହୋଲ ଚାଲିଛି। ସବୁଠି କାରବାର ଉତ୍ସାହଜନକ ରହିଥିବାବେଳେ ବ୍ୟବସାୟୀମାନେ କାରବାରରେ ରେକର୍ଡ ଭାଙ୍ଗିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତଥର ଦୀପାବଳି ସାରା ଦେଶରେ ୪.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛି କନ୍‌ଫେଡ଼େରେସନ ଅଫ୍ ଅଲ ଇଣ୍ଡିଆ ଟ୍ରେଡ଼ର୍ସ (କ୍ୟାଟ୍)। ବାସ୍ତବରେ ଯଦି ଏହି ଆକଳନ ସତ୍ୟରେ ପରିଣତ ହୁଏ ତେବେ ଏହା ସର୍ବକାଳୀନ ରେକର୍ଡ ଭାଙ୍ଗିବ। ଏହି ପରିମାଣର କାରବାର ନେପାଳର ଜିଡିପି ୪ ଲକ୍ଷ କୋଟିରୁ ଅଧିକ ଓ ପାକିସ୍ତାନର ବାର୍ଷିକ ପ୍ରତିରକ୍ଷା ବଜେଟ୍‌ର ୬ଗୁଣ ବୋଲି କୁହାଯାଉଛି। ସମାନ ଓ ପାକିସ୍ତାନର ପ୍ରତିରକ୍ଷା ବଜେଟ୍‌ର ୪ ଗୁଣ।

ସୂଚନା ଅନୁସାରେ ୨୦୨୧ ଦୀପାବଳିରେ ଭାରତରେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କା କାରବାର ହୋଇଥିଲା। ୨୦୨୨ରେ ଏହା ପାଖାପାଖି ଦ୍ୱିଗୁଣିତ ହୋଇ ୨.୨୫ ଲକ୍ଷ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୩ ପରଠାରୁ ଦୀପାବଳି କାରବାର ରକେଟ୍ ବେଗରେ ଉର୍ଦ୍ଧ୍ୱଗାମୀ ହୋଇଛି। ୨୦୨୩ରେ ଭାରତରେ ଦୀପାବଳି କାରବାର ୩.୭୫ ଲକ୍ଷ କୋଟି ଛୁଇଁଥିଲା ଓ ୨୦୨୪ରେ ଏହା ୪.୨୫ ଲକ୍ଷ କୋଟି ହୋଇଥିଲା। ମାତ୍ର ଚଳିତ ବର୍ଷ ଏହା ୪.୭୫ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କ୍ୟାଟ୍ ଆକଳନ କରିଛି। କେବଳ ରାଜଧାନୀ ନୂଆଦିଲ୍ଲୀରେ ୭୫ ହଜାର କୋଟି ଟଙ୍କାର କାରବାର ହେବା ଲକ୍ଷ୍ୟ ରଖାଯାଇଛି ଓ ଆସନ୍ତାକାଲି ଧନତେରସରେ ୫୦ ହଜାର କୋଟିର ସୁନା କ୍ରୟ ହୋଇପାରେ ବୋଲି ଆକଳନ କରାଯାଇଛି। ଯାହା ଫଳରେ କାରବାର ଦୃଷ୍ଟିରୁ ଚଳିତବର୍ଷର ଦୀପାବଳି କାରବାର ସର୍ବକାଳୀନ ରେକଡର୍ ଭାଙ୍ଗିବ ବୋଲି ଆଶା କରାଯାଉଛି।

ଦିଲ୍ଲୀ ସମେତ ୩୫ଟି ପ୍ରମୁଖ ସହରରେ ବ୍ୟବସାୟ ଧାରା ସମ୍ପର୍କରେ କ୍ୟାଟ୍ ପକ୍ଷରୁ କରାଯାଇଥିବା ସର୍ଭେକ୍ଷଣରେ ଚମକପ୍ରଦ ତଥ୍ୟ ମିଳିଛି। ଲୋକେ ଘର ସାଜସଜ୍ଜା ସାମଗ୍ରୀ, ଘରୋଇ ଉତ୍ପାଦ, ପୋଷାକପତ୍ର, ଇଲେକ୍‌ଟ୍ରୋନିକ୍ସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଭାରତୀୟ ବ୍ରାଣ୍ଡକୁ ଅଧିକ ଗୁରୁତ୍ୱ ଦେଉଥିବା କ୍ୟାଟ୍‌ର ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷ ଦୀପାବଳିରେ ବଜାରରେ ଚୀନ ସାମଗ୍ରୀ ବିଶେଷ ଉପଲବ୍ଧ ନାହିଁ। ଆମଦାନୀକାରୀମାନେ ଚୀନ୍‌ରୁ ଦୀପାବଳି ସମ୍ବନ୍ଧୀୟ ସାମଗ୍ରୀ ଆଣିବା ବନ୍ଦ କରିଦେଇଛନ୍ତି। ୨୦୨୦ର ଗାଲୱାନ୍ ଘଟଣା ପରଠାରୁ ବ୍ୟବସାୟୀ ଏବଂ ଗ୍ରାହକ ଉଭୟ ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ ଆଡ଼କୁ ମୁହାଁଇଛନ୍ତି। ନବରାତ୍ରି ସହିତ ଆରମ୍ଭ ହୋଇଥିବା ପାର୍ବଣ ଋତୁ ଦୀପାବଳି, ଛଠ୍‌ପୂଜା ଏବଂ ବିବାହ ଋତୁ ପର୍ଯ୍ୟନ୍ତ ଜାରି ରହିବ, ଯାହା ବ୍ୟବସାୟର ସୁଯୋଗ ବୃଦ୍ଧି କରିବ। ଚଳିତ ବର୍ଷ ଦୀପାବଳି କେବଳ ଆଲୋକର ପର୍ବ ନୁହେଁ, ବରଂ ଭାରତର ଆର୍ଥିକ ଶକ୍ତିର ଉତ୍ସବ। ସେ କହିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ଦେଶର ଅଭିବୃଦ୍ଧିରେ ଯୋଗଦାନ ଦିଏ ଏବଂ ସ୍ଥାନୀୟ କାରିଗର, ନିର୍ମାତା ଏବଂ ବ୍ୟବସାୟୀଙ୍କୁ ସମର୍ଥନ କରେ। ଦିଲ୍ଲୀ ବଜାରର ଦୃଢ଼ ଅଭିବୃଦ୍ଧି ଦେଶବ୍ୟାପୀ ବର୍ଦ୍ଧିତ କାରବାରର ଧାରା ପ୍ରତିଫଳିତ କରେ। ଏହି ପାର୍ବଣ ଋତୁରେ ଦେଶ ସାରା ବିକ୍ରି ୪.୭୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆଶା କରାଯାଉଛି, ଯାହା ଦେଶର ଖୁଚୁରା ଅର୍ଥନୀତି ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିବ।

# କେନ୍ଦୁଝରକୁ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର

### ‘ଧରତୀ ଆବା ଜନଭାଗୀଦାରି ଅଭିଯାନ’

**ଭୁବନେଶ୍ୱର,୧୭।୧୦(ସମିସ):** ଧରତୀ ଆବା ଜନଭାଗୀଦାରି ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ, ଜାତୀୟ କନକ୍ଲେଭ-୨୦୨୫ରେ ମନ୍ତ୍ରଣାଳୟର ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାରଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି ରାଜ୍ୟ ଏସସିଏସଟି ଡିପାର୍ଟମେଣ୍ଟ କମିଶନର ତଥା ସଚିବ ପି. ପରମେଶ୍ୱରନ୍।

ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ କହିଥିଲେ, ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର। ଏହା ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି ସେ କହିଛନ୍ତି। ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି, ସେମାନଙ୍କୁ କିପରି ଲାଭ ମିଳିବ, ତାହା ଆମର ଲକ୍ଷ୍ୟ ବୋଲି ଶ୍ରୀ ସିଂହ କହିଛନ୍ତି।

ସୂଚନା ଅନୁସାରେ, ଅନ୍ତର୍ଭୁକ୍ତୀକରଣ ଶାସନର ଦୃଷ୍ଟିକୋଣ ସହ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିଲା ଧରତୀ ଆବା ଜନଭାଗୀଦାରୀ ଅଭିଯାନ। ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତୀକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଇ ଜାତୀୟସ୍ତରରେ ଏହି ମାନ୍ୟତା ହାସଲ କରିଛି।

## ମହିଳା ହିଂସାକୁ ନେଇ ରାଜ୍ୟପାଳଙ୍କ ଚିନ୍ତା ପ୍ରକଟ

# ‘ଅପରାଧ ନିୟନ୍ତ୍ରଣ ଦାୟିତ୍ୱ ସମସ୍ତଙ୍କର’

**ଭୁବନେଶ୍ୱର, ୧୭।୧୦(ସମିସ):** ନିକଟରେ ପଶ୍ଚିମବଙ୍ଗର ଦୁର୍ଗାପୁର ଘଟିଥିବା ଗଣଦୁଷ୍କର୍ମ, ବାଲେଶ୍ୱର ଫକୀରମୋହନ ଘଟଣା ଓ ଗୋପାଳପୁର ସମୁଦ୍ରକୂଳ ଗଣଦୁଷ୍କର୍ମ ଆଦି ଘଟଣା ଆଦି ଚିନ୍ତାଜନକ। ଏଭଳି ଅପରାଧ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ଯେପରି ଏଭଳି କୌଣସି ଘଟଣା ନ ଘଟେ, ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଡଃ କମ୍ଭମପାଟି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକାଧିକ ପ୍ରସଙ୍ଗରେ ଆଲୋଚନା ଅବସରରେ ଉପରୋକ୍ତ ଘଟଣାମାନଙ୍କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହାସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣା ଘଟିଲେ, ତୁରନ୍ତ ଆଇସିସିର ଦୃଷ୍ଟି ଆକର୍ଷଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିବା ସହିତ ସମାଜକୁ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ଘଟଣାରେ ତୁରନ୍ତ ପୁଲିସ ସହାୟତା ନେବା ସହ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି।

**ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ**

**୩ ମାସ ମଧ୍ୟରେ ୧୩ କୁଳପତି ନିଯୁକ୍ତି ସରିବ**

ସେହିପରି ୨୦୩୬ ସୁଦ୍ଧା ରାଜ୍ୟର ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ। ଦେଶ ବିକାଶରେ ଓଡ଼ିଶା ଅନେକ ଅବଦାନ ରହିଛି। ରାଜ୍ୟର ପ୍ରାକୃତିକ ଖଣିଜ ସମ୍ପଦସାଙ୍ଗକୁ ଓଡ଼ିଶା ଲୋକଙ୍କ ଆଶାବାଦୀ ଚିନ୍ତାଧାରା ରାଜ୍ୟକୁ ଆଗକୁ ବଢ଼ାଇନେବ। ତେଣୁ,୨୦୩୬ ଓଡ଼ିଶା ନିଶ୍ଚିତ ଭାବେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିବ। ସେହିପରି କୁଳାଧିପତି ଭାବେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଫାଙ୍କାଥିବା କୁଳପତି ଓ ଅନ୍ୟ ପଦବୀ ପୂରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ବର୍ତ୍ତମାନ ୧୩ ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଏହି ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨-୩ ମାସ ମଧ୍ୟରେ ଏହା ପୂରଣ ହୋଇଯିବା ନେଇ ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି।

ସେହିପରି ଅନ୍ୟପ୍ରସଙ୍ଗଗୁଡ଼ିକ ମଧ୍ୟରେ ମହାନଦୀ ଜଳ ବିବାଦ, ଯୁବବର୍ଗଙ୍କ ଦକ୍ଷତା ବିକାଶ, ପେସା ଆଇନ୍, ପାନୀୟ ଜଳ, ଜାତୀୟ ରାଜପଥ, ରେଳ ଯୋଗାଯୋଗ ଆଦି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମେତ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବାବଦରେ ଅଧିକ ସଚେତନତା ସୃଷ୍ଟି କରିବାକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

# ଅବଶିଷ୍ଟାଂଶ...

### ଏସ୍‌ସିବି ଏମ୍‌ସ...

ଏବେ ଅଚଳ ହୋଇ ପଡ଼ିଥିବା ଖୋଦ୍ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ଏସ୍‌ସିବିରେ କାଜୁଆଲିଟିଠାରୁ ଆରମ୍ଭ କରି ଆଇସିୟୁ ପର୍ଯ୍ୟନ୍ତ ସବୁଠି ଅଚଳ ମେସିନ୍ ପଡ଼ି ରହିଛି। ବାୟୋକେମେଷ୍ଟ୍ରି ବିଭାଗରେ ୨ଟି ମେସିନ୍ ଅଚଳ। ବ୍ଲଡ ବ୍ୟାଙ୍କରେ ୫ଟି, ସିଟିଭିଏସ୍‌ରେ ୩ଟି, ହୃଦରୋଗ ବିଭାଗରେ ୩ଟି, କାଜୁଆଲିଟିରେ ୨ଟି, ସେଣ୍ଟ୍ରାଲ ଆଇସିୟୁରେ ୩ଟି, ଯକୃତ ପ୍ରତିରୋପଣ ୟୁନିଟରେ ୭ଟି, ଟ୍ରମା ଆଇସିୟୁରେ ୪ଟି ଯନ୍ତ୍ର କାମ କରୁନାହିଁ। ପେଡିଆଟ୍ରିକ ଆଇସିୟୁରେ ୨ଟି, ସର୍ଜରୀ ବିଭାଗର ଅସ୍ତ୍ରୋପଚାର ଥିଏଟର ୬ଟି ମିଶାଇ ଫିଜିଓଲୋଜି, ରେଡିଓଲୋଜି, ନ୍ୟୁରୋଲୋଜି, ଫାର୍ମାକୋଲୋଜି, ଇଏନଟି, ଚକ୍ଷୁ ବିଭାଗ ଭଳି ଅନେକ ବିଭାଗର ମେସିନ ଅକାମୀ ହୋଇ ପଡ଼ି ରହିଛି। ଅଚଳ ମେସିନ ଗୁଡିକ ମଧ୍ୟରେ ରହିଛି ବିଦେଶରୁ ଆମଦାନୀ ହୋଇଥିବା ବହୁ ଦାମୀ ମେସିନ୍।

ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ୨୦୨୪ ସୁଦ୍ଧା ଶେଷ ହେବା ଲକ୍ଷ୍ୟ ରହିଥିଲା। ଏବେ ଏହି ସମ୍ପ୍ରସାରଣ କାର୍ଯ୍ୟ କେବେ ସରିବ ତାହାର କିଛି ଠିକଣା ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟର ସବୁଠୁ ବଡ଼ ପ୍ରତିଷ୍ଠାନ ଓ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସରକାର ପରିବର୍ତ୍ତନ ପରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଏଠାରେ ୮୯ଟି ମେସିନ୍ ଅଚଳ ହୋଇ ପଡ଼ି ରହିଥିଲା। ଏହା ମଧ୍ୟରେ ଆହୁରି କିଛି ମେସିନ ଅଚଳ ହୋଇଥିବା ସୂଚନା ବି ମିଳିଛି। ଅଚଳ ମେସିନ ଗୁଡିକ ଆଇସିୟୁ, କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍), ଯକୃତ ପ୍ରତିରୋପଣ ୟୁନିଟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ରହିଥିବା ଜଣାପଡ଼ିଛି। କେଇମାସ ତଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ କଟକ ବଡ଼ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବାବେଳେ ମେସିନ ଅଚଳ ଯୋଗୁଁ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ଏହା ପରେ ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିରେ ଚେତି ନାହାନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ମିଳିମିଶି ଏସ୍‌ସିବିକୁ ଏକ ମୃତ ସଂସ୍ଥାରେ ପରିଣତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଏବେ ଅଭିଯୋଗ ହେବାରେ ଲାଗିଛି।

### ଦିଲ୍ଲୀରୁ ସିଣ୍ଡିକେଟ୍...

ହଜାର ଟଙ୍କା ଓ ଅନେକ ଦସ୍ତାବିଜ୍ କ୍ରାଇମବ୍ରାଞ୍ଚ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ମୁନାକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଉପରୋକ୍ତ ଘଟଣାରେ ଗିରଫ ପ୍ରାର୍ଥୀମାନଙ୍କଠାରୁ ଜବତ କରାଯାଇଥିବା ୧୧୦ରୁ ଅଧିକ ମୋବାଇଲର ଫୋରେନ୍‌ସିକ୍ ଯାଞ୍ଚ ପ୍ରକ୍ରିୟା ଦୁଇ ତିନି ମାସ ଲାଗିଯିବ ବୋଲି କୁହାଯାଇଛି।

କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି। ନୂଆଦିଲ୍ଲୀରେ ରହି ସେ ଏହି ଅପରାଧ ସିଣ୍ଡିକେଟ୍ ଚଳାଉଥିଲା। ବିଜୟନଗରମ୍ ଯାଉଥିବା ପ୍ରାର୍ଥୀମାନେ ଗତ ୨୯ ତାରିଖରେ ଧରାପଡ଼ିଯିବା ପରଠାରୁ ଶଙ୍କରଙ୍କ ମୋବାଇଲ ସ୍ୱିଚ୍-ଅଫ୍ ହୋଇଯାଇଥିଲା। ଏପରିକି, ଏହି ସିଣ୍ଡିକେଟ୍‌ରେ କାମ କରୁଥିବା ସମସ୍ତଙ୍କୁ ନିଜ ନିଜ ଜାଗା ଛାଡ଼ିବା ସହ ମୋବାଇଲ ବନ୍ଦ ରଖିବାକୁ କୁହାଯାଇଥିଲା। ବିଜୟନଗରମ୍ ଯାଉଥିବା ବେଳେ ପ୍ରାର୍ଥୀମାନେ ଧରାପଡ଼ିବା ତଥା କଥା ଚାକିରି ବେପାର ସମ୍ପର୍କରେ ଲୋକଲୋଚନକୁ ଆସିବା ପରେ ଆଉ ଦୀଘା ଯୋଜନା କାର୍ଯ୍ୟକାରୀ ହୋଇନଥିଲା।

ଦୀଘାଠାରେ ବି ପ୍ରାର୍ଥୀମାନଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଉଭୟ ମୁନା ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲେ। ଶଙ୍କର ଇତିମଧ୍ୟରେ ୩ଥର ସ୍ଥାନ ପରିବର୍ତ୍ତନ କରିଥିବା ବେଳେ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ଏପରିକି, ସେ ନୂଆଦିଲ୍ଲୀ ମଧ୍ୟ ଛାଡ଼ିସାରିଥିବା କୁହାଯାଇଛି।

ଅନ୍ୟପଟରେ ପ୍ରାର୍ଥୀମାନେ ବିଜୟନଗରମ୍ ଯିବା ପାଇଁ ଅଭିଯୁକ୍ତ ମୁନା ମହାନ୍ତି ଗତ ୨୭.୧୦.୨୦୨୫ରେ ଟ୍ରାଭେଲ୍ସ ସଂସ୍ଥାରୁ ତିନୋଟି ବସ୍ ବୁକ୍ କରିଥିଲେ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ତାଙ୍କ ମାଆଙ୍କ ଆକାଉଣ୍ଟରୁ ୨ଲକ୍ଷ ୩୦ହଜାର ଟଙ୍କା ଦେଇଥିଲେ। ଏହି ପ୍ରମାଣ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଛି। ମୁନା ଓ ତା'ର ସହଯୋଗୀ ଶ୍ରୀକାନ୍ତ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ବେଳେ ଟି. ଅଭିମନ୍ୟୁ ଦୋରା ଉଭୟଙ୍କୁ ଦଶପଲ୍ଲାର ତାଙ୍କ ଫାର୍ମ ହାଉସରେ ଆଶ୍ରୟ ଦେବ ସହ ପୁଲିସର ଗତିବିଧି ସମ୍ପର୍କରେ ଖବର ଦେଉଥିଲେ। ସେହିଭଳି ନିଜର ଜଣେ ଭଉଣୀ ପରିଚୟ ଦେଇ ପ୍ରିୟଦର୍ଶିନୀ ସାମଲ ନାମକ ଜନୈକା ମହିଳାଙ୍କୁ ମୁନା ଏହି ସଂଗଠିତ ଅପରାଧରେ ସାମିଲ କରିଥିଲେ। ପ୍ରିୟଦର୍ଶିନୀ ମାଧ୍ୟମରେ ପ୍ରାର୍ଥୀଙ୍କଠାରୁ ଅର୍ଥ ଆଦାୟ ହୋଇଥିଲା। ପରବର୍ତ୍ତୀ ସମୟରେ ଘଟଣା ଜଣାପଡ଼ିଯିବାରୁ ଗିରଫ ହୋଇଥିବା ପ୍ରାର୍ଥୀମାନଙ୍କର ପିତାମାତାଙ୍କୁ ସେମାନଙ୍କର ପ୍ରମାଣପତ୍ର ଫେରସ୍ତ କରିଥିଲେ। ଉକ୍ତ ପ୍ରମାଣପତ୍ର ଫେରାଇ ଦେଇ କେଳେଙ୍କାରୀ ଘଟଣାରେ ପ୍ରମାଣ ନଷ୍ଟ କରିଥିଲେ ବୋଲି ଡିଜି କହିଛନ୍ତି। ଏବେ ବି କ୍ରାଇମବ୍ରାଞ୍ଚର ୫ଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ରିପୋର୍ଟ ମାଗିଲେ...

ଉପରେ ଆଲୋଚନା ପାଇଁ ଇଡି, ସିବିଆଇ ଏବଂ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କର ରିପୋର୍ଟ ପ୍ରଦାନ କରିବେ। ଏହିସବୁ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା ପରେ ଆସନ୍ତା ନଭେମ୍ବର ୯ ତାରିଖରେ ମୁମ୍ବାଇଠାରେ ଏହି ପ୍ରସଙ୍ଗରେ ଏସ୍‌ଆଇଟିର ପରବର୍ତ୍ତୀ ବୈଠକ ହେବ ବୋଲି ସୂଚନା ମିଳିଛି।

TRUST FUND DEGREE COLLEGE
BARGARH - 768 028
WALK IN INTERVIEW FOR LADY PEON & SWEEPER
Desirous lady candidates having Non-matric qualification may attend the interview for **Lady Peon (01 Post)** and lady candidates having UP/ME qualification may attend the interview for **Lady Sweeper (01 Post)** to be held on **dt. 27.10.2025 at 10.00 A.M.** in college premises.
**N.B. - No T.A. / D.A. will be provided to the candidate.**
Sd/- Principal in-Charge-cum-Secretary
TRUST FUND DEGREE COLLEGE,
BARGARH

AFFIDAVIT
**I, Rahul Sagar Behera,** S/o.: Sagar Kumar Behera, resident of Sripadganj, Ward No.: 13, PO.: Baripada, Dist.: Mayurbhanj, Odisha, PIN-757001 declare by this affidavit No.: 21677 dated 02.08.2025 now onwards I shall be known as **Rahul Behera** for all future purposes.

AFFIDAVIT
By virtue of an affidavit No-6699 before the Executive Magistrate, Chandbali dtd: 15-10-2025. I, Runurani Majhi, W/O-Shatrughan Mandal, Vill-Narendrapur, P.O.-Karanjamala, P.S.-Bansada, Dist-Bhadrak, Odisha, declare that I have changed my name from **Runurani Mandal to Runurani Majhi**, Henceforth, I will be known as **RUNURANI MAJHI** for all purpose.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, CF No. 69 dated 14.10.2025, I, Purna Chandra Bisoyi, Vill- Pankalbadi, Po. - Pangadi, Ps.- Buguda, Dist.- Ganjam have changed the name of my minor son from Pravav Bisoyi (old name) to Parnav Bisoyi (new name). Henceforth, he shall be known as **Pranav Bisoyi** for all purposes.
Sd/- Purna Chandra Bisoyi

AFFIDAVIT
By virtue of an affidavit sworn before Executive Magistrate, Udala, Mayurbhanj No-5388, dated 17.10.2025, I, Gananath Nayak, At- Sarbanaghati, Po- Sarbanaghati, Ps-Kaptipada, Dist- Mayurbhanj, Odisha-757077 declare that I have changed my name from Gananayh Nayak to Gananath Nayak. Henceforth, I will be known as **Gananath Nayak** for all purposes.
Gananath Nayak

PUJA OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

AFFIDAVIT
By virtue of an affidavit sworn before Executive Magistrate Jajpur, Dated- 17.10.2025, No- 10119, I, Rasmita Acharya, W/o- Niranjan Mohapatra, At-Jalapur, Po- Markandapur, Ps/Dist-Jajpur, Odisha Pin-755007 declare that I have Change my Surname From Rasmita Mohapatra to Rasmita Acharya. Henceforth I shall be known as Rasmita Acharya for all purposes.
Rasmita Acharya

AFFIDAVIT
I BHUDHADEV PANDA, S/o- Diwakar Panda, resident of Ashok Nagar, Plot No. 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1554, Dated 12/10/2025, that now onwards I shall be known as **BUDDHADEV PANDA** for all future purpose.

AFFIDAVIT
I, Irsad Khan, aged about 37 years, S/o- Nasir Khan resident of At- Raid Bazar, Po- Sunugoradi, Khelar, Dist- Puri, Pin-752114, Odisha declare by this affidavit No. 2112, dtd- 17/10/2025, that now onwards I shall be known as **IRSHAD KHAN** for all future purposes.

AFFIDAVIT
I, S.Deptyrani Mohanta, Daughter of Army No 14491576M Hav Madhaba Charan Mohanta (Retd) residing at Vill- Ramachandrapur, PO-Baikala, PS- Turumunga,Dist-Keonjhar, Odisha , have changed my name from Deepty S, DOB-07.10.1991 to S.Deptyrani Mohanta, DOB-01.06.1992 vide affidavit dated 03.10.2025 before The Court of Executive Magistrate, Keonjhar (Odisha). Hence both Deepty S, DOB-07.10.1991 and S.Deptyrani Mohanta, DOB-01.06.1992 is same and one person. Henceforth, I will be known as **S.Deptyrani Mohanta,** DOB 01/06/1992 for all purpose.

AFFIDAVIT
I, Pranati Samaniray, aged about 41 years, W/o- Dillip Baliarsingh, resident of At/Po- Sanapadar, Ps- Begunia, Dist- Khurda, PIN- 752064, Odisha declared by this affidavit No. 2111, dtd- 17/10/2025 that now onwards I shall be known as **PRANATI SAMANTARAY** for all future purposes.

AFFIDAVIT
By virtue of an affidavit sworn before the Executuve Magistrate, Nabarangpur, dated 16.10.2025 I, DHANMATI JANI, W/o- NAKULA JANI, Vill.- Bamanadeiguda, Po.- Cherecheta, Ps.- Papadahandi, Dist.- Nabarangpur, Odisha, Pin - 764071, declare that I have changed the name of my Daughter from **DROUPADI JANI** to **DRUPUTA JANI**. Henceforth, She shall be known as **DRUPUTA JANI** for all purposes.
Sd/- Dhanmati Jani

AFFIDAVIT
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Arjun Nayak,** Address: Plot No. 1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN- 751019, Odisha declare that I have changed my minor daughter's name from **Trupti Rani Ravindra Nayak** to **Trupti Rani Nayak.** Henceforth, she shall be known as **Trupti Rani Nayak** (new name) for all purposes.
Ravindra Arjun Nayak

AFFIDAVIT
I ITISHREE, W/o- BUDDHADEV PANDA, resident of Ashok Nagar, Plot No 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1555, Dated 12/10/2025, that now onwards I shall be known as **ITISHREE PANDA** for all future purpose.

AFFIDAVIT
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Nayak,** S/o Arjun Nayak, Address: Plot No.1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN- 751019, Odisha declare that I have changed my name from **Ravindra Arjun Nayak to Ravindra Nayak.** Henceforth, I shall be known as **Ravindra Nayak** (new name) for all purposes.
Ravindra Nayak

AFFIDAVIT
I ARCHANA MISHRA@ ARCHANA KUMARI MISHRA, W/o- DINESH KUMAR PALLO, resident of Parabeda, Aurobindo Nagar, Po./Ps.- Jeypore, Dist.- Koraput - 764001, Odisha declare by this Affidavit No.1556, Dated 12/10/2025, that now onwards I shall be known as **ARCHANA PALLO** for all future purpose.

Phone No.(06854) 241159 /232714
PBX No. 232713 / 232716, Fax: 232718 / 241640
E. mail: ceo@koraputccb.com
KORAPUT CENTRAL CO-OPERATIVE BANK LTD;
HEAD OFFICE: N.K.T.ROAD, JEYPORE – 764003: DIST: KORAPUT (ODISHA)
Notification No. 2746/Estt.I/2025-26 Date: 17.10.2025
CONTRACTUAL ENGAGEMENT OF PROFESSIONALS
Applications in the prescribed format are invited from the interested professionals for the following posts at Koraput Central Cooperative Bank Ltd., Jeypore on contractual basis for a period of three years.
1. Professional 1- General Banking Expert
2. Professional 2- Credit Expert
3. Professional 3- Banking IT Expert
The eligibility criteria, engagement/selection process, the terms and conditions and other related matters of the engagement are available as Annexure-I on our website www.koraputccb.com and the same may be downloaded by the prospective candidates. Interested candidates are advised to download the application forms from the site. Duly completed and signed application along with self-attested documents should reach us on or before 05.11.2025 through Courier / Registered Post / Speed Post inscribing on the Envelope "Application for engagement of Professional 1 / 2 / 3 at Koraput Central Cooperative Bank."at the under noted address:
The Secretary,
Koraput Central Cooperative Bank Ltd.,
Head Office, N.K.T. Road, Jeypore,
Dist-Koraput-764003
ceo@koraputccb.com
Any application received after the stipulated period will not be considered. Applications of ineligible candidates shall be summarily rejected and no correspondences in the matter of rejection shall be entertained on any circumstances.
Secretary
K.C.C. Bank Ltd., Jeypore

OFFICE OF THE PRINCIPAL CUM SECRETARY
Maa Markama +3 College, Bissamcuttack, Dist: Rayagada, PIN – 765019.
www.mmplus3college.in / mmdegreecollege@gmail.com
WALK - IN - INTERVIEW
A walk in Interview will be held in the college premises as per the date and time mentioned in column 6 for the following post of Arts (Management) and Science (Self Finance) on purely temporary basis. Candidates are required to attend the interview with original and photocopies of testimonial for verification. CV may kindly be sent to the college email id in advance.

| Sl. No | Name of the Post | No of Post | Qualification | Age | Date & Time of Interview |
|---|---|---|---|---|---|
| 1 | 2 | 3 | 4 | 5 | 6 |
| ARTS (MANAGEMENT) | | | | | |
| 1 | Physical Education Teacher | 01 | Bachelor of Physical Education and Above | As per Govt. norms | 02.11.2025 11 A.M. |
| 2 | Peon (ST Category) | 01 | 10th | | |
| SCIENCE (SELF FINANCING) | | | | | |
| 1 | Laboratory Attendant (Biological Science) | 01 | Minimum +2 Science and above | As per Govt. norms | 02.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | Minimum 55% of Mark at PG level. (M.Phil. NET/PHD will be given preference ) | As per Govt. norms | 09.11.2025 11 A.M. |

N.B :- No TA/DA Shall be given for attending the interview.
Registration will be started from 10.00 A.M onwards.
Sd/-
Principal cum Secretary


## ରଘୁଦେଇପୁର ପଞ୍ଚାୟତରେ ପାନୀୟଜଳ ସମସ୍ୟା

# ୮ ମାସ ଧରି ବେଲାରପୁର ଦଳିତ ସାହି ୨୫ ପରିବାର ହନ୍ତସନ୍ତ

ପଞ୍ଚୁପାଣ୍ଡବ,୧୭।୧୦(ସମିସ)

ଡେରାବିଶ ବ୍ଲକ୍ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତରେ ପାଣି ପାଇଁ ଲୋକେ ଡହଳବିକଳ ହେଉଥିବା ଅଭିଯୋଗ ହେଉଛି। ଗ୍ରୀଷ୍ମ ପ୍ରକୋପ ଆରମ୍ଭ ନ ହେଉଣୁ ବିଭିନ୍ନ ସ୍ଥାନରୁ ଜଳକଷ୍ଟ ନେଇ ଅଭିଯୋଗ ଆସିବାରେ ଲାଗିଲାଣି। ବସୁଧା ଓ ଓଭରହେଡ ପାଣିଟାଙ୍କିର ବଡ଼ବଡ଼ ପ୍ରକଳ୍ପ ଧାର୍ଯ୍ୟ ସମୟ ଅବଧି ସରିଲା ପରେ ବି ଶେଷ ହେଉ ନ ଥିବା ଦେଖିବାକୁ ମିଳୁଛି। କେତେକ ସ୍ଥାନରେ ନଳକୂପ ଅଚଳ ଅବସ୍ଥାରେ ରହିଛି। କେତେକ ଜାଗାରେ ବୋରୱେଲରୁ ଲୌହ ମିଶା ଓ ପଙ୍କୁଆ ପାଣି ବାହାରୁ ଥିବାରୁ ଲୋକଙ୍କ କାମରେ ଲାଗୁନି। ଏହା ଦେଖିବାକୁ ମିଳିଛି ରଘୁଦେଇପୁର ପଞ୍ଚାୟତର ବେଲାରପୁର ଗ୍ରାମରେ। ବେଲାରପୁର ଗ୍ରାମ ୪ ନମ୍ବର ୱାର୍ଡ ସେଠୀ ସାହିର ପ୍ରାୟ ୨୫ ପରିବାର ପ୍ରାୟ ୮ ମାସ ହେବ ବସୁଧା ପାଣିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।





**ବର୍ଷେ ଧରି ନଳକୂପ ଅଚଳ**

ଉକ୍ତ ୱାର୍ଡରେ ଥିବା ନାୟକ ସାହିର ପ୍ରାୟ ୨୦ ପରିବାର ପାଣି ପାଉ ନ ଥିବା ଅଭିଯୋଗ ହେଉଛି। ବର୍ଷେ କାଳ ଧରି ନଳକୂପ ଅଚଳ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଏହି ପଞ୍ଚାୟତରେ ୫ଟି ଓଭରହେଡ୍ ପାନୀୟଜଳ ପ୍ରକଳ୍ପ ଥାଇ ମଧ୍ୟ ଲୋକେ ପାଣି ପାଇଁ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଉତ୍କଳିତା ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ସୁଫଳ ମିଳୁନାହିଁ। ରଘୁଦେଇପୁର ଓ କଂସାରିପାଟଣା ଗ୍ରାମ ହାଟ ପଡ଼ିଆରେ ହୋଇଥିବା ପାଣି ଟାଙ୍କି ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ନ ଥିବା ସରପଂଚ କହିଛନ୍ତି। କେତେକ ପ୍ରକଳ୍ପରୁ ପଙ୍କୁଆ ପାଣି ବାହାରୁ ଥିବାବେଳେ କେତେକ ପ୍ରକଳ୍ପରୁ ଆଇରନ ପାଣି ବାହାରୁଥିବା ଅଞ୍ଚଳବାସୀ କହିଛନ୍ତି। ପ୍ରଶାସନର ଅବହେଳା ଯୋଗୁଁ ଓଭରହେଡ ପାଣି ଟାଙ୍କି କାମ ସରିଥିଲେ ସୁଦ୍ଧା ପାଇପ ଲାଇନ ସଂଯୋଗରେ ଏବେ ପର୍ଯ୍ୟନ୍ତ ଘରକୁ ଘର ପାଣି ପାଇପ ସଂଯୋଗ ହୋଇନାହିଁ। ଠିକାଦାରଙ୍କ ମନମାନି ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ହଜାର ହଜାର ଲୋକ ପାଣି ପାଇଁ ଡହଳବିକଳ ହେଉଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଶୀଘ୍ର ପାଣି ସମସ୍ୟାର ସମାଧାନ କରିବା ପାଇଁ ରାଜକିଶୋର ବେହେରା, ବର୍ଜୁ ମଲିକ, ନାରାୟଣ ସେଠୀ, ରବୀନ୍ଦ୍ର ମଲିକ, ମଥୁରାନନ୍ଦ ନାୟକ, ରବୀନ୍ଦ୍ର ନାୟକ, ଗୋପାଳ ନାୟକ, ନରହରି ସେଠୀ, ରତନ ସେଠୀ ପ୍ରମୁଖ ଦାବି କରିଛନ୍ତି।

## ଅନ୍ତ୍ୟୋଦୟ ଯୋଜନାରେ ଅନିୟମିତତା ଅଭିଯୋଗ

ନାଉଗାଁ, ୧୭।୧୦(ସମିସ): ନାଉଗାଁ ପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ପଞ୍ଚାୟତବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନାଉଗାଁ ପଞ୍ଚାୟତରେ କେତେକ ଅଫିସର ଅର୍ଥ ଲୋଭରେ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ପ୍ରଦାନ କରୁଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ପଞ୍ଚାୟତବାସୀ। ପ୍ରକୃତ ହିତାଧିକାରୀଙ୍କୁ ଆବାସ ଦିଆ ନ ଯାଇ କୋଠାଘର ଥିବା, ପୂର୍ବରୁ ଘର ପାଇଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଇଥିବା ଅଭିଯୋଗ ହୋଇଛି। ଅସହାୟ, ବିଧବା ଓ ସ୍ୱାମୀ ପରିତ୍ୟକ୍ତ ଲୋକଙ୍କୁ ବଞ୍ଚିତ କରାଯାଇଛି। ପଞ୍ଚାୟତର ଶତାଧିକ ଲୋକ ଏହାର ନିରପେକ୍ଷ ତଦନ୍ତ କରିବାକୁ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୧୭।୧୦(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ନୋଡାଲ ଉପ୍ରା ସ୍କୁଲର ଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ ତ୍ରିପାଠୀ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପଟ୍ଟାମୁଣ୍ଡାଇ ବିଇଓ ଅଜିତ ବାରିକ ମୁଖ୍ୟଅତିଥି, ବିଆରସିସି ପ୍ରେମବାଳା ମହାପାତ୍ର ମୁଖ୍ୟବକ୍ତା, ସିଆରସିସି ମଳୟ ଜେନା, ବ୍ଲକ୍ ଜିଲ୍ଲା ପରିଷଦ ଶିକ୍ଷକ ସଂଘ ସମ୍ପାଦକ ପ୍ରେମାନନ୍ଦ ଜୀବନ ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ହରିଶ୍ଚନ୍ଦ୍ର ମହାଳିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସ୍ମୃତିମୟୀ ଦାସ ସ୍ୱାଗତ ଭାଷଣ ଓ ଇମିଲ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି ବିଦାୟୀ ଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ ତ୍ରିପାଠୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସତ୍ୟବ୍ରତ ଲାହା ଧନ୍ୟବାଦ ଦେଇଥିଲେ। ଏହି ସଭାରେ ପ୍ରାକ୍ତନ ଶିକ୍ଷୟିତ୍ରୀ କ୍ଷୀରୋଦ୍ରା ମିଶ୍ର, ଅଞ୍ଜଳି ଭୂୟାଁ ଓ ସାବିତ୍ରୀ ସାହୁ, ଏସଏମସି. କମିଟି ସଦସ୍ୟ ସଦସ୍ୟା ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଓରମାସ ପକ୍ଷରୁ ସ୍ୱତନ୍ତ୍ର ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା,୧୭।୧୦(ସମିସ): କେନ୍ଦ୍ରାପଡ଼ା ସହରର ଜ୍ଞାନପୀଠ ସମ୍ମୁଖରେ ଓରମାସ ପକ୍ଷରୁ ଆଲୋକର ପର୍ବ ଦୀପାବଳି ଅବସରରେ ଦୀପାବଳି ଷ୍ଟଲ୍ ଖୋଲାଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଏହି ଷ୍ଟଲ୍‌ର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓରମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଦ କୁମାର ଜେନା, ଡିପିଏମ ଓଏଲଏମ ପ୍ରଶାନ୍ତ କୁମାର ପାଢ଼ୀ, ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ପ୍ରିୟଙ୍କା ରାଉଳ, ଏଫପିଓ କୋଡିନେଟର ରୋଜାଲିନ ପଲାଇ, ଏଫପିଓ ସିଇଓ ରବିନାରାୟଣ ଦାସ, ବିଜନେସ ମ୍ୟାନେଜର କେଦାରନାଥ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ମହାକାଳପଡ଼ା ବ୍ଲକ୍ ତେରଗାଁର ବନଦୁର୍ଗା ଟେରାକୋଟା, ମାର୍ଶାଘାଇ ବ୍ଲକ୍ ପରକୂଳର ମା' ଜଗଧାତ୍ରୀ ଟେରାକୋଟ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତି ଦୀପ ଓ ଅନ୍ୟ ଦୀପାବଳି ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ ପାଇଁ ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ ୨୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଜନସାଧାରଣ ବହୁ ମାତ୍ରାରେ ଆସି ଏହି ସ୍ୱତନ୍ତ୍ର ଷ୍ଟଲରୁ ଟେରାକୋଟ ପ୍ରସ୍ତୁତ ସାମଗ୍ରୀ କିଣି କାରିଗରଙ୍କ ଆର୍ଥିକ ବିକାଶରେ ସହାୟକ ହେବାକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି।

● ବଡ଼ମୂଳବସନ୍ତ-ବାଘୁଆ ରାସ୍ତାର ଶିଳାନ୍ୟାସ

## ଗ୍ରାମାଞ୍ଚଳର ବିକାଶ ମୋର ଏକମାତ୍ର ଏଜେଣ୍ଡା: ବିଧାୟକ

ପଟ୍ଟାମୁଣ୍ଡାଇ,୧୭।୧୦(ସମିସ):



ଗ୍ରାମାଞ୍ଚଳର ବିକାଶ କରି ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ମୋର ପ୍ରାଥମିକତା ଓ ଏକମାତ୍ର ଏଜେଣ୍ଡା ବୋଲି ୪ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଯାଉଥିବା ବଡ଼ମୂଳବସନ୍ତଠାରୁ ବାଘୁଆ ଭୟା ଅରୁଆ ରାସ୍ତାର ଶିଳାନ୍ୟାସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପ୍ରକାଶ କରିଛନ୍ତି।

ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ବେହେରା ଗ୍ରାମାଞ୍ଚଳର ଗମନାଗମନ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରତ୍ୟେକ କ୍ଷେତ୍ରରେ ବିକାଶ କରି ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ମୋର ଲକ୍ଷ୍ୟ। ସମସ୍ତ ପଞ୍ଚାୟତର ବିକାଶ ପାଇଁ ତାଙ୍କର ସଂଗ୍ରାମ ଜାରି ରହିବ ବୋଲି ଘୋଷଣା କରିବା ସହିତ ଏହି ରାସ୍ତାକୁ ଉତ୍ତମ ଗୁଣବତ୍ତା ସହିତ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଭାରପ୍ରାପ୍ତ ସହନିର୍ବାହୀଯନ୍ତ୍ରୀ ଇଂ ଲକ୍ଷ୍ମୀକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ଇଂ ସୁବାସ ଥାଟୋଇ, ବଡ଼ମୂଳବସନ୍ତ ସମବାୟ ସମିତି ସଭାପତି ସଞ୍ଜୟ ଲେଙ୍କା, ସମିତି ସଭ୍ୟା ସ୍ମୃତିମୟୀ ମଲିକ, ପୂର୍ବତନ ସରପଞ୍ଚ ଅଜୟ ପ୍ରଧାନ, ପୂର୍ବତନ ସମିତି ସଭ୍ୟ କଳ୍ପତରୁ ଦାସ, ପଞ୍ଚାୟତ ବିଜେଡି ସଭାପତି ସଞ୍ଜୟ ଦାସ, ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ, ପଞ୍ଚାୟତ ବିଜେଡି ସଭାପତି ଜଗନ୍ନାଥ ପ୍ରଧାନ, ଯୁବନେତା ସଂଗ୍ରାମ ସ୍ୱାଇଁ, ବାମଦେବ ପଣ୍ଡା, ବିଶ୍ୱନାଥ ବାରିକ, ସମ୍ବିତ ଶ୍ରୀଚନ୍ଦନ, ଅଞ୍ଜନ ରାଉତ, ଭରତ ପାତ୍ର, ରଶ୍ମିରଞ୍ଜନ ଗିରି, ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଧନ୍ୟବାଦ ଦେଇଥିଲେ। ବିଧାୟକ ଶ୍ରୀ ବେହେରା ବଡ଼ମୂଳବସନ୍ତ ଛକରେ ପହଞ୍ଚିବା ପରେ ଜନସାଧାରଣଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ଶିଳାନ୍ୟାସ ଉତ୍ସବକୁ ପାଛୋଟି ନିଆଯାଇଥିଲା।

## ଘାସଫୁଲ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ବାଲିକୁଦା,୧୭।୧୦(ସମିସ): ବାଲିକୁଦା ବ୍ଲକ୍ ଘାସଫୁଲ ସାହିତ୍ୟ ସଂସଦ ପକ୍ଷରୁ ଅଷ୍ଟମ ବାର୍ଷିକ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ସଭାପତି ସନ୍ତୋଷ ବିଶ୍ୱାଳଙ୍କ ଅଧକ୍ଷତାରେ ବାଲିପାଟଣାସ୍ଥ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ କାର୍ଯ୍ୟକ୍ରମକୁ ୨ ଦିନ କରିବା ପାଇଁ ସମ୍ପାଦକ ଶିବପ୍ରସାଦ ମହାନ୍ତି ପ୍ରସ୍ତାବ ଦେଇଥିଲେ। ଏହା ସର୍ବସମ୍ମତି କ୍ରମେ ଧାର୍ଯ୍ୟ କରାଯିବା ସହ ଆସନ୍ତା ନଭେମ୍ବର ୨୨, ୨୩ ତାରିଖ ନହରଣା ବସ୍‌ଷ୍ଟାଣ୍ଡଠାରେ କରାଯିବାକୁ ସ୍ଥିର ହୋଇଥିଲା। ବୈଠକରେ ପ୍ରେମାନନ୍ଦ ପରିଡା, ପବିତ୍ର ସ୍ୱାଇଁ, ନିରଞ୍ଜନ ପଣ୍ଡା, ସୁବାସ ନାୟକ, ବିଜୟ ଦାସ, ପ୍ରଶାନ୍ତ ମହାନ୍ତି, ରମେଶ ଚନ୍ଦ୍ର ବହିରା, ତପନ ନାୟକ, ଦେବଦ୍ୟୁତ ବିଶ୍ୱାଳ, ଧର୍ମାନନ୍ଦ ଜେନା, ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ପ୍ରଣବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଏସ୍‌ଏମ୍‌ଇ ଭେଣ୍ଡର ବିକାଶ ଓ ପ୍ରଦର୍ଶନୀ



ପାରାଦୀପ,୧୭।୧୦(ସମିସ): ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟର ଏମଏସଏମଇ ବିକାଶ ଓ ସୁବିଧା କାର୍ଯ୍ୟାଳୟ, ପାରାଦୀପ ବନ୍ଦର ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ କନଭେସନ ସେଣ୍ଟରରେ ଦୁଇଦିନିଆ ଭେଣ୍ଡର ବିକାଶ ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏମଏସଏମଇ ଓ କେନ୍ଦ୍ର ସରକାରୀ ଉଦ୍ୟୋଗ ଓ ବିଭାଗ ମଧ୍ୟରେ ବ୍ୟବସାୟିକ ସହଯୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ. ମହାପାତ୍ର, ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଓଡ଼ିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭଣେ, ସାଂସଦ ବିଭୁପ୍ରସାଦ ତରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଟକ ଏମଏସଏମଇ-ଡିଏଫଓ ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏମଏସଏମଇ-ଡିଏଫଓ ସହନିର୍ଦ୍ଦେଶକ ଡଃ. ଏସ.ଏନ. ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୫୦ରୁ ଉର୍ଦ୍ଧ୍ୱ ଏମଏସଏମଇ ସଂସ୍ଥା ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସରକାରୀ ବିଭାଗ, ଏମଏସଏମଇ କ୍ଷମତା ଓ ଉତ୍ପାଦ ପ୍ରଦର୍ଶନ ପାଇଁ ୨୦ଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯାଇଥିଲା। ପ୍ରଥମ ଦିନରେ ପାରାଦୀପ ବନ୍ଦର ପ୍ରାଧିକରଣ, ଆଇଓସିଏଲ, ଏମସିଏଲ, ଆରଏସପି, ପୂର୍ବତଟ ରେଳ ବିଭାଗ, ଆଇଆରସିଟିସି, ଏନଟିପିସି, ହାଲ, ଅର୍ଡନାନ୍ସ ଫ୍ୟାକ୍ଟ୍ରି ପ୍ରମୁଖ ଏମଏସଏମଇ ପାଇଁ ବ୍ୟବସାୟିକ ସୁଯୋଗ ଉପରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହିପରି ଭୁବନେଶ୍ୱରର ଏନଆରଡିସି ମୁଖ୍ୟ ବି.କେ. ସାହୁଙ୍କ ଦ୍ୱାରା ଏମଏସଏମଇ ପାଇଁ ଆଇପି ଉପକରଣ ଉପରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ନାଲକୋ ଓ ଇଫ୍‌କୋ ମଧ୍ୟରେ ବ୍ୟବସାୟିକ ସୁଯୋଗ ଉପରେ ଉପସ୍ଥାପନା ଏବଂ ଏମଏସଏମଇ ମନ୍ତ୍ରାଳୟ ଦ୍ୱାରା ଏସଆଇଡିବିଆଇ ଯୋଜନା, ଜିଇଏମ ପଞ୍ଜିକରଣ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଇତ୍ୟାଦି ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏମଏସଏମଇ ଓ କ୍ରୟ ଏଜେନ୍ସି ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ, ସରକାରୀ ଯୋଜନା ବିଷୟରେ ସଚେତନତା ବୃଦ୍ଧି, ବିକ୍ରେତା ପଞ୍ଜୀକରଣ ଓ ସହଯୋଗ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବାର ଉଦ୍ଦେଶ୍ୟକୁ ସଫଳତାର ସହିତ ଉପସ୍ଥାପନ କରାଯାଇଥିଲା।

## ହାତିନା ଓ କେରଡାଗଡ଼ରେ ସୁରଭି କାର୍ଯ୍ୟକ୍ରମ

ରାଜନଗର, ୧୭।୧୦(ସମିସ): ହାତିନାସ୍ଥ ଲକ୍ଷ୍ମୀବରାହ ସରକାରୀ ଉଚ୍ଚବିଦ୍ୟାଳୟ ସାଧନ କେନ୍ଦ୍ର ଓ କେରଡ଼ଗଡ଼ସ୍ଥ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀବରାହ ବିଦ୍ୟାଳୟରେ ସାଧନକେନ୍ଦ୍ର ସଂଯୋଜକ ସମରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିଜୟ ଜେନା ମୁଖ୍ୟଅତିଥି, ପ୍ରଧାନଶିକ୍ଷକ କୁଞ୍ଜ ବିହାରୀ ସାହାଣୀ, ପ୍ରମୋଦ ପଣ୍ଡା, ଚିତ୍ତରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ସାହୁ, ପୂର୍ବତନ ଛାତ୍ର ସଂଘ ସଭାପତି ଅରକ୍ଷିତ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ହାତିନା ସରପଞ୍ଚ ସମୀର ସେଠୀ ମୁଖ୍ୟଅତିଥି, ସମିତି ସଭ୍ୟା ଶ୍ରୀମତୀ ଉତ୍ତମା ସେଠୀ, ପ୍ରଧାନଶିକ୍ଷକ ସୁଶାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି କେରଡ଼ଗଡ଼ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀଜଗନ୍ନାଥ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶିବପ୍ରସାଦ ବେହେରା ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଶିକ୍ଷାବିତ ନୀଳାମ୍ବର ସ୍ୱାଇଁ,



ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରମାକାନ୍ତ ମହାପାତ୍ର, ଶିକ୍ଷାବିତ ସୁଧାକର ପଣ୍ଡା, କେରଡ଼ାଗଡ଼ ସରପଞ୍ଚ ତାପସ ସାହୁ, ଦେବଦତ୍ତ ସାହୁ, କେରଡ଼ାଗଡ଼ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୂତି ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟରର ୧୩ଟି ବିଦ୍ୟାଳୟରୁ ୨୮୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଷ୍ଣୁଚରଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ସହଯୋଗ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫୁଲ କିଣୁଥିବାବେଳେ ମହିଳାଙ୍କ ମୋବାଇଲ ଚୋରି



କେନ୍ଦ୍ରାପଡ଼ା,୧୭।୧୦(ସମିସ): ଜଣେ ମହିଳା ଶୁକ୍ରବାର ସକାଳେ ଏକ ଫୁଲ ଦୋକାନରୁ ଫୁଲ କିଣୁଥିବାବେଳେ ତାଙ୍କ ମୋବାଇଲ ଚୋରି ହୋଇଯାଇଛି। ସେ ଏ ନେଇ କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ମାହାରାକୂଳ ଗ୍ରାମର ମନୋଜ ସାହୁଙ୍କ ପତ୍ନୀ ସ୍ମିତା ମଲ୍ଲ ଶୁକ୍ରବାର ସକାଳ ସାଢେ ୯ଟା ସମୟରେ ତିନିମୁହାଣି ଛକସ୍ଥ ଶ୍ରୀରାମ ମନ୍ଦିର ଗେଟ୍ ନିକଟସ୍ଥ ଏକ ଫୁଲ ଦୋକାନରୁ ଫୁଲ କିଣିଥିଲେ। ଏହାପରେ ମୋବାଇଲରୁ ଅନଲାଇନରେ ଆବଶ୍ୟକ ଅର୍ଥ ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ସ୍ମିତା ସେହି ଫୁଲ ଦୋକାନ ଟେବୁଲ ଉପରେ ମୋବାଇଲକୁ ରଖି ଫୁଲ ଦୋକାନୀଙ୍କୁ ନଗଦ ଅର୍ଥ ପ୍ରଦାନ କରିଥିଲେ। ଅର୍ଥ ଦେଇସାରିବା ପରେ ସ୍ମିତା ତାଙ୍କ ମୋଇବାଇଲକୁ ରଖିଥିବା ସ୍ଥାନରେ ପାଇ ନ ଥିଲେ। ଏ ସମ୍ପର୍କରେ ଦୋକାନୀଙ୍କୁ ପଚରାଉଚରା କରିବା ପରେ କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଉପରେ ଏକ ଚୋରି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବାୟାକଣ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ଡେରାବିଶ, ୧୭।୧୦(ସମିସ)

ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବାୟାକଣ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଖମୋଳ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରତାଦିଆ ଖଣ୍ଡସାହି ସରପଞ୍ଚ ଶିଶିର ସାମଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲଲାଟ ଭୂୟାଁ, ଖମୋଳ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରକାଶ ରାଉତ, ବଡ଼ସଲାରୋ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ନାଥ ଯୋଗ ଦେଇଥିଲେ । ଖମୋଳ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଡେରାବିଶ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ମୁଖ୍ୟବକ୍ତା ଏବିଇଓ ସଚିକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଖମୋଳ ସରପଞ୍ଚ




ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ ନାୟକ, ଅଧ୍ୟାପକ ଦିବ୍ୟ ଦାସ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଉଭୟ ଅଧିବେଶନରେ ବାୟାକଣ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଜେନା ସଭାପତିତ୍ୱ କରିଥିବାବେଳେ ରତାଦିଆ ହାଇସ୍କୁଲର ବରିଷ୍ଠ ଶିକ୍ଷକ ରଘୁନାଥ ଦାଶ ମଞ୍ଚ ପରିଚାଳନା କରିଥିଲେ। ହାଟବାଣପୁର ସିଆରସିସି ନିର୍ମାଳ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଭଜକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମୁକୁନ୍ଦପୁର ସିଆରସିସି ବିଶ୍ୱଜିତ ମୁଦୁଲି ସହଯୋଗ କରିଥିଲେ।

## ଜଙ୍ଗଲ ବିଭାଗ ଓ ପୂର୍ତ୍ତ ବିଭାଗର ସମନ୍ୱୟ ଅଭାବ

# ଗଛ ନ କାଟି କାମ ଆରମ୍ଭ କଲେ ଠିକାଦାର

ରାଜକନିକା,୧୭।୧୦(ସମିସ)

ଚନ୍ଦନପୋଖରୀ ଛକରୁ ପେଗରପଡ଼ା ରାସ୍ତାର ପ୍ରଶସ୍ତୀକରଣ କାମ କରିବାକୁ ଠିକାଦାର ଚୁକ୍ତି କରି ରାସ୍ତା କଡ଼ ଗଛ କାଟିବାକୁ ଦେଢ଼ ବର୍ଷ ସମୟ ନେଲେ। ବନ ବିଭାଗ ଓ ପୂର୍ତ୍ତ ବିଭାଗର ସମନ୍ୱୟ ଅଭାବରୁ ରାସ୍ତା କଡ଼ ଗଛ କଟା ସମ୍ଭବ ହୋଇପାରିନି। ରାସ୍ତାର ଉଭୟ ପାଶ୍ୱର୍ ଦେଢ଼ ମିଟର ପ୍ରଶସ୍ତ ହେବାକୁ ଥିବାବେଳେ ଠିକାଦାର ମାତ୍ର ଦେଢ଼ ଫୁଟ ଓସାରରେ କାମ ଆରମ୍ଭ କରିଛନ୍ତି।

କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାଜକନିକାର ଚନ୍ଦନପୋଖରୀ ଛକଠାରୁ ପେଗରପଡା ପୋଲ ଯାଏ ୮ କିମି ରାସ୍ତା ପାଇଁ ୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଏଥିପାଇଁ ଠିକାଦାର ଚୁକ୍ତି କରି



ରାସ୍ତା ଉଭୟ ପାଶ୍ୱର୍ରେ ଥିବା ଗଛ କଟା ପାଇଁ କାମ ବନ୍ଦ ରଖିଥିଲେ। ଏହି ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ୨୪୮ ବଡ଼ ଓ ୫୦୭ଟି ଛୋଟ ଗଛ କାଟିବାକୁ ପୂର୍ତ୍ତ ବିଭାଗ ଯାଜପୁରରେ ଥିବା ବନ ନିଗମରେ ଅର୍ଥ ଡିପୋଜିଟ କରିବାର ଦଶ ମାସ ପରେ ମଧ୍ୟ ବନବିଭାଗ ଅନୁମତି ଦେଉନାହିଁ। ଏବେ ଠିକାଦାର ଗଛ ନ କାଟି ଜାଗୁଳାଇପଡ଼ା ନିକରେ ରାସ୍ତା ପାଶ୍ୱର୍ରେ ମାତ୍ର ଦେଢ଼ ଫୁଟ ଖୋଳି କାମ ଆରମ୍ଭ କରିଛନ୍ତି। ଗଛ କଟା ନ ହେବା କାରଣରୁ ରାସ୍ତା କାମ ଦେଢ଼ ବର୍ଷ ବନ୍ଦ ହୋଇ ମରଣଯନ୍ତା ପାଲଟିବା ପରେ ଏବେ ର ଠ କରି କାମ କରାଯିବାକୁ ନେଇ ସନ୍ଦେହ ଉପୁଜିଛି। ଲୋକଙ୍କ ନଜର ଆଢୁଆଳରେ ବିନା ଗଛ କଟାରେ ଆରମ୍ଭ ହୋଇଥିବା ଏହି କାମରେ ଯେ ଠିକାଦାର ଓ ପୂର୍ତ୍ତ ବିଭାଗର ମଧୁଚନ୍ଦ୍ରିକା ଥିବା ନେଇ ଅଭିଯୋଗ ହେଉଛି। ଏନଏଚ ୨୦ ଘୋଷିତ ହୋଇଥିବା ଏହି ରାସ୍ତାର ମାନ ବଢ଼ାଇବାକୁ ବଜେଟରେ ବ୍ୟୟବରାଦ ହେବା, ଚୁକ୍ତି ପରେ ଦେଢ଼ ବର୍ଷ ଅପେକ୍ଷା ପରେ ଏବେ ଧର୍ମକୁ ଆଖିଠାର ମାରି ହେଉଥିବା କାମ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆସିଷ୍ଟାଣ୍ଟ ଇଞ୍ଜିନିୟର, ଜେଇ, କେନ୍ଦ୍ରାପଡ଼ା ଡିଭିଜନର ଏକଜିକ୍ୟୁଟିଭ ଇଞ୍ଜିନିୟର ଓ ଏସଇଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସମସ୍ତଙ୍କ ନିରବତା ଜନସାଧାରଣଙ୍କୁ ଚକିତ କରିଥିବାବେଳେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଚୁକ୍ତି ମୁତାବକ କାମ କରା ନ ଗଲେ ଆନ୍ଦୋଳନ ମୁଣ୍ଡ ଟେକିବ, ଏଥିରେ ସନ୍ଦେହ ନାହିଁ।

# ତହସିଲଦାରଙ୍କୁ ଆକ୍ରମଣ; ଦୁଇ ଯୁବତୀ ଗିରଫ

**କଙ୍କଡ଼ାହାଡ଼/କାମାକ୍ଷାନଗର,୧୭ ।୧୦(ସମିସ):**





କଙ୍କଡ଼ାହାଡ଼ ଥାନା କଙ୍କଡ଼ାହାଡ଼ ତହସିଲଦାର ସୌଦାମିନୀ ନାୟକଙ୍କୁ ଆକ୍ରମଣ ଘଟଣାରେ ପୁଲିସ ଦୁଇ ଯୁବତୀଙ୍କୁ ଗିରଫ କରିଛି। ସେମାନେ ହେଲେ କଣ୍ଢାପାଳ ଗାଁର ଉର୍ମିଳା ସାହୁ (୪୦) ଓ ପ୍ରମିଳା ସାହୁ (୩୮)। ଉର୍ମିଳା ଓ ପ୍ରମିଳା ସମ୍ପର୍କରେ ଦୁଇ ଭଉଣୀ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ଗୁରୁବାର ଅପରାହ୍ନ ସାଢ଼େ ୪ଟାରେ ତହସିଲଦାର ନାୟକ ନିଜ କାର୍ଯ୍ୟାଳୟରେ କାମ କରୁଥିବା ସମୟରେ ଉର୍ମିଳା ଓ ପ୍ରମିଳା ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସେମାନେ ତହସିଲଦାରଙ୍କୁ ପ୍ରଥମେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏପରିକି ଚୁନ୍ଧି ଟାଣିନେବା ସହ ଡାହାଣ କାନମୁଣ୍ଡାକୁ ମାଡ଼ ମାରିଥିଲେ। ତଣ୍ଟି ଚିପିଦେବାକୁ ଉଦ୍ୟମ କରିଥିବା ତହସିଲଦାର ଗୁରୁବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ଅଧିକାରିଣୀ କଳ୍ପନା ବେହେରା କଣ୍ଢାପାଳ ଗାଁରୁ ଦୁଇ ଭଉଣୀଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ରାତିରେ ଢେଙ୍କାନାଳସ୍ଥିତ ସଖୀ ଗୃହରେ ଦୁଇ ଭଉଣୀଙ୍କୁ ରଖାଯାଇଥିଲା। ଗୁରୁବାର ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ଥାନା ଅଧିକାରିଣୀ ବେହେରା କହିଛନ୍ତି ଦୁଇ ଭଉଣୀ ତହସିଲଦାରଙ୍କୁ ଆକ୍ରମଣ କରିଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ତାଙ୍କ ବାପା ନିଜ ଗାଁରେ ସରକାରୀ ଜମି ଜବରଦଖଲ କରିଥିଲେ। ତେବେ ସେହି ଜମିରେ ସରକାରୀ ଉନ୍ନୟନ ପ୍ରକଳ୍ପ ହେବାରୁ ଉର୍ମିଳା ଓ ପ୍ରମିଳା ଉତ୍ତ୍ୟକ୍ତ ହୋଇ ତହସିଲଦାରଙ୍କୁ ଆକ୍ରମଣ କରିଥିବା ଥାନା ଅଧିକାରିଣୀ କହିଛନ୍ତି।

## ମହୀଧରପୁରରେ ଅଜଣା ଜନ୍ତୁ ଭୟ



**ଅନୁଗୋଳ,୧୭ ।୧୦(ସମିସ):** ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳ ମହୀଧରପୁର ଗାଁରେ ଶୁକ୍ରବାର ଏକ ଅଜଣା ଜନ୍ତୁକୁ ଦେଖିବା ପରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନବିଭାଗ ପହଞ୍ଚି ଜନ୍ତୁକୁ ଠାବ କରିବାକୁ ଚେଷ୍ଟା ଚଳାଇଥିବା ବେଳେ ଏହା ଏକ କଲରାପତରିଆ ବାଘ ବୋଲି ପ୍ରତ୍ୟକ୍ଷଦର୍ଶୀ ଦାବି କରିଛନ୍ତି। ସୂଚନା ମୁତାବକ ମହୀଧରପୁର ଶାଳବଣି ସାହିର ଶିବନାରାୟଣ ଜେନା ଶୁକ୍ରବାର ହାଟ ସଉଦା ସାରି ଘରକୁ ଫେରୁଥିବା ବେଳେ ଶାଳବଣି ଖେଳପଡ଼ିଆ ରାସ୍ତାରେ ଏକ ଜନ୍ତୁ ତାଙ୍କ ସାମ୍ନାରେ ଦୌଡ଼ି ପଳାଇଥିଲା। ଏହାକୁ ଦେଖି ସେ ସାଇକଲରୁ ପଡ଼ିଯିବା ପରେ ପ୍ରାଣ ବିକଳରେ ଘରକୁ ଧାଇଁଥିଲେ। ଘରେ ପହଞ୍ଚି ଗ୍ରାମବାସୀଙ୍କୁ ବାଘ କଥା କହିବା ପରେ ଲୋକେ ଆସି ଖୋଜାଖୋଜି କରିଥିଲେ। ତେବେ ବନବିଭାଗ କର୍ମଚାରୀ ପହଞ୍ଚି ପାଦଚିହ୍ନ ଯାଞ୍ଚ କରିବା ପରେ ଏହା ଏକ ହେଟାବାଘ କିମ୍ବା ଶିଆଳ ହୋଇଥାଇପାରେ ବୋଲି ପ୍ରକାଶ କରିଛନ୍ତି।

## କେପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କେରଯୋଳି ଚାମ୍ପିଅନ

**କାମାକ୍ଷାନଗର,୧୭ ।୧୦(ସମିସ):** କଙ୍କଡ଼ାହାଡ଼ କଲେଜ ଗ୍ରାଉଣ୍ଡରେ ରାମେଶ୍ୱର ରାଇଜିଂ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୫ତମ କଙ୍କଡ଼ାହାଡ଼ ପ୍ରିମିୟର ଲିଗ (କେପିଏଲ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। କେରଯୋଳି କ୍ରିକେଟ କ୍ଲବ ଓ ବୁଢ଼ୀବିଲ କ୍ରିକେଟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। କେରଯୋଳି ବିଜୟୀ ହୋଇ ଚାମ୍ପିଅନ ହୋଇଛି। କେରଯୋଳି ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭୫ ରନ କରିଥିଲା। ବୁଢ଼ୀବିଲ ଦଳ ୧୦ ଓଭରରେ ୫୩ ରନ କରିବାକୁ ସକ୍ଷମ ହୋଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ବାଇନ ସାହୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଲିକୁ ପରିଡ଼ା, ଜିଲୁ ପଣ୍ଡା ଖେଳ ପରିଚାଳନା କରିଥିଲେ। ହିମାଂଶୁ ପାତ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ନନ୍ଦ ସିଂହ ଧାରାବିବରଣୀ ପ୍ରଦାନ କରିଥିଲେ। ରାମେଶ୍ୱର ରାଇଜିଂ କ୍ରିକେଟ କ୍ଲବର ସତ୍ୟନାରାୟଣ ପରିଡ଼ା, କୁଲୁ ପଣ୍ଡା, ଶୁଭେନ୍ଦୁ ସିଂହ, ସିଙ୍କୁଲ ନନ୍ଦି, ବାପି କୁମାର ପ୍ରମୁଖ ସହଯୋଗ କରିଥିଲେ।



## ପ୍ରିୟ ନିରାଶ୍ରୟ ପୁନର୍ବାସ କେନ୍ଦ୍ର ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର




**ଗଁଦିଆ,୧୭ ।୧୦(ସମିସ):** ଢେଙ୍କାନାଳସ୍ଥିତ "ପ୍ରିୟ" କାର୍ଯ୍ୟାଳୟର ଭିକାରୀ ଓ ନିରାଶ୍ରୟ ପୁନର୍ବାସ କେନ୍ଦ୍ର ଓ କଳିଙ୍ଗ ଚକ୍ଷୁ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୧୬୭ ଜଣ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା, ଔଷଧ ଆଦି ପ୍ରଦାନ କରାଯାଇଛି। ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରିୟର କର୍ମକର୍ତ୍ତା ଇଲନପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, ସ୍ୱାଗତିକା ରାଉତ, ସୌଭାଗ୍ୟଲକ୍ଷ୍ମୀ ତରାଇ, ଲକ୍ଷ୍ମୀପ୍ରିୟା ନାୟକ, ବର୍ଷାରାଣୀ ପ୍ରଧାନ, ବୈକୁଣ୍ଠନାଥ ପାତ୍ର, ରବୀନ୍ଦ୍ର କୁମାର ସାମଲ, ପର୍ଶୁରାମ ଦାସ ସହଯୋଗ କରିଥିଲେ।

## ରାସ୍ତା ମରାମତି କାର୍ଯ୍ୟରେ ବ୍ୟାପକ ଅନିୟମିତତା

### ଅଭିଯୋଗ ଆଣିଲେ ୱାର୍ଡ ମେମ୍ବର

**ପରଜଙ୍ଗ,୧୭ ।୧୦(ସମିସ):** ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତରେ ୧୫ଶ କେନ୍ଦ୍ରୀୟ ପାଣ୍ଠିରୁ ଆର୍ଥିକ ବର୍ଷ ୨୦୨୪-୨୫ରେ ରାସ୍ତା ମରାମତି ବାବଦ ଆସିଥିବା ୪ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ପଞ୍ଚାୟତର ୧୨ ନମ୍ବର ୱାର୍ଡ ମେମ୍ବର ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପରେ ତାଙ୍କୁ କାର୍ଯ୍ୟ କରୁଥିବା ଠିକାଦାର ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ୱାର୍ଡ ମେମ୍ବର।



ମାଣିକମରା କେନାଲଠାରୁ ନୂଆସାହି ମାଟି ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ିରହିଥିଲା। ସାହି ବାସିନ୍ଦାଙ୍କ ଗମନାଗମନ ସୁବ୍ୟବସ୍ଥା ନିମନ୍ତେ ରାସ୍ତା ମରାମତି ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୪ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା। ସାହିର କିଛି ଅସାଧୁ ବ୍ୟକ୍ତି ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କୁ ଢାଲ କରି ରାତିଅଧରେ ଟ୍ରାକ୍ଟରରେ ମାଟି କାଦୁଅ ବୋହି ରାସ୍ତା ପକାଇଥିବା ବେଳେ ଅନେକ ସ୍ଥାନରେ ଖାଲଖମା ପୂର୍ବ ପରି ରହିଯାଇଥିଲା। ଫଳରେ ସାହି ବାସିନ୍ଦା ଯାତାୟାତରେ ଅସୁବିଧା ଭୋଗୁଥିଲେ। ଏ ନେଇ ସାହିବାସିନ୍ଦା ୱାର୍ଡ ମେମ୍ବରଙ୍କୁ ଅଭିଯୋଗ କରିଥିଲେ। ସଠିକ ଭାବେ ରାସ୍ତା କାର୍ଯ୍ୟ କରିବା ପାଇଁ ୱାର୍ଡ ମେମ୍ବର ତାଗିଦ୍ କରିବାରୁ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ୱାର୍ଡ ମେମ୍ବର ଥାନା ଦ୍ୱାରସ୍ଥ ହୋଇଛନ୍ତି। ରାସ୍ତା ମରାମତି ସମୟରେ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁଁ ନିମ୍ନମାନର କାର୍ଯ୍ୟ ହେଉଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ସାହି ବାସିନ୍ଦା। ଏ ସଂକ୍ରାନ୍ତରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସବ୍ୟସାଚୀ ସାମଲ କହିଛନ୍ତି ଯେ ରାସ୍ତାର ବିଲ୍ ପୈଠ କରାଯାଇନାହିଁ। ରାସ୍ତାରେ ୬ ଇଞ୍ଚ୍ ମୋରମ ପଡ଼ିବା ନିୟମ ରହିଛି। ଖାଲଖମାକୁ ସଠିକ ଭାବେ ମରାମତି କରାଯିବ ବୋଲି ସେ କହିଛନ୍ତି।

## ବୃନ୍ଦାବନପୁର ରାଣୀପାଳ ସେତୁ ଉଦ୍‌ଘାଟିତ



**ଢେଙ୍କାନାଳ,୧୭ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ପଞ୍ଚାୟତ ବୃନ୍ଦାବନପୁର ରାଣୀପାଳ ରାସ୍ତାରେ ସାପୁଆ ନାଳ ଉପରେ ନିର୍ମିତ ସେତୁ ଉଦଘାଟିତ ହୋଇଛି। ଗ୍ରାମ ନିର୍ମାଣ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୋନାଲି ସୁଚରିତା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଏବଂ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ସୁଉଚ୍ଚ ସେତୁର ଉଦଘାଟନ କରିଥିଲେ। ଏହି ସେତୁ ଦ୍ୱାରା ଲୋକଙ୍କ ଗମନାଗମନ ସୁବିଧା ହୋଇପାରିବା ସହ ଜୀବନଶୈଳୀ ମଧ୍ୟ ଉନ୍ନତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ନରେଶ ମହାପାତ୍ର, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ପ୍ରକାଶ ପଣତା, ସନ୍ତୋଷ ନାଏକ, ଭାବଗ୍ରାହୀ ନାଏକ, ଇତିଶ୍ରୀ ସାହୁ, ସହଦେବ ପୃଷ୍ଟି ଉପସ୍ଥିତ ଥିଲେ। ବିଭାଗୀୟ ଉପନିର୍ବାହୀ ଯନ୍ତ୍ରୀ ଶିବରାଜ ସେଠୀ, କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ବେହେରା ସହଯୋଗ କରିଥିଲେ।

### ବିଜ୍ଞାନ, ଗଣିତ, ପରିବେଶ ଓ କଳା ପ୍ରଦର୍ଶନୀ ଉଦ୍‌ଯାପିତ

## 'ସତ୍ୟର ପାହାଡ଼ ଉପରେ ଠିଆ ହୋଇଥାଏ ବିଜ୍ଞାନ'




**ଢେଙ୍କାନାଳ,୧୭ ।୧୦(ସମିସ):** ସ୍ଥାନୀୟ ମଣ୍ଟଫୋର୍ଟ ସ୍କୁଲ୍ ପରିସରରେ ବାର୍ଷିକ ବିଜ୍ଞାନ, ଗଣିତ, ପରିବେଶ ଓ କଳା ପ୍ରଦର୍ଶନୀ ଉଦଯାପିତ ହୋଇଛି। ସ୍କୁଲ୍ ଅଧ୍ୟକ୍ଷ ଆଲ୍ ବିନ୍ସ୍ ବାରୱାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ବିଚାରକ ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ବିଜ୍ଞାନମନସ୍କ ହୋଇ କାରଣ ଖୋଜିବା ହିଁ ବିଜ୍ଞାନ। ସତ୍ୟର ପାହାଡ଼ ଉପରେ ଠିଆ ହୋଇଥାଏ ବିଜ୍ଞାନ। ଅନ୍ଧକାରରୁ ଆଲୋକକୁ ନେଇଥାଏ ବିଜ୍ଞାନ। ମାନବ ପାଇଁ ବିଜ୍ଞାନ, ସମାଜ ପାଇଁ ବିଜ୍ଞାନ, ଚିନ୍ତାରେ ବିଜ୍ଞାନ ପ୍ରତିଫଳିତ ହେଲେ ହିଁ ବିଜ୍ଞାନର ସାର୍ଥକତା ସମ୍ଭବ ହୋଇପାରିବ ବୋଲି ମୁଖ୍ୟଅତିଥି କହିଥିଲେ। ପ୍ରଶ୍ନ ପଚାରି ଅନୁସନ୍ଧିତ୍ସୁ ମନୋଭାବ ନେଇ ଉତ୍ତର ଖୋଜିବାକୁ ପରୀକ୍ଷଣ କରିବା ହିଁ ବିଜ୍ଞାନ ଓ ଏହାଦ୍ୱାରା ପିଲାଙ୍କ ପୂର୍ଣ୍ଣାଙ୍ଗ ବିକାଶ ସମ୍ଭବ ବୋଲି ଦୃଢ଼ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଦୀର୍ଘବର୍ଷ ଧରି ଅବିରତ ଉଦ୍ୟମ ଅବ୍ୟାହତ ରଖିଥିବାରୁ ଡ. ମିଶ୍ରଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ବାରୱା ସମ୍ମାନିତ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ସ୍ୱର୍ଣ୍ଣପ୍ରଭା ସାମଲ ସଭା ସଂଯୋଜନା କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମାର୍ଗଦର୍ଶନରେ ନର୍ସରୀରୁ ଦଶମ ଶ୍ରେଣୀ ମଧ୍ୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ୧୦୧୫ଟି ବିଜ୍ଞାନ, ଗଣିତ ଓ ପରିବେଶ ପ୍ରକଳ୍ପ ଓ ୧୮୦ଟି କଳାକୃତି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ତଥା ବିଚାରକ ଡ. ମିଶ୍ର ପ୍ରକଳ୍ପ ପରିଦର୍ଶନ କରି ସେଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ସାହୁ, ଦେବବ୍ରତ ସାହୁ, କିଶୋର ଚନ୍ଦ୍ର ସ୍ୱାଇଁ, ଜାତୀୟ ସମର ଶିକ୍ଷାର୍ଥୀ ସ୍ଥଳବାହିନୀ ଥାର୍ଡ ଅଫିସର୍ ନୃସିଂହ ପ୍ରସାଦ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ମହାନ୍ତି, ରୋଜାଲିନ ନନ୍ଦ, ମୋନିକା ସ୍ୱାଇଁ, ଗଜଲା ସିରିନ୍, ଜୟଶ୍ରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଜଙ୍ଗଲ ଜମିରେ ଗାଡ଼ି ଚଳାଚଳ, ଗୋଚରରେ ପାର୍କିଂ

**ପରଜଙ୍ଗ,୧୭ ।୧୦(ସମିସ):** ସରକାରୀ ଜମି ଜବରଦଖଲ ଉଚ୍ଛେଦ କରିବାକୁ ରାଜ୍ୟ ସରକାରଙ୍କ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ କିଛି ତହସିଲ ବା ବନ ବିଭାଗ ଅଧିକାରୀ ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଥିବା ଦେଖିବାକୁ ମିଳିଛି। ଦୋଷ ଲଦାଲଦିରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ପରଜଙ୍ଗ ତହସିଲ କୁଆଲୋ ମୌଜାର ଖାତା ନଂ ୮୨୪, ପ୍ଲଟ ନଂ ୧ ଗୋଚର କିସମ ରହିଛି। ଉକ୍ତ ଜାଗା ଗୋରୁମାନଙ୍କ ଚାରଣ ନିମନ୍ତେ ରହିଥିବା ବେଳେ ବର୍ତ୍ତମାନ ତାହା ଭାରୀଯାନ ପାର୍କିଂସ୍ଥଳ ପାଲଟିଛି। ସେହିପରି ୧୪୯ ନଂ ଜାତୀୟ ରାଜପଥରୁ ଖାଲପାଳ ସଂରକ୍ଷିତ ଜଙ୍ଗଲ ଜମି ଦେଇ ନୂଆ ସୂର୍ଯ୍ୟ ହୋଟେଲକୁ ରାସ୍ତା ନିର୍ମାଣ କରି ଦୈନନ୍ଦିନ ଶହ ଶହ ଗାଡ଼ି ଚଳାଚଳ କରିବା ସହ ଗୋଚର ଜମିରେ ରହଣିସ୍ଥଳ କରାଯାଇଛି। ଏ ନେଇ ଅନେକ ସମୟରେ ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି)ଙ୍କ ନିକଟରେ ମାମଲା ରୁଜୁ ହୋଇଥିଲା। ଜୁଲାଇ ମାସରେ ଏନଜିଟିଙ୍କ ରାୟ ପ୍ରକାଶ ପାଇଛି। ଏନଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ପରଜଙ୍ଗ ତହସିଲଦାର ନିଜର କ୍ଷମତା ହିସାବରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଇତିମଧ୍ୟରେ ୭୦ରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଜାତୀୟ ରାଜପଥଠାରୁ ହୋଟେଲକୁ ୪୦ ଫୁଟ ଓସାରର ରାସ୍ତା ଛଡ଼ାଯାଇ ମହାବିରୋଡ ବନାଞ୍ଚଳ ଅଧିକାରୀ ଚାରାରୋପିତ କରି ବିଗତ ଦିନରେ ଉଚ୍ଚ ପଦାଧିକାରୀଙ୍କୁ ନଥିପତ୍ର ଦାଖଲ କରିଥିଲେ। ସେହିପରି ତହସିଲ ପ୍ରଶାସନ ଦିନେ ଦୁଇଦିନ ଗୋଚର ଜମିରେ ଥିବା ଗାଡ଼ିର ଜରିମାନା ନିମନ୍ତେ ଜିଲ୍ଲା ପରିବହନ ବିଭାଗକୁ ପତ୍ର ଲେଖି ଚୁପ୍ ବସିଛି। ବନ ବିଭାଗ ଦ୍ୱାରା ରୋପଣ କରାଯାଇଥିବା ଚାରା ଉପରେ ହୋଟେଲ ମାଲିକଙ୍କ ନିର୍ଦ୍ଦେଶରେ ଭାରୀଯାନ ଚଳାଚଳ କରି ଅଧିକାଂଶ ଚାରା ନଷ୍ଟ ହେବାସହ ଚାରଣ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏହି ସଂକ୍ରାନ୍ତରେ ମହାବିରୋଡ ବନାଞ୍ଚଳ ଅଧିକାରୀ ହରିଶଚନ୍ଦ୍ର କିଶାନଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ। ମୁଁ ଏକ ସଭାରେ ଅଛି, ଫେରିଲା ବେଳେ ଦେଖିବି ବୋଲି କହିଥିଲେ। ଏନଜିଟିଙ୍କ ରାୟ ପରେ ମଧ୍ୟ ସବୁ ଜାଣି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ପ୍ରଭାବଶାଳୀ ହୋଟେଲ ମାଲିକଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଏଥିପ୍ରତି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ମନ୍ତ୍ରୀ ଦୃଷ୍ଟି ଦେବାକୁ ୟୁଥ୍ ୟୁନାଇଟେଡ୍ ଫର୍ ସଷ୍ଟେନେବଲ ଏନଭର୍ଣ୍ଣମେଣ୍ଟ ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି।

## ରଙ୍ଗୀନ କୁକୁଡ଼ା ଚାଷକରି ସ୍ୱାବଲମ୍ବୀ ଶୁଭସ୍ମିତା

**ଢେଙ୍କାନାଳ,୧୭ ।୧୦(ସମିସ)**




### ଓୟୁଏଟି ଦେଉଛି ତାଲିମ

ନିଜ ବାଡ଼ିରେ ରଙ୍ଗିନ କୁକୁଡ଼ା ଚାଷକରି ସ୍ୱାବଲମ୍ବୀ ହୋଇପାରିଛନ୍ତି ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ତରଭା ଗ୍ରାମର ଶୁଭସ୍ମିତା ସାହୁ। ଶୁଭସ୍ମିତା ପ୍ରଥମେ ୧୫/୨୦ଟି କୁକୁଡ଼ା ରଖିଥିଲେ। ସେଥିରୁ ଲାଭ ହେବାର ଦେଖି କୁକୁଡ଼ା ଚାଷ ଦିଗରେ ଅଧିକ ମନ ବଳାଇଥିଲେ। ପରେ ଅଧିକ ଲାଭ ଆଶାରେ କୁକୁଡ଼ାଙ୍କ ଉପଯୁକ୍ତ ଯତ୍ନ ପାଇଁ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗଯୋଗ କରି କୁକୁଡ଼ା ଚାଷର ୫ ଦିନିଆ ତାଲିମ ନେଇଥିଲେ। ଏବେ ରଙ୍ଗୀନ କୁକୁଡ଼ା ଚାଷକରି ଶୁଭସ୍ମିତା ଜଣେ ସଫଳ ଚାଷୀର ମାନ୍ୟତା ପାଇଛନ୍ତି। ନିଜ ଘର ଅଗଣାରେ ଏକ କୁକୁଡ଼ା ଭାଡ଼ି କରି ଶୁଭସ୍ମିତା ବର୍ତ୍ତମାନ ୬୦୦ରୁ ଅଧିକ ରଙ୍ଗୀନ କୁକୁଡ଼ା ରଖିଛନ୍ତି। ଛୋଟ ଚିଆଁଗୁଡ଼ିକୁ ଅଲଗା ରଖି ଯତ୍ନ ନେବା ସହ ବଡ଼ ହେବା ପରେ ବଡ଼ କୁକୁଡ଼ାଙ୍କ ସହ ଭାଡ଼ିରେ ଛାଡ଼ନ୍ତି। ଏଥିରୁ ସେ ଗୋଟିଏ ବ୍ୟାଚ୍‌ରେ ପ୍ରାୟ ୫୦ ହଜାରରୁ ଅଧିକ ଟଙ୍କା ଲାଭ ପାଉଥିବା ବେଳେ ବର୍ଷକୁ ସବୁ ଖର୍ଚ୍ଚ ଯାଇ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପାଇ ପାରୁଛନ୍ତି। ମାର୍କେଟ ସୁବିଧା ଥିବାରୁ ସେ ପାଖ ମାର୍କେଟ କୁକୁଡ଼ା ବିକ୍ରି କରିବା ସହ ଅନୁଗୋଳ, ବାଲେଶ୍ୱରର ବେପାରୀ ଆସି ତାଙ୍କ କୁକୁଡ଼ା କିଣି ନେଉଛନ୍ତି। ବଜାର ଚାହିଦା ଦେଖି କେଜିକୁ ୨୭୦ ଟଙ୍କା ହିସାବରେ ସେ ବିକ୍ରି ମଧ୍ୟ କରୁଛନ୍ତି। ଏହି କାମରେ ଶୁଭସ୍ମିତାଙ୍କୁ ତାଙ୍କ ସ୍ୱାମୀ ମଧ୍ୟ ଉତ୍ସାହିତ କରିବା ସହ ପୂର୍ଣ୍ଣ ସହଯୋଗ କରୁଛନ୍ତି। କୁକୁଡ଼ାଙ୍କ ରକ୍ଷଣାବେକ୍ଷଣ ସହ ତାପମାତ୍ରା, ରୋଗ ପରିଚାଳନା, ଉପଯୁକ୍ତ ଔଷଧ ବ୍ୟବହାର, ଖାଦ୍ୟପେୟର ଯତ୍ନ, କିଭଳି ଘର କରିବେ ଏ ସବୁ ପାଇଁ ତାଙ୍କୁ ସିବିସାଇ ବିକାଶ ପ୍ରକଳ୍ପ ମାଧ୍ୟମରେ ଦିଆଯାଉଥିବା ତାଲିମରେ ଶିଖାଯାଉଛି। ଏପରିକି ତାଲିମ ମାଧ୍ୟମରେ ପ୍ରାକ୍ଟିକାଲ କରାଯାଉଥିବାରୁ ଏହା ତାଙ୍କୁ ଅଧିକ ସହାୟକ ହୋଇପାରୁଛି। ଆଗାମୀ ଦିନରେ କୁକୁଡ଼ା ଚାଷ ସମ୍ପର୍କରେ ଅଧିକ ପ୍ରଶିକ୍ଷଣ ନେଇ ନିଜକୁ ସଶକ୍ତ ମହିଳା ଭାବେ ପ୍ରତିଷ୍ଠିତ କରିବାକୁ ଶୁଭସ୍ମିତା ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି ସଫଳତା ଦେଖି ଗାଁର ଅନେକ ମହିଳା ବର୍ତ୍ତମାନ କୁକୁଡ଼ା ଚାଷ ଦିଗରେ ପ୍ରେରିତ ହେଉଛନ୍ତି।

### ● ଗ୍ରନ୍ଥାଗାର କାର୍ଯ୍ୟରେ ବାଲି ବଦଳରେ ମୋରମ ବ୍ୟବହାର

## ଅନୁମତିଠାରୁ ଅଧିକ ମୋରମ ଖନନ ଅଭିଯୋଗ



**ପରଜଙ୍ଗ,୧୭ ।୧୦(ସମିସ):** ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ ପରିସରରେ ୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇ ଗ୍ରନ୍ଥାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ଗ୍ରନ୍ଥାଗାର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପ୍ଲିନ୍ଥ ପତନରେ ବାଲି ପରିବର୍ତ୍ତେ ମାଟି ମିଶା ମୋରମ ପୋତାଯାଉଥିବା ଦେଖିବାକୁ ମିଳିଛି। ସେହିପରି ବୈଷୟିକ ଅନୁଷ୍ଠାନ ପରିସରରେ ଥିବା ବାଳିକା ଛାତ୍ରବାସ ସମ୍ମୁଖ ଖାଲି ସ୍ଥାନରୁ ବିଳମ୍ବିତ ରାତିରେ ମୋରମ ଖନନ କରି ଏଠାରେ ବ୍ୟବହାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ କରାଯାଉଥିଲେ ମଧ୍ୟ ପାଖରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୋରମ ଚୋରା ଚାଲାଣ ଅଭିଯୋଗ ଉପରେ ତାଳଚେର ଖଣି ଉପନିର୍ଦ୍ଦେଶକ କୁହନ୍ତି ଯେ ଗ୍ରନ୍ଥାଗାର ନିର୍ମାଣ ସଂସ୍ଥା ମାଟି ମୋରମ ଖନନ ନିମନ୍ତେ ଅନୁମତି ନେଇଛନ୍ତି। ଯଦି ଅନୁମତିଠାରୁ ଅଧିକ ଘନଫୁଟ ଖନନ କରେ ତେବେ ବିଭାଗ ପକ୍ଷରୁ ତାହାର ଆକଳନ କରି ଜରିମାନା ଆଦାୟ କରାଯିବ। ସେହିପରି ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି ଯେ ମୋରମ ପୋତାଯିବାକୁ ଅନୁମତି ରହିଛି। ଖନନ କରି ଆଣିବା ପାଇଁ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ଖଣି ବିଭାଗ ପକ୍ଷରୁ ଅନୁମତି ଆଣିଛନ୍ତି। ତେବେ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ ପରିସରରୁ ମୋରମ ଖନନ ହେଉ ବା ଗ୍ରନ୍ଥାଗାରରେ ବାଲି ପରିବର୍ତ୍ତେ ମାଟି ମୋରମ ପୋତା ହେଉ, ସେ ସଂକ୍ରାନ୍ତରେ ଅନୁଷ୍ଠାର ନିର୍ଦ୍ଦେଶକ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପ୍ରଥମ ଉଡ଼ାଣ ଭରିଲା ସ୍ୱଦେଶୀ ତେଜସ୍



ନାସିକ୍, ୧୭ ।୧୦(ଏଜେନ୍ସି): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ମାର୍କ-୧ଏ ଶୁକ୍ରବାର ତା'ର ପ୍ରଥମ ଉଡ଼ାଣ ଭରିଛି । ନାସିକର ଓଝାରରେ ଏହି ବିମାନ ନିର୍ମାଣ କରାଯାଇଛି । ଭାରତୀୟ ବାୟୁସେନାକୁ ଏହି ବିମାନ ଉପଲବ୍ଧ କରାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ୍) ମହାରାଷ୍ଟ୍ରର ନାସିକ୍‌ରେ ତୃତୀୟ ପ୍ରଡକସନ ଲାଇନ୍ ଆରମ୍ଭ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହାର ଉଦ୍‌ଘାଟନ କରିଛନ୍ତି । ଏହି ପ୍ରଡକ୍ସନ ଲାଇନ୍ ଜରିଆରେ ବାୟୁସେନାକୁ ୨୦୩୨-୩୩ ସୁଦ୍ଧା ୧୮୦ଟି ତେଜସ୍ ବିମାନ ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏବେ ଏଠାରେ ପ୍ରତି ବର୍ଷ ୮ଟି ଫାଇଟର ଜେଟ୍ ନିର୍ମାଣ କରାଯାଉଛି । ଏହାକୁ ବଢ଼ାଇ ୧୦ରେ କରାଯିବ ବୋଲି କୁହାଯାଇଛି । ବାୟୁସେନା ପାଇଁ ତେଜସ୍ ବିମାନ ନିର୍ମାଣ କରୁଥିବା ହାଲ୍‌କୁ ଗତ ସେପ୍ଟେମ୍ବରରେ ଆମେରିକା ଚତୁର୍ଥ ଇଞ୍ଜିନ ପଠାଇଥିଲା । ଏହି ଜେଟ୍ ବିମାନର ଡେଣାରେ ୯ଟି ସ୍ଥାନରେ ମିସାଇଲ ଖଞ୍ଜା ଯାଇପାରିବ ଓ ଏହା ହିଁ ଏହି ବିମାନର ସ୍ୱତନ୍ତ୍ରତା । ପ୍ରତ୍ୟେକ ତେଜସ୍ ମାର୍କ-୧ଏ ବିମାନର ମୂଲ୍ୟ ୬୦୦ କୋଟି ଟଙ୍କା ବୋଲି କୁହାଯାଇଛି । ଏହାର ଘଣ୍ଟାପ୍ରତି ବେଗ ୨୨୦୫ କିମି । ଏହା ଶବ୍ଦର ଗତିଠାରୁ ଦୁଇଗୁଣା ବେଗରେ ଗତି କରିପାରିବ ।

# ପାକ୍ ସେନା ଶିବିରରେ ଆକ୍ରମଣ; ୭ ସୈନ୍ୟ ମୃତ



ଇସଲାମାବାଦ୍, ୧୭ ।୧୦(ଏଜେନ୍ସି): ପାକିସ୍ତାନର ନର୍ଥ ୱାଜିରସ୍ଥାନର ମୀର ଅଲି ଅଞ୍ଚଳରେ ଏକ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ ହୋଇଛି । ଏଥିରେ ୭ ପାକିସ୍ତାନ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି । ତେବେ ଏହି ଆକ୍ରମଣରେ ଆମର କୌଣସି ସୈନିକ ମୃତାହତ ହୋଇନାହାନ୍ତି ବୋଲି ଅଧିକାରୀମାନେ ଦାବି କରିଛନ୍ତି । ଆକ୍ରମଣ କରିଥିବା ୪ ଜଣ ଉଗ୍ରବାଦୀ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି । ଜଣେ ଉଗ୍ରବାଦୀ ବିସ୍ଫୋରକ ଭର୍ତ୍ତି ଥିବା ଏକ ଗାଡିକୁ ଆଣି ସେନା ଶିବିର ପାଚେରୀରେ ଧକ୍କା ଦେଇଥିଲା । ଏହାପରେ ଅନ୍ୟ ୩ଜଣ ଶିବିର ମଧ୍ୟକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଏମାନେ ଜବାବୀ କାର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଥିଲେ । ଉଗ୍ରବାଦୀଙ୍କୁ ସଫଳତାର ସହ ମୁକାବିଲା କରିଥିବାରୁ ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକ୍‌ବୀ ସେନାକୁ ପ୍ରଶଂସା କରିଛନ୍ତି । ଗତକିଛି ଦିନ ହେବ ଉତ୍ତର ୱାଜିରିସ୍ଥାନରେ ଉଗ୍ରବାଦୀଙ୍କ ଆକ୍ରମଣ ବୃଦ୍ଧି ପାଇଛି । ଫଳରେ ଏହି ଅଞ୍ଚଳରେ ଅଧିକ ସୁରକ୍ଷାବଳକୁ ନିୟୋଜିତ କରାଯାଇଛି । ଏହି ଆକ୍ରମଣ ପଛରେ ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି)ର ହାତ ରହିଛି ବୋଲି କୁହାଯାଇଛି । ଗତ ୩ ମାସ ମଧ୍ୟରେ ପାକିସ୍ତାନରେ ଆତଙ୍କବାଦୀ ଅକ୍ରମଣରେ ଯଥେଷ୍ଟ ବୃଦ୍ଧି ପାଇଛି ।

## ଘରୁ ମିଳିଲା ୭.୫ କୋଟି; ଜେଲ୍ ଗଲେ ଡିଆଇଜି

ଚଣ୍ଡିଗଡ଼, ୧୭ ।୧୦(ଏଜେନ୍ସି): ପଞ୍ଜାବ ପୁଲିସ ଡିଆଇଜି ହରଚରଣ ସିଂ ଭୁଲ୍ଲରଙ୍କ ଘରୁ ଆହୁରି ଅଧିକ ଟଙ୍କା ଓ ସୁନା ଜବତ କରାଯାଇଛି । ଚଣ୍ଡିଗଡ଼ସ୍ଥିତ ତାଙ୍କ ବାସଭବନ ଓ ଫାର୍ମ ହାଉସ୍‌ରୁ ୭.୫ କୋଟି ଟଙ୍କା ଏବଂ ଅଢ଼େଇ କେଜି ସୁନା ସହିତ ୨୬ଟି ବିଳାସପୂର୍ଣ୍ଣ ଗାଡ଼ି,ବନ୍ଧୁକ, ବ୍ୟାଙ୍କ ଆକାଉଣ୍ଟର ଡିଟେଲ ଓ ୬୪ରୁ ଉର୍ଦ୍ଧ୍ୱ ସମ୍ପତ୍ତିର କାଗଜପତ୍ର ଜବତ କରାଯାଇଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି । ସେହିପରି ଲୁଧିଆନାସ୍ଥିତ ତାଙ୍କ ଫାର୍ମହାଉସ୍‌ରେ ୧୦୮ ବୋତଲ ମଦ ସହିତ ୧୭ରୁ ଅଧିକ ଗୁଳି ଓ ଜଣେ ଦଲାଲଙ୍କ ଘରୁ ନଗଦ ୨୧ ଲକ୍ଷ ଟଙ୍କା ଓ କିଛି କାଗଜ ମଧ୍ୟ ଜବତ କରାଯାଇଛି । ସିବିଆଇ କୋର୍ଟ ହରଚରଣ ସିଂଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଛନ୍ତି । ଅନ୍ୟଏକ ଘଟଣାକ୍ରମରେ ଡିଆଇଜଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କୁ ଜେଲ ପଠାଇଥିବା ସ୍କ୍ରାପ୍ ବ୍ୟବସାୟୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ପଞ୍ଜାବ ସରକାର ଓ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ।

## ସର୍ଭେକୁ ଭୁଲ୍ ବୁଝିଛନ୍ତି ମୂର୍ତ୍ତି ଦମ୍ପତି: ସିଦ୍ଧରମେୟା

ବେଙ୍ଗାଲୁରୁ, ୧୭ ।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଓ ତାଙ୍କ ପତ୍ନୀ ସୁଧା ମୂର୍ତ୍ତି ରାଜ୍ୟରେ ଚାଲିଥିବା ସର୍ଭେରେ ସାମିଲ ହେବାକୁ ମନା କରିବା ପରେ ପ୍ରତିକ୍ରିୟା ଦେଇଛନ୍ତି । ସର୍ଭେକୁ ନେଇ ମୂର୍ତ୍ତି ଦମ୍ପତି ଭୁଲ ବୁଝିଛନ୍ତି ବୋଲି ସେ ଶୁକ୍ରବାର କହିଛନ୍ତି । ରାଜ୍ୟର ୭ କୋଟି ଜନତା ପାଇଁ ଏହି ସର୍ଭେ କରାଯାଉଛି ବୋଲି ୨୦ଥର କହିସାରିଛି । ତଥାପି ଯଦି କେହି ବୁଝି ନ ପାରୁଛନ୍ତି, ତାହେଲେ କିଛି କରିପାରିବନି । କେବଳ ପଛୁଆ ବର୍ଗ ପାଇଁ ଏହି ସର୍ଭେ କରାଯାଉ ନାହିଁ । ଏହା ସମାଜର ସବୁ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଏକ ସାମାଜିକ- ଆର୍ଥିକ ଓ ଶୈକ୍ଷଣିକ ସର୍ଭେ । ବାରମ୍ବାର ବୁଝାଇବା ସତ୍ତ୍ୱେ କିଛି ଲୋକ ଏହାକୁ ଭୁଲ୍ ବୁଝୁଛନ୍ତି । ତେଣୁ ମୂର୍ତ୍ତି ଦମ୍ପତି ଏହାକୁ ଭଲ ଭାବେ ହୃଦୟଙ୍ଗମ କରିବା ଉଚିତ ।

## ଜୁବିନଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ ରାହୁଲ

ଗୌହାଟୀ, ୧୭ ।୧୦(ଏଜେନ୍ସି): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଆସାମ ପହଞ୍ଚି ବଲିଉଡ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ ମଧ୍ୟ ଜୁବିନଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ । ଜୁବିନଙ୍କ ମୃତ୍ୟୁରହସ୍ୟ ଉନ୍ମୋଚନ ନେଇ ସେ ସରକାରଙ୍କୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି । ସିଙ୍ଗାପୁରରେ ପ୍ରକୃତରେ କ'ଣ ଘଟିଥିଲା ସେ ନେଇ ଜୁବିନଙ୍କ ପରିବାର ଲୋକଙ୍କୁ ଜାଣିବାର ଅଧିକାର ରହିଛି । ଯେତେଶୀଘ୍ର ତଦନ୍ତ ସରିବ, ଜୁବିନଙ୍କ ପରିବାର ସେତେଶୀଘ୍ର ଆଶ୍ୱସ୍ତ ହେବ ବୋଲି ସେ କହିଥିଲେ ।

## ଅସ୍ତ୍ରବିରତି ଭାଙ୍ଗି ଆଫଗାନିସ୍ତାନରେ ପୁଣି ଆକ୍ରମଣ କଲା ପାକିସ୍ତାନ

କାବୁଲ, ୧୭ ।୧୦(ଏଜେନ୍ସି): ଅସ୍ତ୍ରବିରତି ଭାଙ୍ଗି ପାକିସ୍ତାନ ପୁଣି ଆଫଗାନିସ୍ତାନରେ ଆକ୍ରମଣ କରିଛି । ଶୁକ୍ରବାର ରାତିରେ ପକ୍ତିକା ପ୍ରଦେଶ ଉପରେ ଆକଶ ମାର୍ଗରୁ ବୋମା ମାଡ଼ କରିଛି । ଏହି ଦୁଇ ଦେଶର ସୀମା (ଡୁରଣ୍ଡ) ଲାଇନ ନିକଟରେ ରହିଛି । ଏହି ଆକ୍ରମଣରେ ପାକିସ୍ତାନ ଅର୍ଗନ ଏବଂ ବର୍ମଲ ଜିଲ୍ଲାର ଅନେକ ଘରକୁ ନିଶାଣ କରିଥିଲା । ଏଥିରେ ଅନେକ ଘର ଧ୍ୱଂସ ହୋଇଯାଇଛି । ତେବେ କେହି ମୃତାହତ ହେବାର ସୂଚନା ଏ ପର୍ଯ୍ୟନ୍ତ ମିଳିପାରି ନାହିଁ । ଅନ୍ୟପଟେ ପାକିସ୍ତାନକୁ ଦୃଢ଼ ଜବାବ ଦିଆଯିବ ବୋଲି ତାଲିବାନ ପକ୍ଷରୁ କୁହାଯାଇଛି । ପୂର୍ବରୁ ଦୁଇ ଦେଶ ମଧ୍ୟରେ ସପ୍ତାହେ ପର୍ଯ୍ୟନ୍ତ ସଂଘର୍ଷ ଚାଲିଥିଲା । ବୁଧବାର ସନ୍ଧ୍ୟାରେ ଦୁଇ ଦେଶ ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ । ମାତ୍ର ଏହା ଶେଷ ହେବା ପୂର୍ବରୁ ପାକିସ୍ତାନ ପୁଣିଥରେ ଆକ୍ରମଣ କରି ନିଜ କୁଟୀଳ ପ୍ରବୃତ୍ତିର ପ୍ରଦର୍ଶନ କରିଛି ।

## ବିହାରରେ ସରିଲା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ

# ମହାମେଣ୍ଟରେ ହୋଇପାରିଲାନି ଆସନ ବୁଝାମଣା




ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି । କ୍ଷମତାସୀନ ମେଣ୍ଟ ଏନ୍‌ଡିଏ ଆସନ ବୁଝାମଣା କରି ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି କରୁଥିବାବେଳେ ବିରୋଧୀ ମେଣ୍ଟ ଇଣ୍ଡିଆରେ କେଁ ଲାଗି ରହିଛି । ଏ ପର୍ଯ୍ୟନ୍ତ ଏହି ମହାମେଣ୍ଟର ସହଯୋଗୀଙ୍କ ମଧ୍ୟରେ ଆସନ ଚୂଡ଼ାନ୍ତ ହୋଇପାରିନାହିଁ । ତେବେ ପ୍ରମୁଖ ଦଳ କଂଗ୍ରେସ ଏବଂ ଆରଜେଡି ପରସ୍ପରର ଆସନରେ ନିଜ ପ୍ରାର୍ଥୀଙ୍କୁ ଟିକେଟ ଦେବା ଆରମ୍ଭ କରିଦେଇଛନ୍ତି । ଏହା ମେଣ୍ଟରେ ନୂଆ ବିବାଦ ସୃଷ୍ଟି କରିଛି । ଦଳମାନଙ୍କ ମଧ୍ୟରେ ସବୁ କିଛି ଠିକ୍ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି । ଦୀର୍ଘ ଦିନ ହେଲା ଏକାଠି ପ୍ରଚାର କରୁଥିବା ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଫାଇନାଲ ମ୍ୟାଚ୍ ପୂର୍ବରୁ ବି ଖେଳାଳି ଧାର୍ଯ୍ୟ କରିପାରିନାହାନ୍ତି । ଏହା ମହାମେଣ୍ଟ ପାଇଁ ଝଟ୍‌କା ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି । ଅନ୍ୟପଟେ ଏନ୍‌ଡିଏ ଆସନ ବଣ୍ଟନ ସାରି ପ୍ରଚାରପ୍ରସାର ଜୋରସୋରରେ ଲାଗିପଡ଼ିଛି । ଏହି କ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଆସନ ବଣ୍ଟନକୁ ନେଇ ଅସନ୍ତୁଷ୍ଟ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି । ଏଠାରୁ ବାହାରିବା ପରେ ନୀତୀଶଙ୍କ ନେତୃତ୍ୱାରେ ହିଁ ଦଳ ନିର୍ବାଚନ ଲଢ଼ିବ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ବିରୋଧୀଙ୍କ ମହାମେଣ୍ଟରେ ଆସନ ବଣ୍ଟନକୁ ନେଇ ଏବେ ବି ଟଣାଓଟରା ଜାରି ରହିଛି । କିଏ କେଉଁ ଆସନରୁ ଲଢ଼ିବ ତାହାକୁ ନେଇ ଚାଲିଥିବା କଳି ତୁଟି ପାରୁନି । ଏହି ନିର୍ବାଚନ ପାଇଁ ଦୁଇ ଦଳ କିଛି ଆସନରେ ପ୍ରାର୍ଥୀ ଘୋଷଣା କରି ସାରିଥିଲେ ବି ବୁଝାମଣା ନେଇ ଆଲୋଚନା ଜାରି ରହିଛି । ଶେଷ ସମୟରେ ଦୁଇ ଦଳ ନାମାଙ୍କନ ପ୍ରତ୍ୟାହାର କରି ଜଣେ ଅନ୍ୟ ଜଣଙ୍କୁ ସମର୍ଥନ ଦେଇପାରନ୍ତି ବୋଲି କୁହାଯାଉଛି । ଏହି ବିବାଦ ଏନ୍‌ଡିଏକୁ ବଳ ଯୋଗାଉଛି । ମହାମେଣ୍ଟ ଅଡୁଆକୁ ନେଇ ଦଳୀୟ ନେତାଙ୍କ ସହିତ ଲୋକଙ୍କ ମଧ୍ୟରେ ସଂଶୟ ବଢ଼ିବାରେ ଲାଗିଛି । ଏହି ଆଲୋଚନାରେ ଜଡ଼ିତ କଂଗ୍ରେସ ନେତା କହ୍ନେୟା କୁମାର କହିଛନ୍ତି ଯେ ଦ୍ରୁତ ବେଗ ଅପେକ୍ଷା ସହଯୋଗ ଜରୁରୀ । ବୁଝାମଣା ପାଇଁ ସମୟ ଦରକାର । ଖୁବଶୀଘ୍ର ଆସନ ବଣ୍ଟନ ଘୋଷଣା କରାଯିବ । ସେହପରି ପବନ ଖେଡ଼ା କହିଛନ୍ତି ଯେ ବୁଝାମଣା ନେଇ ଆଲୋଚନା ଜାରି ରହିଛି । ଚିହ୍ନ ବଣ୍ଟା ସରିଯାଇଛି । ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି । ଖୁବଶୀଘ୍ର ସ୍ଥିତି ସ୍ପଷ୍ଟ ହୋଇଯିବ ଏବଂ ବିଜୟୀ ହୋଇ ମହାମେଣ୍ଟ ହିଁ ସରକାର ଗଠନ କରିବ । ତେଣୁ ଆସନ ବଣ୍ଟନକୁ ନେଇ ବିଜେପି ଚିନ୍ତା କରିବାର ଆବଶ୍ୟକତା ନାହିଁ ।

୨୦୨୦ ଅପେକ୍ଷା ଚଳିତ ଥର ମହାମେଣ୍ଟ ପରିବାର ବଡ଼ ହୋଇଯାଇଛି । ଏଥିରେ ସିପିଆଇ (ଏମଏଲ), ସିପିଆଇ, ସିପିଆଇ (ଏମ) ଏବଂ ମୁକେଶ ସାହାନୀଙ୍କ ଭିଆଇପି ସାମିଲ ହୋଇଛି । ଜେଏମଏମ ସହ ମଧ୍ୟ ଚର୍ଚ୍ଚା ଜାରି ରହିଛି । ଏତେ ଦଳ ସାମିଲ ହୋଇଥିବାରୁ କିଏ କେଉଁଠୁ ଆଉ କେତେ ଆସନରେ ଲଢ଼ିବ ତାହାର ନିଷ୍ପତ୍ତି ସହଜରେ ହୋଇପାରୁ ନାହିଁ । ଏହା ସହିତ ଆରଜେଡିର କ୍ଷମତା ବୃଦ୍ଧି କରିବାକୁ କଂଗ୍ରେସ ଚାହୁଁନାହିଁ । ଏହି ଦଳ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଇବାକୁ ଅନିଚ୍ଛା ପ୍ରକାଶ କରିସାରିଛି । ଏହାରି ମଧ୍ୟରେ କଂଗ୍ରେସ ଧୈର୍ଯ୍ୟ ଏବଂ ମନୋବଳ ପ୍ରଦର୍ଶନ କରି ୪୮ ଆସନରେ ପ୍ରାର୍ଥୀ ଦେଇଛି । ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କୁ କୁଟୁମ୍ବା, ସିଏଲବି ନେତା ସକିଲ ଅହମ୍ମଦ ଖାନଙ୍କୁ କଡୱା ଏବଂ ଯୁବ କଂଗ୍ରେସ ମୁଖ୍ୟ ଗରିବ ଦାସଙ୍କୁ ବଛୱାରାରୁ ପ୍ରାର୍ଥୀ କରାଯାଇଛି । ତେବେ ସିପିଆଇର ଅବଧେଶ ରୟ ବଛୱାରାରୁ ବି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହା ମହାମେଣ୍ଟର ଏକତା ପାଇଁ କଣ୍ଟା ସାବ୍ୟସ୍ତ ହୋଇଛି । କିନ୍ତୁ ଆସନ ଚୂଡ଼ାନ୍ତ ହୋଇଗଲା ପରେ ଅନ୍ୟ ଦଳର ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରନ୍ତି । ସୂଚନା ଅନୁଯାୟୀ ଆରଜେଡି କଂଗ୍ରେସକୁ ୬୧ ଆସନ ଦେବା ପାଇଁ ରାଜି ହୋଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲ ଶେଷ ହେବ । ତେଣୁ ଏହା ପୂର୍ବରୁ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରେ ।

## ଗୁଜରାଟରେ ବଦଳିଲା ସମ୍ପୂର୍ଣ୍ଣ କ୍ୟାବିନେଟ

# ଶପଥନେଲେ ୨୬ ମନ୍ତ୍ରୀ; ହର୍ଷ ଉପ-ମୁଖ୍ୟମନ୍ତ୍ରୀ



ଗାନ୍ଧୀନଗର, ୧୭।୧୦ (ଏଜେନ୍ସି): ଗୁଜରାଟରେ ମାତ୍ର ତିନି ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କୁ ଛାଡ଼ି ସମ୍ପୂର୍ଣ୍ଣ ସରକାର ବଦଳି ଯାଇଛି । ଗୁରୁବାର ୧୬ ମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ଶୁକ୍ରବାର ୨୬ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । କ୍ୟାବିନେଟରେ ୧୯ ନୂଆ ଚେହେରା ସାମିଲ ହୋଇଛନ୍ତି । ଗତ ଥରର ୬ମନ୍ତ୍ରୀ ନିଜ ପଦ ବଜାୟ କରିବାରେ ସଫଳ ହୋଇଛନ୍ତି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଅଭିଯୋଗ ଏବଂ ଆଇନଗତ ମାମଲା ବିନା ଉକ୍ତ ମନ୍ତ୍ରୀମାନଙ୍କୁ ପଦରୁ ହଟାଇ ଦିଆଗଲା । କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବାଙ୍କୁ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଛି । ଏହି ମନ୍ତ୍ରିମଣ୍ଡଳରେ ୮ ଓବିସି, ୩ ଏସ୍‌ସି, ୪ ଏସ୍‌ଟି ଏବଂ ୩ ମହିଳା ସାମିଲ ଅଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ ପଟେଲ ସମାଜରୁ ଆସୁଛନ୍ତି । ଜାତିଗତ ସମୀକରଣ ପାଇଁ ଏପରି କରାଯାଇଥିବା କୁହାଯାଉଛି ।

### ଜାଡେଜାଙ୍କ ପତ୍ନୀ ରିଭାବା ସାମିଲ୍



ଗୁଜରାଟର ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବା ପରେ ହର୍ଷ ସାଙ୍ଘଭୀଙ୍କୁ ନେଇ ସବୁଆଡେ ଚର୍ଚ୍ଚା ହୋଇଛି । ହର୍ଷଙ୍କୁ ପଦୋନ୍ନତି ଦେଇ ଉପ-ମୁଖ୍ୟମନ୍ତ୍ରୀ ଭାବେ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ହର୍ଷ ଏହାପୂର୍ବରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରି ଚର୍ଚ୍ଚିତ ହୋଇଥିଲେ । ନିଜ ଅସାଧାରଣ କାର୍ଯ୍ୟ ମାଧ୍ୟମରେ ସେ କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରଭାବିତ କରିବା ସହ ବିଶ୍ୱାସଭାଜନ ହୋଇପାରିଥିଲେ । ବ୍ୟବସାୟରେ ସଫଳତା ହାସଲ କରିଥିବା ହର୍ଷ ଖୁବ୍ କମ୍ ସମୟ ମଧ୍ୟରେ ରାଜ୍ୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ଯଦି ୨୦୨୭ରେ ବିଜେପି ପୁଣି କ୍ଷମତାକୁ ଆସେ ତେବେ ହର୍ଷଙ୍କୁ ନେତୃତ୍ୱ ପ୍ରଦାନ କରାଯାଇପାରେ ବୋଲି ଅନୁମାନ କରାଯାଉଛି । ଜୈନ ସମ୍ପ୍ରଦାୟରେ ଜନ୍ମିତ ହର୍ଷ ମାଜୁରା ସିଟ୍‌ରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ରାଷ୍ଟ୍ରମନ୍ତ୍ରୀ ଭାବେ ସେ ଗୃହ ବିଭାଗ ସମେତ ଉଦ୍ୟୋଗ, ପରିବହନ ଓ କ୍ରୀଡ଼ା ମନ୍ତ୍ରଣାଳୟର ଦାୟିତ୍ୱରେ ରହିଥିଲେ । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ, ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଠିକଣା ଉପରେ କିଛିଦିନ ତଳେ ଜୋରଦାର ବୁଲ୍‌ଡୋଜର ଚଳାଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସର୍ବକନିଷ୍ଠ ଗୃହମନ୍ତ୍ରୀ ଭାବେ ସେ ନିଜର ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରିଥିଲେ ।

# ନିଜ ନାମରେ ବିଶାଳ ଦ୍ୱାର ନିର୍ମାଣ କରିବେ ଟ୍ରମ୍ପ

ୱାଶିଂଟନ, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ୧୫୦ତମ ସ୍ୱାଧୀନତା ଦିବସ ଅବସରରେ ରାଜଧାନୀ ୱାଶିଂଟନ ଡିସିରେ ନିଜ ନାମରେ ଏକ ବିଶାଳ ଦ୍ୱାର ତଥା ଗେଟ୍ ନିର୍ମାଣ କରିବେ । ଏହି ସ୍ମାରକର ନାମ 'ଆର୍କ ଡି ଟ୍ରମ୍ପ' ରଖାଯିବ । ଏହି ଦ୍ୱାରା ଦେଇ ୱାଶିଂଟନକୁ ଲୋକେ ପ୍ରବେଶ କରିବେ । ଖାସ୍ କରି ଭିର୍ଜିନିଆ ରାଜ୍ୟରୁ ୱାଶିଂଟନ ଡିସିକୁ ଏହି ପ୍ରବେଶ ଦ୍ୱାରା ଦେଇ ଲୋକେ ଆସିବେ । ଏହାର ଡିଜାଇନ୍ ପ୍ୟାରିସର 'ଆର୍କ ଡି ଟ୍ରାଇଓମ୍ଫେ' ସହ ମେଳ ଖାଉଛି । ବୁଧବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏହାର ୩ଟି ଭିନ୍ନ ଭିନ୍ନ ଆକାରର ମଡେଲ ଦେଖାଇଥିଲେ । ଟ୍ରମ୍ପ ହିଁ ଏହାର ଯୋଜନା ପ୍ରସ୍ତୁତ କରିଥିଲେ ବୋଲି କୁହାଯାଇଛି । ଏହି ଦ୍ୱାର ହ୍ୱାଇଟ୍ ହାଉସ୍‌ଠାରୁ ମାତ୍ର ୪ କିମି ଦୂରରେ ନିର୍ମାଣ କରାଯିବ । ଟ୍ରମ୍ପଙ୍କ ଯୋଜନା ଅନୁସାରେ ଏହି ଗେଟ୍ ପୋଟୋମେକ ନଦୀର ଆରପାରିରେ ଲିଙ୍କନ ମେମୋରିଆଲର ସାମ୍ନାରେ ନିର୍ମାଣ ହେବ । ଏହି ନଦୀର ସେପଟେ ଭିର୍ଜିନିଆର ରାଜ୍ୟର ସୀମା ଆରମ୍ଭ ହୋଇଛି । ଏହାର ନିର୍ମାଣରେ କେତେ ଅର୍ଥ ଖର୍ଚ୍ଚ ହେବ ସେ ନେଇ କିଛି କୁହାଯାଇନାହିଁ । ସାଧରଣତଃ ନୂଆ ସ୍ମାରକ ନିର୍ମାଣ ପାଇଁ କଂଗ୍ରେସର ଅନୁମତି ଜରୁରି ହୋଇଥାଏ ଓ କେତୋଟି ପର୍ଯ୍ୟାୟରେ ପରେ ହିଁ ଏହାର ଅନୁମତି ପ୍ରାପ୍ତ ହୋଇଥାଏ । ଏହାକୁ ନିର୍ମାଣ କରିବାରେ କିଛି ବର୍ଷ ଲାଗି ପାରେ । ଏଥିପାଇଁ ଆସନ୍ତାବର୍ଷ ଆମେରିକାର ୨୫୦ତମ ସ୍ୱାଧୀନତା ପାଳନ ଅବସରରେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା କଷ୍ଟକର । ହ୍ୱାଇଟ୍ ହାଉସ୍‌ରେ ମଧ୍ୟ କିଛି ପରିବର୍ତ୍ତନ କରିବାକୁ ଟ୍ରମ୍ପ ଯୋଜନା କରୁଛନ୍ତି ବୋଲି କୁହାଯାଇଛି ।

### ଟ୍ରମ୍ପଙ୍କୁ ଡରନ୍ତିନି ମୋଦୀ: ଆମେରିକା ଗାୟିକା



ଜଣାଶୁଣା ଆମେରିକା ଗାୟିକା ମେରୀ ମିଲ୍‌ବେନ୍ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମୋଦୀ ଭୟ କରୁଛନ୍ତି ବୋଲି ରାହୁଲ ମନ୍ତବ୍ୟ ଦେଇଥିଲେ । ରାହୁଲଙ୍କ ଏହି ମନ୍ତବ୍ୟକୁ ସମାଲୋଚନା କରି ମେରୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିଛନ୍ତି । 'ରାହୁଲ ଗାନ୍ଧୀ ଆପଣ ଭୁଲ୍ କହୁଛନ୍ତି, ମୋଦୀ ଟ୍ରମ୍ପଙ୍କୁ ଡରନ୍ତି ନାହିଁ । ସେ ଭାରତର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି । ଟ୍ରମ୍ପ ଯେପରି ଆମେରିକାର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି, ଠିକ୍ ସେହିପରି ଆମେରିକା ସହ ଦୀର୍ଘ ସମୟର ରଣନୀତିକୁ ଦୃଷ୍ଟିରେ ରଖି ମୋଦୀ କାର୍ଯ୍ୟ କରିଥାନ୍ତି । ମୋଦୀଙ୍କ ନେତୃତ୍ୱକୁ ଆପଣ ବୁଝିବାକୁ ସକ୍ଷମ ହେବେ ବୋଲି ଆଶା କରୁଛି । ସବୁଠୁ ଭଲ ହେବ, ଆପଣ ନିଜର 'ଆଇ ହେଟ୍ ଇଣ୍ଡିଆ' ଗସ୍ତକୁ ପ୍ରତ୍ୟାବର୍ତ୍ତନ କରନ୍ତୁ, ଯାହାର ଏକମାତ୍ର ଦର୍ଶକ ହିଁ ଆପଣ' ବୋଲି ସେ ଉଲ୍ଲେଖ କରିଛନ୍ତି ।

## 'ଡିଜିଟାଲ ଆରେଷ୍ଟ' ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଦେଶରେ ଅନ୍‌ଲାଇନ ଠକେଇ ଏବଂ ଡିଜିଟାଲ ଆରେଷ୍ଟ ଭଳି ଘଟଣା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଏହାକୁ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହି ମାମଲାରେ ନିଜେ ହସ୍ତକ୍ଷେପ କରି କେନ୍ଦ୍ର ସରକାର ଏବଂ ସିବିଆଇକୁ ଜବାବ ମାଗିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା କୌଣସି ସାଧାରଣ ଅପରାଧ ନୁହେଁ । କୋର୍ଟଙ୍କ ନାମ, ମୋହର ଏବଂ ନିର୍ଦ୍ଦେଶର ନକଲକୁ ଜାଲିଆତି କରିବା ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ । ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର, ନିର୍ଦ୍ଦେଶ ଦେଖାଇ ନିର୍ଦ୍ଦୋଷ ଲୋକଙ୍କୁ, ବିଶେଷକରି ବୃଦ୍ଧଙ୍କୁ ଫସାଇବା ଗମ୍ଭୀର ଅପରାଧ । ଏହା ଆଇନ ବିରୋଧୀ କାମ । ଏହା ଦ୍ୱାରା କୋର୍ଟ ଉପରେ ଲୋକଙ୍କ ଭରସା ହ୍ରାସ ପାଉଛି । ହରିୟାଣାର ଏକ ଠକେଇ ମାମଲାର ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ସୂଚନା ଅନୁଯାୟୀ ହରିୟାଣା ଅମ୍ବାଲାରେ ଜଣେ ୭୩ ବର୍ଷୀୟ ବୃଦ୍ଧ ଦମ୍ପତିଙ୍କଠାରୁ ଠକ ୧.୦୫ କୋଟି ଟଙ୍କା ଲୁଟି ନେଇଥିଲେ । ସୁପ୍ରିମକୋର୍ଟ ଏବଂ ଯାଞ୍ଚ ଏଜେନ୍ସିଙ୍କ ନକଲି ନିର୍ଦ୍ଦେଶ, ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର ଦେଖାଇ ଉଭୟଙ୍କୁ ଗିରଫ କରିଥିଲେ । ଏହି ମାମଲାକୁ ନେଇ ଗତ ୨୧ ତାରିଖରେ ମହିଳା ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ଚିଠି ଲେଖି ସମ୍ପୂର୍ଣ୍ଣ ପ୍ରସଙ୍ଗ କହିଥିଲେ । ପରେ ସୁପ୍ରିମକୋର୍ଟ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ଦିଲ୍ଲୀ ପୁଲିସର ତଥ୍ୟ ଅନୁଯାୟୀ ୨୦୨୫ରେ ସାଇବର ଅପରାଧୀମାନେ ଲୋକଙ୍କଠାରୁ ପ୍ରାୟ ହଜାରେ କୋଟି ଟଙ୍କା ଠକି ନେଲେଣି । ଚଳିତ ବର୍ଷ ନିବେଶ ଜାଲିଆତି, ଡିଜିଟାଲ ଆରେଷ୍ଟ ଏବଂ ବସ୍ ସ୍କାମ ଠକେଇର ସର୍ବାଧିକ ମାମଲା ସାମ୍ନାକୁ ଆସିଛି ।

ଅନ୍ୟପକ୍ଷରେ ଅନ୍‌ଲାଇନ ଜୁଆ ଏବଂ ବେଟିଂ ପ୍ଲାଟଫର୍ମ ଉପରେ କଟକଣା ଲଗାଇବା ପାଇଁ ଦାଏର ଆବେଦନ ଉପରେ ସୁପ୍ରମକୋର୍ଟ ଶୁଣାଣି କରିଛନ୍ତ । ଏ ନେଇ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ଆବଦେନର ନକଲ ସରକାରୀ ଓକିଲଙ୍କୁ ଦେବା ପାଇଁ ଖଣ୍ଡପୀଠ କହିଥିଲେ । ଏହି ମାମଲାର ଅନୁଧ୍ୟାନ କରି ଶୁଣାଣିରେ ସହାୟତା କରିବାକୁ କୋର୍ଟ ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## କରୁର ଦଳାଚକଟାକୁ ନେଇ ହାଇକୋର୍ଟଙ୍କୁ ଜଣାଇଲେ ଇସି

# ବିଜୟଙ୍କ ଦଳକୁ ମାନ୍ୟତା ମିଳିନି



ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ତମିଲଗା ଭେଟ୍ରି କଝଗମ (ଟିଭିକେ) ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳ ନୁହେଁ । ଏକ ଆଞ୍ଚଳିକ ଦଳର ମାନ୍ୟତା ପାଇବା ପାଇଁ ଜରୁରୀ ସର୍ତ୍ତକୁ ଏହି ଦଳ ପୂରଣ କରୁନାହିଁ । ଆଞ୍ଚଳିକ ମାନ୍ୟତା ପାଇବା ପାଇଁ କୌଣସି ଦଳକୁ ଅତିକମରେ ୬ ପ୍ରତିଶତ ବୈଧ ଭୋଟ ଏବଂ ୨ଟି ବିଧାନସଭା ସିଟ୍ କିମ୍ବା ଲୋକସଭାର ଗୋଟିଏ ଆସିନ ଜିତିବା ଜରୁରୀ । ମାଡ୍ରାସ ହାଇକୋର୍ଟରେ କରୁର ଦଳାଚକଟା ମାମଲାରେ ଶୁଣାଣି ଚାଲିଥିବାବେଳେ ଶୁକ୍ରବାର ଭାରତୀୟ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଟିଭିକେକୁ ରଦ୍ଦ କିମ୍ବା ଅଣ-ମାନ୍ୟତା ପ୍ରାପ୍ତ ଦଳ ଘୋଷଣା ଏବଂ କରୁର ରାଲି ପାଇଁ ବିଜୟଙ୍କ ବିରୋଧୀ ଏତଲାରେ ଅତିରିକ୍ତ ଧାରା ଯୋଡିବା ପାଇଁ ହୋଇଥିବା ଆବେଦନ ଉପରେ ଆଜି ମୁଖ୍ୟ ବିଚାରପତି ମନିନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ ଶୁଣାଣି କରିଥିଲେ । ହାଇକୋର୍ଟ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଯାଇ ଏତଲାରେ ପରିବର୍ତ୍ତନ କରିହେବ । ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଜୟଙ୍କ ରାଲି ଆୟୋଜନ କରାଯାଇଥିଲା । ଅବହେଳା ଏବଂ ନିୟମ ଉଲ୍ଲଙ୍ଘନ ଯୋଗୁଁ ଏହି ଅଘଟଣ ହୋଇଥିଲା । ଏଥିରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଆବେଦନରେ ଟିଭିକେର ରାଜନୈତିକ ରାଲି ଆୟୋଜନ ଉପରେ କଟକଣା ଏବଂ ପୀଡ଼ିତ ପରିବାରଙ୍କୁ କୋଟିଏ ଟଙ୍କା ଲେଖାଏଁ ଦେବା ପାଇଁ ବିଜୟଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା । ବିଜୟ ଏବଂ ଟିଭିକେ ମୁଖ୍ୟଙ୍କୁ ଅଭିଯୁକ୍ତ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରାଯାଇଥିଲା । ପୁଲିସ ଜାଣିଶୁଣି ଅଭିନେତାଙ୍କୁ ସୁରକ୍ଷା ଦେଉଥିବା କୁହାଯାଇଥିଲା । ଏହା ଉପରେ ବିଚାର କରି ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ଏହି ଅଘଟଣକୁ ନେଇ ଆଗତ ଅନ୍ୟ ମାମଲା ସହ ପିଆଇଏଲର ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ ।

## ପେରୁରେ ଜେନ୍- ଜେଡ୍ ପ୍ରଦର୍ଶନ; ଜଣେ ମୃତ

ଲିମା, ୧୭ ।୧୦(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ପେରୁରେ ଦୁର୍ନୀତି ବିରୋଧରେ ଜେନ୍- ଜେଡ୍ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିଛି । ଏଥିରେ ଗୁରୁବାର ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୮୦ ପୁଲିସକର୍ମୀ, ୧୦ ସାମ୍ବାଦିକ ସାମିଲ ଅଛନ୍ତି । ହଜାର ହଜାର ଯୁବକ ଆନ୍ଦୋଳନ କରି ନୂଆ ରାଷ୍ଟ୍ରପତି ଜୋଶ ଜେରୀଙ୍କ ଇସ୍ତଫା ଦାବି କରିଥିଲେ । କିନ୍ତୁ ଜେରୀ ଇସ୍ତଫା ଦେବାକୁ ମନା କରିଦେଇଥିଲେ । ଗତ ଅକ୍ଟୋବର ୧୦ରେ ଜୋରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସଂସଦ ପୂର୍ବତନ ରାଷ୍ଟ୍ରପତି ଡିନା ବୋଲୁଆର୍ତେଙ୍କୁ ପଦରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲା । ଗତ ୫ ବର୍ଷ ମଧ୍ୟରେ ଜେରୀ ଷଷ୍ଠ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୪ • ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୧୭ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୧,୭୦୦ (ନୂଆଦିଲ୍ଲୀ)
- ରୁପା : ୨,୦୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୩,୯୫୨.୦୦
- ନିଫ୍ଟି ୨୫,୭୦୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଆଜି ଧନ୍‌ତେରାସ୍ | ୨୫ ଟନ୍ ସୁନା, ୧୦୦୦ ଟନ୍ ରୁପା ବିକ୍ରି ଆଶା

## ହେବ ୫୦ ହଜାର କୋଟିର କାରବାର

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦେଶବ୍ୟାପୀ ବଜାରରେ ଦୀପାବଳି ପ୍ରବଳ ଉତ୍ସାହର ସହିତ ପାଳନ କରାଯାଉଛି। ଏଥିପାଇଁ ଗ୍ରାହକମାନେ ବଜାରରେ ଭିଡ଼ ଜମାଇଛନ୍ତି। ଶନିବାର ସାରା ଦେଶରେ ପାଳନ ହେଉଛି ଧନ୍‌ତେରାସ୍। ଧନତେରାସ୍‌କୁ ଲୋକେ ଶୁଭ ବିବେଚନା କରି ସୁନା, ରୂପା, ବାସନକୁସନ ଏବଂ ଘରକରଣା ସାମଗ୍ରୀ କିଣିଥାନ୍ତି। ତେଣୁ କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍) ଏବଂ ଏହାର ଅଳଙ୍କାର ଶାଖା, ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ୍ସ ଫେଡେରେସନ (ଏଆଇଜେଜିଏଫ୍) ଚଳିତଥର ଧନତେରସରେ ୫୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ଏବଂ ରୂପା କାରବାର ଆକଳନ କରିଛି। ଏଭଳି ସମୟରେ ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ୧.୩୨ ଲକ୍ଷ ଟଙ୍କା ଟପି ପୁଣିଥରେ ସର୍ବକାଳୀନ ରେକର୍ଡ ସ୍ତର ଅତିକ୍ରମ କରିଛି।

ଦୀପାବଳି ଓ ଧନ୍‌ତେରାସ ପୂର୍ବରୁ ଦେଶବ୍ୟାପୀ ସୁନା ବଜାରକୁ ନେଇ କ୍ୟାଟ୍ ଏବଂ ଏଆଇଜେଜିଏଫ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଚଳିତବର୍ଷ ସୁନା ଏବଂ ରୁପା ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। କ୍ୟାଟ୍‌ର ଜାତୀୟ ସାଧାରଣ ସମ୍ପାଦକ ଏବଂ ଚାନ୍ଦନୀ ଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଏବଂ ଏଆଇଜେଜିଏଫ୍‌ର ଜାତୀୟ ସଭାପତି ପଙ୍କଜ ଆରୋରା କହିଛନ୍ତି ଯେ ସୁନା ଏବଂ ରୂପାର ରେକର୍ଡ ଉଚ୍ଚ ମୂଲ୍ୟ ଯୋଗୁଁ ମଧ୍ୟମ ଏବଂ

### ଚାହିଦାରେ ରହିବ ସୁନା କଏନ୍

ଉଚ୍ଚବର୍ଗର ଗ୍ରାହକମାନେ ନିବେଶ ଲକ୍ଷ୍ୟରେ ସ୍ୱର୍ଣ୍ଣ ମୁଦ୍ରାକୁ ଅଧିକ ପ୍ରାଥମିକତା ଦେଉଛନ୍ତି। ବିବାହ ଋତୁରେ କ୍ରେତାମାନେ ମଧ୍ୟ ଭାରୀ ଅଳଙ୍କାର ଅପେକ୍ଷା ହାଲୁକା ଅଳଙ୍କାରକୁ ଗୁରୁତ୍ୱ ଦେଉଛନ୍ତି।

ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଦୀପାବଳି ସମୟରେ ସୁନା ମୂଲ୍ୟ ପ୍ରାୟ ୧୦ ଗ୍ରାମ ପିଛା ୮୦,୦୦୦ ଟଙ୍କା ରହିଥିଲା, ଯାହା ଚଳିତ ବର୍ଷ ୧,୩୦,୦୦୦ ଟଙ୍କା ଉପରେ ପହଞ୍ଚିଛି, ଯାହା ଏହି ଧାତୁର ମୂଲ୍ୟରେ ୬୦% ବୃଦ୍ଧିକୁ ଦର୍ଶାଉଛି।କରୁଛି। ସେହିପରି, ୨୦୨୪ ରେ ରୂପା ମୂଲ୍ୟ ପ୍ରତି କିଲୋଗ୍ରାମ ୯୮,୦୦୦ ଟଙ୍କା ଥିଲା ଏବଂ ବର୍ତ୍ତମାନ ଏହା କିଲୋ ପିଛା ୨.୦୬ ଲକ୍ଷ ଟଙ୍କା ଅତିକ୍ରମ କରିଛି, ଯାହା ଏହି ଧାତୁ ମୂଲ୍ୟରେ ପ୍ରାୟ ୭୦% ବୃଦ୍ଧିକୁ ଦର୍ଶାଉଛି। ଖଣ୍ଡେଲୱାଲଙ୍କ ମତରେ, ଧନତେରାସରୁ ଦୀପାବଳି ପର୍ଯ୍ୟନ୍ତ ପର୍ବ ଋତୁରେ ସୁନା ଏବଂ ମୁଦ୍ରାର ଚାହିଦା ସବୁଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି। ଆରୋରାଙ୍କ ମତରେ ସାରା ଦେଶରେ ପ୍ରାୟ ୫ ଲକ୍ଷ ଛୋଟ ଏବଂ ବଡ଼ ଅଳଙ୍କାର ବ୍ୟବସାୟୀ କାର୍ଯ୍ୟ କରୁଛନ୍ତି। ଯଦି ପ୍ରତ୍ୟେକ ଅଳଙ୍କାର ବ୍ୟବସାୟୀ ହାରାହାରି ୫୦ ଗ୍ରାମ ସୁନା ବିକ୍ରି କରନ୍ତି, ତେବେ ମୋଟ ପ୍ରାୟ ୨୫ ଟନ୍ ସୁନା ବିକ୍ରି ହେବ, ଯାହା ବର୍ତ୍ତମାନର ମୂଲ୍ୟରେ ୩୨,୫୦୦ କୋଟି ଟଙ୍କାର ହେବ ବୋଲି ଆକଳନ କରାଯାଇଛି। ସେହିପରି, ଯଦି ପ୍ରତ୍ୟେକ ଅଳଙ୍କାର ବ୍ୟବସାୟୀ ହାରାହାରି ୨ କିଲୋଗ୍ରାମ ରୂପା ବିକ୍ରି କରନ୍ତି, ତେବେ ପ୍ରାୟ ୧୦୦୦ ଟନ୍ ରୂପା ବିକ୍ରି ହେବ, ଯାହା ବର୍ତ୍ତମାନର ମୂଲ୍ୟରେ ପ୍ରାୟ ୧୮,୦୦୦ କୋଟି ଟଙ୍କା ମୂଲ୍ୟର ହେବ ବୋଲି ଆକଳନ କରାଯାଇଛି। ତେଣୁ, ଦେଶବ୍ୟାପୀ ସୁନା ବଜାରରେ ମୋଟ ବ୍ୟବସାୟ ୫୦,୦୦୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।



ଖଣ୍ଡେଲୱାଲ ଏବଂ ଆରୋରା ବ୍ୟାଖ୍ୟା କରିଛନ୍ତି ଯେ, ପରିବର୍ତ୍ତିତ ବଜାର ଧାରା ଦେଖି, ଅଳଙ୍କାର ବ୍ୟବସାୟୀମାନେ ଏବେ ପରିବର୍ତ୍ତିତ ଗ୍ରାହକ ଚାହିଦା ସହିତ ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ଫ୍ୟାନ୍ସି ଅଳଙ୍କାର ଏବଂ ରୂପା ମୁଦ୍ରା ଭଳି ନୂତନ ବିକଳ୍ପ ଉପରେ ଧ୍ୟାନ ଦେଉଛନ୍ତି। ଗ୍ରାହକମାନେ ସୁନା ଏବଂ ରୁପା ଅଳଙ୍କାର ଅପେକ୍ଷା କଏନ୍ ବେଶୀ ପସନ୍ଦ କରିପାରନ୍ତି।

## ପୁଣି ସୁନା ଦରରେ ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର,୧୭।୧୦(ସମିସ):** ଦୀପାବଳି ଓ ଧନ୍‌ତେରାସ୍ ପୂର୍ବରୁ ଘରୋଇ ବଜାରରେ ହୁ ହୁ ହୋଇ ବଢୁଛି ସୁନା ଦର। ଫଳରେ ଏହି ହଳଦିଆ ଧାତୁର ମୂଲ୍ୟ ଆଜି ସର୍ବକାଳୀନ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ୧.୩୨ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରି ନୂଆ ରେକର୍ଡ କରିଛି। ଆଜି ଗୋଟିଏ ଦିନରେ ୩ ହଜାର ଟଙ୍କା ଯାଏ ବଢ଼ିଛି ସୁନା ଦର। ଆଜି ଗୋଟିଏ ରେଟ୍ ତ କାଲି ଆଉ ଗୋଟିଏ ରେଟ୍। ସୁନା ଦର ଏମିତି ହୁ ହୁ ହୋଇ ବଢୁଥିବା ଦେଖି ସୁନା ଗହଣା ଶୋ ରୁମ୍ ରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ବଡ କଥା ହେଉଛି ଖାଲି ଧନତେରାସ ନୁହେଁ ଭବିଷ୍ୟତ କୁ ନଜର ରେ ରଖି ଗ୍ରାହକ ମାନେ ଏବେଠୁ ସୁନା କିଣି ମହଜୁଦ ରଖିବାକୁ ଚାହୁଁଛନ୍ତି। ଆଗକୁ ସୁନା ଦର ଦେଢ଼ ଲକ୍ଷ ଟଙ୍କା ଛୁଇଁପାରେ ବୋଲି ଅନୁମାନ କରାଯାଉଛି।

ସେପଟେ ଆଜି ଗୋଟିଏ ଦିନରେ ରାଜଧାନୀ ଭୁବନେଶ୍ୱରରେ ସୁନା ମୂଲ୍ୟ ୩ ହଜାର ଟଙ୍କା ବୃଦ୍ଧି ଘଟିଛି। ମାତ୍ର ସପ୍ତାହକ ଭିତରେ ସୁନା ୧୦ ହଜାର ଟଙ୍କା ମହଙ୍ଗା ହୋଇସାରିଛି। ସୁନା ଦର ଏତେ ମାତ୍ରାରେ ବଢୁଛି ଯେ ଲୋକେ ଅଗ୍ରୀମ ବୁକିଂ କରିବାରେ ଲାଗିଛନ୍ତି। ଯଦି ବୁକ୍ କରିଥିବା ମୂଲ୍ୟଠାରୁ ସୁନା ଦର

### ୧୦ ଗ୍ରାମ ୧.୩୨ ଲକ୍ଷ ଟପିଲା
### ଦିନକରେ ୩ ହଜାର ମହଙ୍ଗା

କମିଗଲା ଗ୍ରାହକ କମିଥିବା ମୂଲ୍ୟରେ ସୁନା କିଣିପାରିବା କେତେକ ଶୋ' ରୁମ୍‌ରେ ବ୍ୟବସ୍ଥା ହୋଇଛି। ତେଣୁ ଗ୍ରାହକ ଏବେ ଅଧିକ ମାତ୍ରାରେ ସୁନା ଅଗ୍ରୀମ ବୁକ୍ କରୁଛନ୍ତି। ବର୍ତ୍ତମାନର ଧନତେରସ ମାହୋଲକୁ ଦେଖିଲେ ସୁନା ଦର ଆହୁରି ବଢିବା ସମ୍ଭାବନା ରହିଛି। ଆଜି ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୩୨,୬୩୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧,୨୧,୭୦୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଆଜି ରୁପା ମୂଲ୍ୟରେ କିଲୋ ପିଛା ୩,୦୦୦ ଟଙ୍କା ହ୍ରାସ ଘଟି ଏହା ୧,୦୩,୦୦୦ ଟଙ୍କାକୁ ଖସିଆସିଛି।

## ଅରୁନ୍ଧତୀ ଜୁଏଲର୍ସର ନୂଆ ଟିଭିସି



**ଭୁବନେଶ୍ୱର,୧୭।୧୦(ସମିସ):** ଅରୁନ୍ଧତୀ ସଫଳତା ସହ ପାଳନ କରୁଛି ୨୫ବର୍ଷ ପୁର୍ତ୍ତି। ଓଡିଶାର କଳା ସଂସ୍କୃତି ଓ ପରମ୍ପରା ହେଉଛି ଏହାର ଏକ ଅମୁଲ୍ୟ ପରିଚୟ , ଏହି ନୂତନ ଟିଭି ବିଜ୍ଞାପନର ଉନ୍ମୋଚନ ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ ସର୍ବଶ୍ରେଷ୍ଠ ଗ୍ରାହକ ସେବା ସହ ନିରନ୍ତର ଭାବରେ ସେହି ଶୁଦ୍ଧତା ଓ ସ୍ୱଚ୍ଛତାଭରା ସାଲିସବିହୀନ ଯାତ୍ରା କେବଳ ସମ୍ଭବ ହୋଇପାରିଛି। ଓଡିଶା ବାସୀଙ୍କ ଆଶୀର୍ବାଦ ଓ ବିଶ୍ୱାସ ଭରସା ଯୋଗୁ। ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାର ସଂସ୍କୃତିର ଗରିମାକୁ ଏକ ସୁନ୍ଦର ଟିଭି ବିଜ୍ଞାପନ ମାଧ୍ୟମରେ ସମ୍ପୂର୍ଣ ଓଡ଼ିଶାର କଳା ସଂସ୍କୃତି, ପର୍ବପର୍ବାଣି ଏବଂ ଐତିହାସିକ ପରମ୍ପରାକୁ ଦର୍ଶାଇବାକୁ ଚେଷ୍ଟା କରାଯାଇଛି। ଆଜି ଭୁବନେଶ୍ୱରରେ ଏହି ଟିଭି ବିଜ୍ଞାପନର ଶୁଭାରମ୍ଭ କରାଯାଇଥିଲା। ଧନତେରାସ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆକର୍ଷଣୀୟ ନୂତନ ଡିଜାଇନ ପ୍ରସ୍ତୁତ କରାଯିବ ସହ ସର୍ବଶ୍ରେଷ୍ଠ ଅଫର ରଖାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି, ସୁନା ଗହଣାର ଗଢ଼ା ମଜୁରି ରେ ଅଫଟୁ ଫ୍ଲାଟ ୫୦% ରିଆତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି, ହୀରା ଗହଣା କ୍ରୟରେ ୨୦,୦୦୦ ଟଙ୍କା ରିଆତି ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ପାଇବା ସହ ମାଗଣା ସ୍ୱର୍ଣ ମୁଦ୍ରା ମଧ୍ୟ ପ୍ରଦାନ କରାଯାଉଛି। ଏହା ସହ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଉପରେ ଅପ୍ ଟୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ମଧ୍ୟ କ୍ୟାଶ ବ୍ୟାକ୍ ପାଇପାରିବେ।

## ରିଲାଏନ୍ସ ଡିଜିଟାଲର ଇଲେକ୍ଟ୍ରୋନିକ୍ସ ମହୋତ୍ସବ

**ମୁମ୍ବାଇ,୧୭।୧୦(ସମିସ):** ଉତ୍ସବ ଋତୁରେ ରିଲାଏନ୍ସ ଡିଜିଟାଲ ତା'ର ଗ୍ରାହକମାନଙ୍କ ଲାଗି ଆଣିଛି ଇଲେକ୍ଟ୍ରୋନିକ୍ସ ମହୋତ୍ସବ। ଏହି ମହୋତ୍ସବରେ ଗ୍ରାହକ ବେଶ ସଞ୍ଚୟ ମଧ୍ୟ କରିବେ। ଏଥିରେ ନୂତନତମ ଗ୍ୟାଜେଟ୍‌ଠାରୁ ଆରମ୍ଭ କରି ଘରୋଇ ଉପକରଣ ପର୍ଯ୍ୟନ୍ତ, ଆକର୍ଷଣୀୟ ଅଫରଗୁଡ଼ିକର ମଜା ନେବେ। ଗ୍ରାହକ ପ୍ରଯୁଜ୍ୟ ଉତ୍ପାଦଗୁଡ଼ିକ ଉପରେ ଜିଏସଟି-ହ୍ରାସ ମୂଲ୍ୟର ସର୍ବାଧିକ ଲାଭ ଉଠାନ୍ତୁ ଏବଂ ପ୍ରମୁଖ ବ୍ୟାଙ୍କ କାର୍ଡ ଉପରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ରିହାତିଓ ଉପଭୋଗ କରିବେ। ଏହି ରିଆତି ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଏବଂ

Reliance digital
PERSONALISING TECHNOLOGY

ଜିଓମାର୍ଟ ଡିଜିଟାଲ ଷ୍ଟୋରଗୁଡ଼ିକରେ ଏବଂ www.reliancedigital.inରେ ଅନଲାଇନରେ ଉପଲବ୍ଧ। ଏହି ଉତ୍ସବ ଅଫରଗୁଡ଼ିକ କେବଳ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଗ୍ରାହକମାନେ ପେପର ଫାଇନାନ୍ସ ମାଧ୍ୟମରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍‌ର ମଧ୍ୟ ଲାଭ ଉଠାଇପାରିବେ, ଯାହା ଦ୍ୱାରା ଏହି ଦୀପାବଳିରେ ନୂତନତମ ପ୍ରଯୁକ୍ତିବିଦ୍ୟା ଘରକୁ ଆଣିବାର ପୂର୍ବ ପ୍ରତୀକ୍ଷାକୁ ଅଧିକ ସହଜ ହୋଇଯିବ। ଏଥିରେ ବଡ଼ ସ୍କ୍ରିନ୍‌ରେ ବଡ଼ ଡିଲ୍:୧,୧୯,୯୯୦ ଟଙ୍କାରେ ଟିସିଏଲ ୮୫-ଇଞ୍ଚ କ୍ୟୁଏଲଇଡି କିଣିଲେ ୨ ବର୍ଷ ୱାରେଣ୍ଟି ଅଛି। ଆଇଫୋନ୧୬ ସହିତ ଆପେଲ ଇଣ୍ଟେଲିଜେନ୍ସକୁ ଅପଗ୍ରେଡ କରନ୍ତୁ, ଯାହାର ପ୍ରାରମ୍ଭିକ ମୂଲ୍ୟ କେବଳ ୪୪,୯୯୦ ଟଙ୍କା। ସେହିପରି ୬୨,୯୯୦ ଟଙ୍କାରୁ ଆରମ୍ଭ ପ୍ରିମିୟମ୍ ଫ୍ରେଞ୍ଚ ଡୋର୍ ରେଫ୍ରିଜରେଟର୍ ଏବଂ ୪୪,୯୯୦ ଟଙ୍କାରୁ ଆରମ୍ଭ ହେଉଛି ସାଇଡ୍ ବାଇ ସାଇଡ୍ ରେଫ୍ରିଜରେଟର୍। ପ୍ରତ୍ୟେକ କ୍ରୟ ଉପରେ ୯,୦୦୦ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ମାଗଣା।

## ଇଣ୍ଡିଆନ୍ ବ୍ୟାଙ୍କର ୧୦୦ ଦିନରେ ୧୦୦ ଦେୟ ଅଭିଯାନ

**ଭୁବନେଶ୍ୱର,୧୭।୧୦(ସମିସ) :** ଇଣ୍ଡିଆନ୍ ବ୍ୟାଙ୍କ ଦେଶବ୍ୟାପୀ ପ୍ରତ୍ୟେକ ଜିଲ୍ଲାର ଦାବିହୀନ ଜମାକାରୀଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କର ଜମା ପୁନରୁଦ୍ଧାର କରିବା ପାଇଁ ଏକ ଉତ୍ସର୍ଗୀକୃତ ଅଭିଯାନ ଆରମ୍ଭ କରିଛି। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍ ଅରୁଣାଙ୍କ ଦ୍ୱାରା କଟକ କ୍ଷେତ୍ରର ଶାଖା ପ୍ରବନ୍ଧକମାନଙ୍କର ସମୀକ୍ଷା ବୈଠକରେ ଉଦବୋଧନ ଦେଇଥିଲେ। ବ୍ୟାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ୧୦୦ ଦିନିଆ ଓ ୧୦୦ ପୃଷ୍ଠା ଅଭିଯାନ ଅକ୍ଟୋବର ପହିଲାରୁ ଡିସେମ୍ବର ୩୧ ଯାଏ ଚାଲୁ ରହିବ। କ୍ଷେତ୍ର ମହାପ୍ରବନ୍ଧକ



ଶାଖା ପ୍ରବନ୍ଧକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ନିଜ ନିଜ ଶାଖାର ଉପଭୋକ୍ତାମାନଙ୍କୁ ଯାହାଙ୍କର ଜମା ଖାତା୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲୁ ନ ରହିବା ଫଳରେ ଆରବିଆଇ ଡିଫ୍‌କୁ ସ୍ଥାନାନ୍ତର ହୋଇଯାଇଛି ସେମାନଙ୍କ ସହ ସମ୍ପର୍କ କରି ସେମାନଙ୍କର ଜମା ରାଶି ଉପଲବ୍ଧ କରାଇବାରେ ସାହାଯ୍ୟ କରନ୍ତୁ। ଏହି କ୍ୟାମ୍ପେନ ଚାଲୁ ରହିବା ଭିତରେ ନିଜ ନିଜ କ୍ଷେତ୍ରରେ ପ୍ରସାର ଓ ପ୍ରଚାର ଅଧିକ ମାତ୍ରାରେ କରନ୍ତୁ, ଯାହା ଫଳରେ ଅଧିକରୁ ଅଧିକ ଜମାକାରୀ ତାଙ୍କର ଦୀର୍ଘ ଦିନ ଧରି ଅବ୍ୟବହୃତ ଜମାରାଶି ପାଇପାରିବେ।

## ତନିସ୍କର ନୂଆ ଅଳଙ୍କାର କଲେକ୍ସନ୍ 'ମୃଗଙ୍କ'




**ଭୁବନେଶ୍ୱର,୧୭।୧୦(ସମିସ):** ପାର୍ବଣ ଋତୁ ପାଇଁ ଅଳଙ୍କାର ରିଟେଲ୍ ବ୍ରାଣ୍ଡ ଟାଟାର ତନିସ୍କ ପକ୍ଷରୁ ଏହାର ଉତ୍ସବ ଅଳଙ୍କାର ସଂଗ୍ରହ 'ମୃଗଙ୍କ' ଉପସ୍ଥାପନ କରାଯାଇଛି, ଯାହା ପୌରାଣିକ ଜଗତ ଏବଂ କଳ୍ପନାତ୍ମକ କାରିଗରି ଦୁନିଆରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଛି। ଭାରତର ପୁରାତନ କାହାଣୀ ଓ ପ୍ରତୀକରୁ ପ୍ରେରିତ ମୃଗଙ୍କର ପ୍ରତ୍ୟେକ ଅଳଙ୍କାର ପର୍ବପର୍ବାଣୀ ଭାବନା ପ୍ରତି ଏକ କାବ୍ୟ ଶ୍ରଦ୍ଧାଞ୍ଜଳି। ପୂର୍ବତନ ମିସ୍ ୱାର୍ଲ୍ଡ ତଥା ଅଭିନେତ୍ରୀ ମନୁଷୀ ଛିଲ୍ଲାର, ଯିଏ ମୃଗଙ୍କ ଭାବନାକୁ ସାହସୀ, କଳ୍ପନାତ୍ମକ ଏବଂ ଆକର୍ଷଣୀୟ ଅଲୌକିକତାରେ ପରିପୂର୍ଣ୍ଣ ଭାବେ ଉପସ୍ଥାପିତ କରିଛନ୍ତି। ଏହାର ଉଦ୍ଦେଶ୍ୟ ଏକ ଦୃଶ୍ୟମାନ ଜଗତ ସୃଷ୍ଟି କରିବା ଯାହା ଫ୍ୟାଶନ୍ ପ୍ରବୃତିକୁ ଅତିକ୍ରମ କରିବ ଯେଉଁଠାରେ ପ୍ରତ୍ୟେକ ଉପାଦାନ ଏକ ରହସ୍ୟମୟ କିମ୍ବା ଚମକଦାର ଆଶ୍ଚର୍ଯ୍ୟ ଓ ଉପସ୍ଥିତିର ଭାବନା ସୃଷ୍ଟି କରିବ। ପୌରାଣିକ ଜୀବ ଏବଂ କଳ୍ପନାତ୍ମକ ଫୁଲରୁ ପ୍ରେରିତ ମୃଗଙ୍କରେ ଥିବା ଗହଣାଗୁଡ଼ିକ କଳ୍ପନା ପରି ଭବ୍ୟ ଏବଂ ସ୍ୱପ୍ନ ପରି ଶାନ୍ତ ହେବା ପାଇଁ ନିର୍ମାଣ କରାଯାଇଛି। ଉନ୍ନତ କାରୁକାର୍ଯ୍ୟ ଯେପରି ଷ୍ଟୋନ୍-ଅନ୍-ଷ୍ଟୋନ୍ ଜଡାଉ, ବ୍ୟାଡରୁମ, ଚନ୍ଦକ, ରାସ୍ ରବା ଏବଂ ଜଟିଳ ଜାଲି ସ୍ତର ବ୍ୟବହାର କରି ନିର୍ମିତ ଏହି ସଂଗ୍ରହରେ ରଙ୍ଗୀନ କୁନ୍ଦନ, ଏନାମେଲ୍ ବିବରଣୀ ଏବଂ ୩ଡି ନକ୍ସାର ଏକ ବିସ୍ମୟକର ମିଶ୍ରଣ ରହିଛି।

## ୱେବ୍‌ସାଇଟ୍ ଡାଉନ୍; ହୋଇପାରୁନି ରେଳ ଟିକଟ ବୁକିଂ

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦୀପାବଳି ଓ ଧନ୍‌ତେରାସ୍ ପାଇଁ ଟ୍ରେନ୍‌ରେ ଏବେ ନାହିଁ ନ ଥିବା ଭିଡ଼। ବାହାରେ ଥିବା ଲୋକେ ସମସ୍ତେ ନିଜ ନିଜ ଘରକୁ ଫେରିବାକୁ ବ୍ୟାକୁଳ। ଟ୍ରେନ୍ ଟିକଟ ବୁକିଂ ପାଇଁ ଉର୍ଦ୍ଧିଷ୍ଟ ୱେବ୍‌ସାଇଟ୍ ଡାଉନ୍ ରହିଥିବାରୁ ଲୋକେ ରେଳ ଟିକଟ ବୁକିଂ କରିପାରୁନାହାଁନ୍ତି। ଆଜି ଆଇଆର୍‌ସିଟିସିର ୱେବସାଇଟ୍ ଏବଂ ମୋବାଇଲ୍ ଆପ୍ ଡାଉନ୍ ହୋଇଯାଇଥିଲା। ଏହାଫଳରେ ଲୋକମାନେ ସକାଳ ୯ଟାରୁ ଟ୍ରେନ୍ ଟିକେଟ୍ ବୁକିଂ କରିପାରୁନାହାଁନ୍ତି। ଲୋକଙ୍କୁ ଅନ୍ୟାନ୍ୟ ଆଇଆର୍‌ସିଟିସି ସେବା ବ୍ୟବହାର କରିବାରେ ମଧ୍ୟ ସମସ୍ୟା ହେଉଛି। ଆଉଟେଜ୍ ଟ୍ରାକିଂ ପ୍ଲାଟଫର୍ମ ଡାଉନ୍ ଡିଟେକ୍ଟର ଅନୁଯାୟୀ, ଯାତ୍ରୀ ଶୁକ୍ରବାର ସକାଳ ଟାଠାରୁ ସାଇଟ୍ ଏବଂ ଆପ୍ ଡାଉନ୍ ହେବା ବିଷୟରେ ରିପୋର୍ଟ କରିବା ଆରମ୍ଭ କରିଥିଲେ। ସକାଳ ୧୧ ଟା ସୁଦ୍ଧା ଏ ନେଇ ପ୍ରାୟ ୬,୦୦୦ ରିପୋର୍ଟ ପ୍ରାପ୍ତ ହୋଇଥିଲା। ଡାଉନ୍ ଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ୪୯% ଅଭିଯୋଗ ୱେବସାଇଟ୍‌ରେ, ୩୭% ଆପ୍‌ରେ ଏବଂ ୧୪% ଅଭିଯୋଗ ଷ୍ଟେସନ୍‌ରେ ଟିକଟ୍ କିଣୁଥିବା ନେଇ ଆସିଥିବା ଜଣାପଡିଛି।

## ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ

**ଭୁବନେଶ୍ୱର, ୧୭।୧୦(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଜଳବିଭାଜିକା ଏବଂ ଜୀବିକା ପଦକ୍ଷେପ - ପ୍ରକଳ୍ପ ସଙ୍ଗମ - ଅଧୀନରେ ଏକ ମାଛ ଚାଷ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପଦକ୍ଷେପ ବୈଜ୍ଞାନିକ ମାଛ ଚାଷ ମାଧ୍ୟମରେ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ବିକଳ୍ପ ଆୟ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡିର ମତ୍ସ୍ୟ ଏବଂ ପଶୁପାଳନ ବିଭାଗ ସହିତ ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା, ଏହି ପଦକ୍ଷେପ ୧୩ଟି ଗ୍ରାମର ପାଞ୍ଚ ଏକର ଜମିରେ କମ୍ପାନୀ ଦ୍ୱାରା ନିର୍ମିତ ୩୨ଟି ଜଳ ସଂରଚନାକୁ ବିସ୍ତାର କରିଛି, ଯାହା ୪୪ ଜଣ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସିଧାସଳଖ ଲାଭ ପହଞ୍ଚାଇଛି । ଏହା ସେମାନଙ୍କୁ ମାଛ ଚାଷକୁ ଏକ ସ୍ଥାୟୀ ଜୀବିକା କାର୍ଯ୍ୟକଳାପ ଭାବରେ ଗ୍ରହଣ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ବୈଷୟିକ ସହାୟତା ପ୍ରଦାନ କରୁଛି। ଏହି ପଦକ୍ଷେପ ବାର୍ଷିକ ୨୦



ଟନ୍ ମାଛ ଅମଳ କରିବ ବୋଲି ଆଶା କରାଯାଉଛି, ଯାହା ସ୍ଥାନୀୟ ଆବଶ୍ୟକତା ଏବଂ ବଜାର ଯୋଗାଣ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ବେଦାନ୍ତ ଲାଞ୍ଜିଗଡ଼ରେ, ଆମେ ପରିବେଶଗତ ଏବଂ ସାମାଜିକ ଲକ୍ଷ୍ୟ ସହିତ ସମନ୍ୱିତ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସାମଗ୍ରିକ ସମ୍ପ୍ରଦାୟ ବିକାଶକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ।

## ଦୀପାବଳି ପୂର୍ବରୁ ବୈଦେଶିକ ମୁଦ୍ରା ଭଣ୍ଡାର ଧରାଶାୟୀ

# ୪ ସପ୍ତାହରେ ୫ ବିଲିୟନ୍ ଡଲାର ହ୍ରାସ

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦୀପାବଳି ପୂର୍ବରୁ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସମ୍ପର୍କରେ ଲଗାତାର ଚତୁର୍ଥ ସପ୍ତାହ ନକାରାତ୍ମକ ତଥ୍ୟ ମିଳିଛି। ଧରାଶାୟୀ ହେବାରେ ଲାଗିଛି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର। କ୍ରମାଗତ ଭାବେ ଚତୁର୍ଥ ସପ୍ତାହ ଧରି ମୁଦ୍ରା ଭଣ୍ଡାରରେ ହ୍ରାସ ଧାରା ଜାରି ରହିଛି। ଏହାଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ୬୯୭.୭୮ ବିଲିୟନ ଡଲାରକୁ ଖସିଆସିଛି। ତଥ୍ୟ ଦର୍ଶାଉଛି ଏହି ଚାରି ସପ୍ତାହ ମଧ୍ୟରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୫ ବିଲିୟନ ଡଲାରରୁ ଅଧିକ ହ୍ରାସ ପାଇଛି।

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ନିରନ୍ତରଭାବେ ହ୍ରାସ ପାଉଛି। ଗତ ମାସ କିମ୍ବା ଚାରି ସପ୍ତାହ ମଧ୍ୟରେ ୫ ବିଲିୟନ ଡଲାରରୁ ଅଧିକ କିମ୍ବା ପ୍ରାୟ ୪୬,୦୦୦ କୋଟି ଟଙ୍କା ସଫା ହୋଇସାରିଛି। ତଥାପି, ଗତ ସପ୍ତାହରେ ଏହି ହ୍ରାସ କେବଳ ସାମାନ୍ୟ ଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସରକାର ଟଙ୍କାକୁ ସମର୍ଥନ କରିବା ପାଇଁ ବୈଦେଶିକ ମୁଦ୍ରା ବ୍ୟବହାର କରୁଛନ୍ତି, ଯାହା ଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇଛି। ତଥାପି, ଆଗାମୀ ଦିନରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଆଶା କରାଯାଉଛି। ଏହି ସମୟରେ,




**ଗୋଟିଏ ମାସରେ ୪୬,୦୦୦ କୋଟି ସଫା**

ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଦେଖାଯାଇଛି।

ଅକ୍ଟୋବର ୧୦ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୨.୧୮ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୬୯୭.୭୮ ବିଲିୟନ ଡଲାରକୁ ବୃଦ୍ଧି କରିଛି। ପୂର୍ବରୁ, ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୦.୨୮ ବିଲିୟନ ଡଲାର ହ୍ରାସ ପାଇଥିଲା। ତଥାପି, ଗତ ଚାରି ସପ୍ତାହ ଧରି ବୈଦେଶିକ ମୁଦ୍ରା ସଂରକ୍ଷଣ ହ୍ରାସ ପାଇଛି। ଶେଷ ଥର ପାଇଁ ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ ସେପ୍ଟେମ୍ବର ୧୨ରେ ଶେଷ ହୋଇଥିବା ସପ୍ତାହରେ ହୋଇଥିଲା, ଯେତେବେଳେ ବୈଦେଶିକ ମୁଦ୍ରା ସଂରକ୍ଷଣ ୭୦୨.୯୭ ବିଲିୟନ ଡଲାରରେ ପହଞ୍ଚିଥିଲା। ସେବେଠାରୁ, ବୈଦେଶିକ ମୁଦ୍ରା ସଂରକ୍ଷଣ ୫.୧୯ ବିଲିୟନ ଡଲାର କିମ୍ବା ପ୍ରାୟ ୪୬,୦୦୦ କୋଟି ଟଙ୍କା ହ୍ରାସ ପାଇଛି।

ଏହି ସମୟରେ, ବୈଦେଶିକ ମୁଦ୍ରା ସମ୍ପତ୍ତିରେ ମଧ୍ୟ ହ୍ରାସ ଦେଖାଦେଇଛି। ତଥ୍ୟ ଅନୁଯାୟୀ, ଅକ୍ଟୋବର ୧୦ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ସମ୍ପତ୍ତି ୫.୬୦୫ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ମୋଟ ୫୭୨.୧୦୩ ବିଲିୟନ ଡଲାରକୁ ବୃଦ୍ଧି କରିଛି। ଡଲାରରେ ପ୍ରକାଶିତ ବିଦେଶୀ ମୁଦ୍ରା ସମ୍ପତ୍ତି, ବୈଦେଶିକ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ ପରି ଅଣ-ଆମେରିକୀୟ ୟୁନିଟ୍‌ଗୁଡ଼ିକର ମୂଲ୍ୟରେ ବୃଦ୍ଧି କିମ୍ବା ହ୍ରାସକୁ ପ୍ରତିଫଳିତ କରେ।

ତଥାପି, ଗତ କିଛି ସପ୍ତାହ ଧରି ବୈଦେଶିକ ମୁଦ୍ରା ସମ୍ପତ୍ତିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଯାଇଛି। ଏହି ସମୟରେ, ଦେଶର ସୁନା ଭଣ୍ଡାର ନିରନ୍ତର ବୃଦ୍ଧି ପାଇଛି। ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟରେ ଦେଶର ସୁନା ଭଣ୍ଡାର ୩.୫୯୫ ବିଲିୟନ ଡଲାର ବୃଦ୍ଧି ପାଇଛି, ଯାହା ମୋଟ ସୁନା ଭଣ୍ଡାର ୧୦୨.୩୬୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

■ ସୁଲତାନ ଅଫ୍ ଜୋହର କପ୍

# ରେକର୍ଡ ୮ମ ଥର ଫାଇନାଲ ଖେଳିବ ଭାରତ



**ଜୋହର ବହରୁ, ୧୭ ।୧୦ (ଏଜେନ୍ସି):** ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚରେ ୨-୧ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ଭାରତର ଗୁର୍‌ଜୋତ୍ ସିଂହ ଓ ସୌରଭ ଆନନ୍ଦ କୁଶୱାହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏଥିସହ ଭାରତ ୫ ମ୍ୟାଚ ଖେଳି ୩ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ସ୍ଥାନ ପକ୍କା କରିଛି। ପୂର୍ବରୁ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିସାରିଥିଲା। ଫଳରେ ଶନିବାର ସନ୍ଧ୍ୟା ୬ଟାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ସୁଲତାନ ଅଫ୍ ଜୋହର କପରେ ଭାରତ ୧୨ଥର ଅଂଶଗ୍ରହଣ କରି ରେକର୍ଡ ୮ମଥର ଲାଗି ଫାଇନାଲ ଖେଳିବ। ଭାରତ ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବାବେଳେ ୪ଥର ରନର୍ସଅପ୍ ହୋଇଥିଲା।

## ଚାମୁଣ୍ଡେଶ୍ୱରନାଥ ଆଇସିଏ ଖେଳାଳି ପ୍ରତିନିଧି



**ମୁମ୍ବଇ, ୧୭ ।୧୦ (ଏଜେନ୍ସି):** ବିସିସିଆଇର ଆଗାମୀ ଆପେକ୍ସ କାଉନସିଲ୍ ବୈଠକରେ ଭି. ଚାମୁଣ୍ଡେଶ୍ୱରନାଥ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏସନ (ଆଇସିଏ)ର ଖେଳାଳି ପ୍ରତିନିଧି ଭାବେ ଭାଗନେବେ। ସେ ଦିଲୀପ ଭେଙ୍ଗସରକାରଙ୍କ ସ୍ଥାନରେ ଆପେକ୍ସ କାଉନସିଲ୍ ବୈଠକରେ ଯୋଗଦେବେ। ଭେଙ୍ଗସରକାର ଆଇସିଏର ଖେଳାଳି ପ୍ରତିନିଧି ଭାବେ ୩ ବର୍ଷ ପୂରଣ କରିସାରିଛନ୍ତି। ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଆଇସିଏର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭାରତୀୟ ଦଳର ପୂର୍ବତନ ଅଧିନାୟିକା ସାନ୍ତା ରଙ୍ଗାସ୍ୱାମୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିଭଳି ଆପେକ୍ସ କାଉନସିଲ ସଦସ୍ୟ ଲାଗି ହୋଇଥିବା ନିର୍ବାଚନରେ ଚାମୁଣ୍ଡେଶ୍ୱରନାଥ ୭୫୫-୮୩ ଭୋଟରେ ଭି. ଜାଡେଜାଙ୍କୁ ହରାଇଥିଲେ। ଚାମୁଣ୍ଡେଶ୍ୱରନାଥ ଆନ୍ଧ୍ରପ୍ରଦେଶ ରଣଜୀ ଟ୍ରଫି ଦଳର ପୂର୍ବତନ ଅଧିନାୟକ। ଏଥିପୂର୍ବରୁ ସେ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ସଦସ୍ୟ ରହିଥିଲେ।

## ଟି-୨୦ ବିଶ୍ୱକପ : ୨୦ତମ ଟିମ୍‌କୁ ଯୋଗ୍ୟତା

**ଦୁବାଇ,୧୭।୧୦(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ। ମସ୍କାଟରେ ଚାଲିଥିବା ଏସିଆ/ଇଷ୍ଟ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟରରେ ୟୁଏଇ, ଓମାନ ଓ ନେପାଳ ପ୍ରଥମ ୩ଟି ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିବା ପରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସମସ୍ତ ୨୦ଟି ଦେଶ ନାମ ଚୂଡ଼ାନ୍ତ ହୋଇଛି। ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କା ଆୟୋଜକ ଦେଶ ଭାବେ ପ୍ରଥମେ ଯୋଗ୍ୟତା ଅର୍ଜନ କରିଥିଲେ। ଅଷ୍ଟ୍ରେଲିଆ, ବାଂଲାଦେଶ, ଆଫଗାନିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ୨୦୨୪ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ପ୍ରଥମ ୭ଟି ସ୍ଥାନ ଅଧିକାର କରି ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ଏମାନଙ୍କ ପରେ ପାକିସ୍ତାନ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଇସିସି ର୍‍ୟାଙ୍କିଂରେ ଆଗରେ ଥିବାରୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ସଫଳତା ପାଇ କାନାଡା, ଇଟାଲୀ, ନେଦରଲାଣ୍ଡସ, ନାମିବ୍ୟା, ନେପାଳ, ଓମାନ ଓ ୟୁଏଇ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସନ୍ତାବର୍ଷ ଫେବୃଆରୀ- ମାର୍ଚ୍ଚରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ଓ ଆୟୋଜକ ଦଳ ଭାବେ ଖେଳିବ।



ଭୁବନେଶ୍ୱରରେ ଶୁକ୍ରବାର ତିଲୋ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଗେମ୍‌ଚେଞ୍ଜର'ରେ ଅତିଥିମାନେ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଦିନିକିଆ ସିରିଜ୍ ଟ୍ରଫି ଉନ୍ମୋଚିତ

# ପର୍ଥରେ ଭାରତୀୟ ଦଳର ଜୋର୍‌ଦାର୍ ଅଭ୍ୟାସ

ପର୍ଥ,୧୭।୧୦(ଏଜେନ୍ସି)

ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ଜୋରଦାର ଅଭ୍ୟାସ ଆରମ୍ଭ ହୋଇଯାଇଛି। ପର୍ଥରେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏକତ୍ର ହେବା ପରେ ଆଜି ପଡ଼ିଆରେ ଅଭ୍ୟାସ କରିଛନ୍ତି। ଆଜି ମଧ୍ୟ ସିରିଜ୍ ଲାଗି ଆନୁଷ୍ଠାନିକ ଆରମ୍ଭ ହୋଇଛି। ଉଭୟ ଦଳର ଖେଳାଳି ଏକତ୍ର ହୋଇ ସିରିଜ୍ ଶୁଭାରମ୍ଭ କରିଛନ୍ତି। ଖେଳ ପୂର୍ବରୁ ଏହା ଖେଳାଳିଙ୍କ ମଧ୍ୟରେ ବନ୍ଧୁତ୍ୱଭାବ ସୃଷ୍ଟି କରିଥାଏ। ଖେଳ ପଡ଼ିଆରେ ପ୍ରତିଦ୍ୱନ୍ଦ୍ୱିତା ଭିନ୍ନ ଏକ ସ୍ଥିତି ସୃଷ୍ଟି କରିଥାଏ। ଏସବୁକୁ ମୁକାବିଲା କରିବାକୁ ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦୀର୍ଘ ୭ମାସ ପରେ ଭାରତ ପକ୍ଷରୁ ଏବଂ ୫ ମାସ ପରେ ପ୍ରଥମଥର ପଡ଼ିଆକୁ ଓହ୍ଲାଇଛନ୍ତି। ଅପଟସ ଷ୍ଟାଡିୟମ୍‌ରେ ଏମାନଙ୍କୁ ଦେଖିବା ଲାଗି ଢ଼େର ସମର୍ଥକ ଉପସ୍ଥିତ ଥିଲେ। ନେଟ୍ସରେ ବିରାଟ କୋହଲି ଭଲ ଭାବେ ଖେଳୁଥିଲେ ମଧ୍ୟ ରୋହିତ ଶର୍ମା ଲୟକୁ ଆସି ପାରି ନ ଥିଲେ।

ଅନ୍ୟ ପକ୍ଷରେ ଉଭୟ ବରିଷ୍ଠ ଓ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଅନେକ କିଛି ଶିଖିବାକୁ ସୁଯୋଗ ପାଇବେ। ଉଭୟ ଖେଳାଳି ଉପଦେଶ ଦେବାରେ ଆଦୌ କଞ୍ଜୁସ ହେବେ ନାହିଁ ବୋଲି ସମସ୍ତେ ଜାଣନ୍ତି। ଏଣୁ ଗିଲ୍‌ଙ୍କୁ ଏହି ସିରିଜ୍‌ରେ ବେଶ ଫାଇଦା ମିଳିବ। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ରଣନୀତି ପ୍ରସ୍ତୁତ କରିବା ପୂର୍ବରୁ ମଧ୍ୟ ଏହି ଦୁଇ ଖେଳାଳି ସେମାନଙ୍କ ଅଭିଜ୍ଞତାରୁ ନିଶ୍ଚିତ କିଛି ଖେଳାଳି ତଥା ଅଧିନାୟକ ଗିଲ୍‌ଙ୍କୁ ଉପଦେଶ ଦେବେ। ରୋହିତ ଶର୍ମାଙ୍କ ଅବସର ପରେ ଶୁବମନ ଗିଲଙ୍କ ନେତୃତ୍ୱ ପ୍ରଦାନ କରାଯାଇଛି। ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଦୁଇଟି ଟେଷ୍ଟ ସିରିଜ୍ ଖେଳିସାରିଛି। ଏଠାରେ ରବିବାର ଅଷ୍ଟ୍ରେଲିଆ ସହ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଗିଲ ଦିନିକିଆ ନେତୃତ୍ୱରେ ଡେବ୍ୟୁ କରିବେ। ଇଂଲଣ୍ଡରେ ପ୍ରଥମଥର ଅଧିନାୟକ ହୋଇଥିବା ଗିଲ ୭୫୪ ରନ୍ କରି ସମସ୍ତଙ୍କୁ ପଛରେ ପକାଇଦେଇଥିଲେ। ଏବେ ପର୍ଥରେ ସେ ତାଙ୍କର ତଥା ଭାରତୀୟ କ୍ରିକେଟ ଲାଗି ଏକ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି।

ଆଜିର ଅଭ୍ୟାସରେ ଉଭୟ ଦଳର ଖେଳାଳି ନେଟ୍ସରେ ଉପସ୍ଥିତ ଥିଲେ। କିନ୍ତୁ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରରେ ଥିଲେ ବିରାଟ କୋହଲି। ଏଥିରୁ କୋହଲିଙ୍କ କ୍ରେଜ୍ ଏଯାଏ କମିନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ପର୍ଥ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଣୁ ଫାଷ୍ଟ ବୋଲରମାନେ ଏଠାରେ ଅଧିକ ବୋଲିଂ କରିଥିଲେ। ରୋହିତ ଓ ବିରାଟ ମଧ୍ୟ ସମାନ ସମୟ ଅଭ୍ୟାସରେ କଟାଇଥିଲେ। ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ରିଦମକୁ ଆସିବା ଲାଗି ଉଦ୍ୟମ କରିଥିଲେ। ସ୍ପିନରମାନେ ବୋଲିଂ କରିଥିଲେ ମଧ୍ୟ ସେମାନଙ୍କୁ ବେଶି ସୁଯୋଗ ମିଳି ନ ଥିଲା। ଆସନ୍ତାକାଲି ପିଚ୍ ଦେଖିବା ପରେ ଟିମ୍ ମ୍ୟାନେଜମେଣ୍ଟ କିଛି ସୂଚନା ପାଇବେ। ଏଥିରୁ ଚୂଡ଼ାନ୍ତ ଖେଳାଳି ଚୟନ କରାଯିବ।



### ଗ୍ରୀନ୍ ଆଉଟ, ଲାବୁସେନ ଇନ୍

ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର କାମେରନ ଗ୍ରୀନ୍ ଆହତ ହେବା ଯୋଗୁ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏହା ଫଳରେ ସିରିଜ୍ ଆରମ୍ଭରୁ ଘରୋଇ ଦଳକୁ ଶକ୍ତ ଧକ୍କା ଲାଗିଛି। ଗତବର୍ଷ ଅସ୍ତ୍ରୋପଚାର ପରେ ଗ୍ରୀନ୍ ବୋଲିଂ କରିନାହାନ୍ତି। ଏବେ ସେ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ଖେଳାଳି ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି। ଫର୍ମରେ ନ ଥିବା ଲାବୁସେନ ଘରୋଇ କ୍ରିକେଟରେ ୫ଟି ମ୍ୟାଚ୍‌ରୁ ୪ଟି ଶତକ ହାସଲ କରିବା ପରେ ଦଳକୁ ଫେରିଛନ୍ତି। ଗ୍ରୀନ୍‌ଙ୍କ ପୂର୍ବରୁ ୱିକେଟକିପର ବ୍ୟାଟର ଜୋଶ୍ ଇଂଲିଶ ମଧ୍ୟ ଆଘାତ ଜନିତ କାରଣ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ପତ୍ନୀ ଗର୍ଭବତୀ ଥିବାରୁ ଲେଗ୍ ସ୍ପିନର ଆଦାମ ଜାମ୍ପା ତାଙ୍କ ଘରେ ଅଛନ୍ତି। ସେ ପ୍ରଥମ ଦିନିକିଆ ଖେଳିବେ ନାହିଁ। ସେହିପରି ଶେଫିଲ୍ଡ ସିଲ୍ଡ ମ୍ୟାଚ ଖେଳୁଥିବାରୁ ଅନ୍ୟତମ ୱିକେଟରକ୍ଷକ ଆଲେକ୍ସ କ୍ୟାରୀ ମଧ୍ୟ ପ୍ରଥମ ଦିନିକିଆରେ ଖେଳିବେ ନାହିଁ। ଏଣୁ ଅଷ୍ଟ୍ରେଲିଆ ଆହତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି।

## ୯ ବର୍ଷରେ ସବୁଠୁ ନିମ୍ନ ଫିଫା ର୍‍ୟାଙ୍କିଙ୍ଗରେ ଭାରତ

**ଜୁରିକ, ୧୭ ।୧୦ (ଏଜେନ୍ସି):** ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଦୁଇଟି ସ୍ଥାନ ହରାଇ ୧୩୬କୁ ଖସିଯାଇଛି। ଫଳରେ ଭାରତୀୟ ପୁରୁଷ ଫୁଟବଲ୍ ଦଳ ଗତ ୯ ବର୍ଷ ମଧ୍ୟରେ ଫିଫା ର୍‍ୟାଙ୍କିଙ୍ଗରେ ସବୁଠୁ ଖରାପ ପ୍ରଦର୍ଶନ କରିଛି। ୨୦୧୬ ନଭେମ୍ବରରେ ପ୍ରକାଶିତ ଫିଫା ମାନ୍ୟତାରେ ଭାରତ ୧୩୭ତମ ସ୍ଥାନରେ ରହିଥିଲା। ଫିଫା ମାନ୍ୟତାରେ ଭାରତ ଏହାର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ୧୯୯୬ ଫେବୃଆରୀରେ ହାସଲ କରିଥିଲା। ଏଥିରେ ଭାରତ ମାନ୍ୟତାର ୯୪ତମ ସ୍ଥାନରେ ରହିଥିଲା। ସଦ୍ୟ ପ୍ରକାଶିତ ଫିଫା ର୍‍ୟାଙ୍କିଙ୍ଗରେ ସ୍ପେନ ଶୀର୍ଷରେ ସ୍ଥିର ରହିଛି। ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟରେ ପହଞ୍ଚିଛି। ସେହିଭଳି ଫ୍ରାନ୍ସ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛି। ର୍‍ୟାଙ୍କିଙ୍ଗରେ ଇଂଲଣ୍ଡ ୪ର୍ଥ, ପର୍ତ୍ତୁଗାଲ ୫ମ, ନେଦରଲାଣ୍ଡସ ୬ଷ୍ଠ, ବ୍ରାଜିଲ ୭ମ, ବେଲଜିୟମ ୮ମ, ଇଟାଲୀ ୯ମ ଓ ଜର୍ମାନୀ ୧୦ମ ସ୍ଥାନରେ ରହିଛନ୍ତି।

## ମହିଳା ଟି-୨୦ ଦ୍ରୁତତମ ଶତକ ହାସଲ କଲେ କିରଣ

**ନାଗପୁର, ୧୭ ।୧୦ (ଏଜେନ୍ସି):** ଭାରତୀୟ ବ୍ୟାଟର୍ କିରଣ ନାଭଗିରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଶତକ ହାସଲ କରିବାର ବିଶ୍ୱରେକର୍ଡ କରିଛନ୍ତି। ନାଗପୁରର ଭିସିଏ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ବିସିସିଆଇ ସିନିଅର ମହିଳା ଟି-୨୦ ଏକ ମ୍ୟାଚରେ ପଞ୍ଜାବ ବିପକ୍ଷରେ ମହାରାଷ୍ଟ୍ର ପକ୍ଷରୁ ଖେଳି କିରଣ ୩୪ ବଲରେ ଶତକ ହାସଲ କରିଥିଲେ। ୩୧ ବର୍ଷୀୟା ଡାହାଣହାତୀ ବ୍ୟାଟର୍ କିରଣ ତାଙ୍କ ୩୫ ବଲ୍ ପାଳିରେ ୧୦୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୧୪ଟି ଚୌକା ଓ ୭ଟି ଛକା ମାରିଥିଲେ। ତାଙ୍କ ଷ୍ଟ୍ରାଇକରେଟ୍ ୩୦୨.୮୬ ରହିଥିଲା। ପଞ୍ଜାବ ପକ୍ଷରୁ ୧୧୧ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ କିରଣ ଏକାକୀ ୧୦୬ ରନ କରି ମହାରାଷ୍ଟ୍ରକୁ ୧୨ ଓଭର ଓ ୯ ୱିକେଟ୍ ବଳକାଥାଇ ବିଜୟୀ କରାଇଥିଲେ। ଏଥିସହ କିରଣ ମହିଳା ଟି-୨୦ ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର ସୋଫି ଡିଭାଇନଙ୍କ ନାମରେ ରହିଥିଲା। ସୋଫି ୨୦୨୧ରେ ୱେଲିଂଟନ ପକ୍ଷରୁ ଖେଳି ଓଟାଗୋ ବିପକ୍ଷରେ ୩୬ ବଲରେ ଶତକ ମାରିଥିଲେ। ଅନ୍ତର୍ଜାତୀୟ ମହିଳା ଟି-୨୦ରେ ୱେଷ୍ଟଇଣ୍ଡିଜର ଡେଣ୍ଡ୍ରା ଡଟ୍ଟିନ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୮ ବଲରେ ଶତକ ଅର୍ଜନ କରିଥିଲେ। ସେହିଭଳି ମହିଳା ଟି-୨୦ ଇତିହାସରେ ଶତକ ହାସଲ କରିଥିବା ବ୍ୟାଟର୍‌ଙ୍କ ମଧ୍ୟରେ କେବଳ କିରଣଙ୍କ ଷ୍ଟ୍ରାଇକରେଟ୍ ୩୦୦ରୁ ଊର୍ଦ୍ଧ୍ୱ ରହିଛି।



ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ

## ସେମିରେ ଓଡିଏମ୍ ପବ୍ଲିକ୍ ସ୍କୁଲ

**ଭୁବନେଶ୍ୱର,୧୭।୧୦(ସମିସ):** ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ୩-୨ ଗୋଲରେ ଜଟଣୀର କୁଶମାଟି ସ୍କୁଲ୍‌କୁ ପରାସ୍ତ କରି ତୃତୀୟ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗତକାଲି ଓଡିଏମ୍‌ର ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଥିଲା। ଆଜିର ଖେଳରେ ପବ୍ଲିକ୍ ସ୍କୁଲ ପକ୍ଷରୁ ସୁରଜ ଖାଲକୋ, ନିଖିଲ ହେମ୍ବ୍ରମ ଓ ବିଶାଲ ଲୋହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କୁଶମାଟି ହାଇସ୍କୁଲର ରୁଦ୍ରପ୍ରସାଦ ନାୟକ ୨ଟି ଗୋଲ ଶୁଝାଇଥିଲେ। ରୁଦ୍ରପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅଶୋକ କୁମାର ପଟ୍ଟନାୟକ, ବିବେକାନନ୍ଦ ଦାସ, ଚିନ୍ମୟ କୁମାର ଦାସ ଓ ଟୁର୍ଣ୍ଣାମେଣ୍ଟ ଆୟୋଜକ ଭେଟେରାନ ଫୁଟବଲ ସଂଘର ସଭାପତି ନବରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ବା ଶନିବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେନ୍‌ସିଆଲ ସ୍କୁଲ ସହ ୟୁନିଟ୍-୧ ସରକାରୀ ହାଇସ୍କୁଲ ମଧ୍ୟରେ ଖେଳାଯିବ। ଆଜିର ଖେଳ ପରିଚାଳନା କରିଥିଲେ ରେଫରି ଦିବ୍ୟ ମଙ୍ଗରାଜ, ଅମିତ ନାୟକ, ଚନ୍ଦ୍ରକାନ୍ତ ବାରିକ ଓ ସୁଦୀପ ଦାସ। ଟି ମୋହନ ରାଓ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।




■ ମହିଳା ବିଶ୍ୱକପ୍ କ୍ରିକେଟ

## ବର୍ଷା ଯୋଗୁଁ ପୁଣି ମ୍ୟାଚ୍ ବାଧାପ୍ରାପ୍ତ

**କଲମ୍ବୋ,୧୭।୧୦(ଏଜେନ୍ସି):** ଏଠାରେ ବର୍ଷା ଯୋଗୁଁ ମହିଳା ବିଶ୍ୱକପ୍‌ର ଆଜି ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୨ ଓଭରରେ ୨ ୱିକେଟ ହରାଇ ୪୬ ରନ୍ କରିଥିଲାବେଳେ ବର୍ଷା ହୋଇଥିଲା। କ୍ରମାଗତ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ଖେଳ ୫ଘଣ୍ଟା ବନ୍ଦ ରହିବା ପରେ ଡିଏଲ୍‌ଏସ୍ ମେଥଡ ଅନୁଯାୟୀ ମ୍ୟାଚ୍‌କୁ ୨୧ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ଶ୍ରୀଲଙ୍କା ୭ ୱିକେଟରେ ୧୦୫ ରନ୍ କରିଥିଲା। ଭିଷ୍ମି ଗୁଣରତ୍ନେ ସର୍ବାଧିକ ୩୪ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକାର ଏନ୍ ମାଲବାଙ୍କୁ ୩ଟି ଓ ମାସାବା କ୍ଲାସ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଡିଏଲଏସ୍ ମେଥଡ ଅନୁଯାୟୀ ପୁନଃନିର୍ଦ୍ଧାରିତ ୨୦ ଓଭରରେ ଦକ୍ଷିଣ ଆଫ୍ରିକା ଆଗରେ ୧୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୪ ଓଭରରେ କୌଣସି ୱିକେଟ ନ ହରାଇ ୨୫ ରନ୍ ସଂଗ୍ରହ କରିନେଇଛି। ଆସନ୍ତାକାଲି ଏଠାରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।

ରଣଜୀ ଟ୍ରଫି

# ବିଜୟରୁ ବିଦର୍ଭ, ହରିୟାଣାର ଅଭିଯାନ ଆରମ୍ଭ

ବେଙ୍ଗାଲୁରୁ, ୧୭ ।୧୦ (ଏଜେନ୍ସି)

ଚଳିତ ରଣଜୀ ଟ୍ରଫିର ୯୧ତମ ସଂସ୍କରଣରେ ବିଦର୍ଭ ଓ ହରିୟାଣା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବେଙ୍ଗାଲୁରୁରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ବିଦର୍ଭ ଏକ ଇନିଂସ ଓ ୧୭୯ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି। ସେହିଭଳି ସୁରଟରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ସି'ର ଅନ୍ୟ ଏକ ମୁକାବିଲାରେ ହରିୟାଣା ୯୬ ରନରେ ରେଲବାଇକୁ ହରାଇଦେଇଛି। ଇନିଂସ ବିଜୟ ଲାଗି ବିଦର୍ଭ ୭ ଓ ହରିୟାଣା ୬ ପଏଣ୍ଟ ଅର୍ଜନ ପାଇଛି।

ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ଇନିଂସରେ ୪୬୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଅମନ ମୋଖାଡେ ସର୍ବାଧିକ ୧୮୩ ରନ କରିଥିଲେ। ଏହାପରେ ବ୍ୟାଟିଂ କରିଥିବା ନାଗାଲାଣ୍ଡ ପ୍ରଥମ ଇନିଂସରେ ୧୭୧ ରନରେ ସୀମିତ ରହିଥିଲା। ୨୯୨ ରନ ପଛରେ ଥାଇ ଫଲୋଅନ ପାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସରେ ମଧ୍ୟ ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶୁକ୍ରବାର ତୃତୀୟ ଦିବସରେ ନାଗାଲାଣ୍ଡ ୧୧୩ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଅମନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।



ସେହିଭଳି ସୁରଟର ପିଠୱାଲା ଷ୍ଟାଡିୟମରେ ହରିୟାଣା ଓ ରେଲବାଇ ମଧ୍ୟରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ବୋଲରଙ୍କ ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ୩ ଦିନରେ ୪୦ ୱିକେଟ ପତନ ଘଟିବା ସହ ଫଳାଫଳ ବାହାରିଯାଇଥିଲା। ପ୍ରଥମେ ବ୍ୟାଟିଂ କରି ହରିୟାଣା ୧୭୧ ରନ କରିଥିବାବେଳେ ରେଲବାଇ ୧୨୮ରେ ସୀମିତ ରହିଥିଲା। ୪୩ ରନରେ ଆଗୁଆ ରହିଥିବା ହରିୟାଣା ଦ୍ୱିତୀୟ ଇନିଂସରେ ୨୦୫ ରନ କରିଥିଲା। ଫଳରେ ରେଲବାଇ ସାମ୍ନାରେ ୨୪୯ ରନ ଲକ୍ଷ୍ୟ ରହିଥିଲା। ଏହାକୁ ପିଛା କରିଥିବା ରେଲବାଇ ଶୁକ୍ରବାର ୩ୟ ଦିବସରେ ୧୫୨ ରନରେ ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା।

### ରଜତ ପାଟିଦାରଙ୍କ ଦ୍ୱିଶତକ

ଅପରପକ୍ଷରେ ରଜତ ପାଟିଦାର ପ୍ରଥମଶ୍ରେଣୀ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି। ମଧ୍ୟପ୍ରଦେଶର ନେତୃତ୍ୱ ନେଉଥିବା ପାଟିଦାର ୨୦୫ ରନ କରି ଅପରାଜିତ ରହିବା ଫଳରେ ତାଙ୍କ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୫୧୯ ରନର ବିଶାଳ ସ୍କୋର କରିଛି। ପଞ୍ଜାବ ପ୍ରଥମ ପାଳିରେ ୨୩୨ ରନ କରିଥିଲା। ଫଳରେ ମଧ୍ୟପ୍ରଦେଶ ୨୮୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍-୭

## ଓଡ଼ିଶାର ସୁତବ୍ୟ ରନର୍ସ ଅପ୍

**ଭୁବନେଶ୍ୱର,୧୭।୧୦(ସମିସ):** ଓଡ଼ିଶାର ପ୍ରତିଭାବାନ ଜୁନିଅର ଖେଳାଳି ସୁତବ୍ୟ କର୍ମକାର ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୭ ଟେନିସ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଛନ୍ତି। ଓଡ଼ିଶା ଟେନିସ ସଂଘ ବ୍ୟାନରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମହାରାଷ୍ଟ୍ରର ଅର୍ଜୁନ ଅତୁଲ ପରଦେଶୀ ୬-୩, ୬-୧ ସିଧାସଳଖ ସେଟ୍‌ରେ ସୁତବ୍ୟଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲେ। ଖେଳ ଶେଷରେ ତାମିଲନାଡୁର ଅନ୍ୟତମ ପ୍ରତିଭାବାନ ଖେଳାଳି ଓଜେସ ଥେୟଜୋ ଜୟପ୍ରକାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତଥା ଦେଶର ଅନେକ ୧୮ ବର୍ଷରୁ କମ୍ ଶୀର୍ଷ ଖେଳାଳି ଅଂଶଗ୍ରହଣ କରିଥିଲେ।






# ଶାଢ଼ି ସମ୍ଭାର



**ଶାଢ଼ି ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅଭିନ୍ନ ଅଂଶ। ଏହା କେବଳ ଏକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟ ଓ ଶିଳ୍ପକଳାର ପରିଚୟ ଭାବେ ଜଣାଯାଏ। ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଆଧୁନିକ ପୋଷାକ ମିଳୁଥିଲେ ହେଁ, ଶାଢ଼ିର ଲୋକପ୍ରିୟତା ସବୁବେଳେ ରହିଛି। ଏହି ପାରମ୍ପରିକ ଶାଢ଼ି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ। ପ୍ରତ୍ୟେକ ଶାଢ଼ି ନିଜସ୍ୱ ସ୍ୱତନ୍ତ୍ରତା ତଥା ବିଶେଷତା ପାଇଁ ଜଣାଯାଏ। ତେବେ ଭାରତରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ପାରମ୍ପରିକ ଶାଢ଼ିକୁ ନେଇ ଏହି ଆଲେଖ୍ୟ।**

### ପଟୋଲା

ଶାଢ଼ି କଥା କହିଲେ, ପଟୋଲା ଚିତ୍ର ସାମ୍ନାକୁ ଆସିଥାଏ। ଗୁଜୁରାଟ ପାଟନରେ ପ୍ରସ୍ତୁତ ହେଉଥିବା ଏହି ଶାଢ଼ି ପାରମ୍ପରିକ ଶାଢ଼ି ଭାବେ ପରିଚିତ। ଏଥିରେ ଭାରତର ଉତ୍କୃଷ୍ଟ ଶିଳ୍ପକଳା ଦେଖିବାକୁ ମିଳିଥାଏ। ଏହି ଶାଢ଼ି ପ୍ରସ୍ତୁତ କରିବା ପାଇଁ ମାସ ମାସ ସମୟ ଲାଗିଥାଏ। ଏଥିପାଇଁ ଡବଲ୍ ଇକତ୍ ଟେକ୍ନିକ୍ ବ୍ୟବହାର ହୋଇଥାଏ। ପ୍ରତ୍ୟେକ ଶାଢ଼ି ଜଟିଳ ଜ୍ୟାମିତିକ ଡିଜାଇନ୍, ଚମକଯୁକ୍ତ ରଙ୍ଗ ଓ ସୂକ୍ଷ୍ମ କାରିଗରୀ ପାଇଁ ଜଣାଯାଏ।

### କାଞ୍ଜିଭରମ

କାଞ୍ଜିଭରମ ଶାଢ଼ି ଭାରତୀୟ ସଂସ୍କୃତି ଓ ଐତିହ୍ୟର ପ୍ରତୀକ। ଭାରତର ପ୍ରାଚୀନ, ସୁନ୍ଦର ଓ ଆକର୍ଷଣୀୟ ଶାଢ଼ି ମଧ୍ୟରୁ ଏହା ଗୋଟିଏ। ତାମିଲନାଡୁ କାଞ୍ଚିପୁରମ୍‌ରେ ଏହି ଶାଢ଼ି ପ୍ରସ୍ତୁତ ହୋଇଥାଏ। ଏହାକୁ ଶୁଦ୍ଧ ରେଶମ ସୂତାରେ ବୁଣାଯାଏ। ଶାଢ଼ିକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏଥିରେ ଜରି ବ୍ୟବହାର ହୋଇଥାଏ। ଏହି ଶାଢ଼ିର ଇତିହାସ ୪୦୦ ବର୍ଷ ପୁରୁଣା। ଏଥିରେ ମନ୍ଦିର, ପ୍ରାକୃତିକ ଦୃଶ୍ୟ, ହାତୀ, ମୟୂର ଭଳି ଅନ୍ୟାନ୍ୟ କଳାକୃତି ଦେଖିବାକୁ ମିଳିଥାଏ। ବିଶେଷତା ଅନୁଯାୟୀ, ଏହି ଶାଢ଼ିର ପଣତକାନି, ବର୍ଡରର ଓ ମଝିଭାଗକୁ ପୃଥକ୍ କରି ବୁଣାଯାଏ। ତେଣୁ ଏହା ଅନ୍ୟ ଶାଢ଼ି ଠାରୁ ସ୍ୱତନ୍ତ୍ର। ଦକ୍ଷିଣ ଭାରତରେ ବିବାହ ଉତ୍ସବରେ ଏହା ମୁଖ୍ୟ।



### ବନାରସୀ

ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ ଶାଢ଼ି ମଧ୍ୟରୁ ଗୋଟିଏ ବନାରସୀ ଶାଢ଼ି। ଏହା ଉତ୍ତରପ୍ରଦେଶ ବାରଣସୀରେ ପ୍ରସ୍ତୁତ ହୋଇଥାଏ। ଏହାର ଭବ୍ୟ ଡିଜାଇନ୍, ସୂକ୍ଷ୍ମ କାରୁକାର୍ଯ୍ୟ ଏହାକୁ ସ୍ୱତନ୍ତ୍ର କରିଥାଏ। ଏଥିରେ ସୁନା ଓ ରୂପାର ଜରିକାମ ହୋଇଥାଏ। ଅବଶ୍ୟ ସମୟକ୍ରମେ ଏଥିରେ ନକଲି ଜରିକାମ ଦେଖିବାକୁ ମିଳୁଛି। ଏଥିରେ ଫୁଲ, ପତ୍ର, ମୟୂର, ଓ ଜ୍ୟାମିତିକ ଚିତ୍ର ଭଳି ପାରମ୍ପରିକ ମୋଗଲକାଳର ଡିଜାଇନ୍ ରହିଥାଏ।

### ମୁଗା ସିଲ୍କ

ମୁଗା ସିଲ୍କ ଆସାମର ପ୍ରାଚୀନ ଶାଢ଼ି ଭାବେ ପରିଚିତ। ଏହି ଶାଢ଼ି ମୁଗା ସିଲ୍କରୁ ପ୍ରସ୍ତୁତ ହୋଇଥାଏ। ଏହା ବିଶ୍ୱର ସବୁଠୁ ନିଆରା ଓ ଦୀର୍ଘସ୍ଥାୟୀ ଶାଢ଼ି ଭାବେ ପରିଚିତ। ତେଣୁ ପିଢ଼ି ପରେ ପିଢ଼ିକୁ ଏହାକୁ ଉପହାର ଭାବେ ଦିଆଯାଇଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ। ବିଶେଷତା ଅନୁଯାୟୀ ଏଥିରେ ଯେ କୌଣସି ଏମ୍ବ୍ରୋଡେରୀ ସହଜରେ କରାଯାଇପାରେ। ଏହାର ମୂଲ୍ୟ ପାଞ୍ଚହଜାରରୁ ନେଇ ଦୁଇ ଲକ୍ଷ ଯାଏ ରହିଛି।

### ସମ୍ବଲପୁରୀ

ସମ୍ବଲପୁରୀ ଶାଢ଼ି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ପ୍ରତୀକ ଭାବେ ପରିଚିତ। ଏହା ବିଶେଷ କରି ସମ୍ବଲପୁର, ସୋନପୁର ଓ ବରଗଡ଼ ଆଦି ସ୍ଥାନରେ ବୁଣାଯାଇଥାଏ। ବୁଣାକାରମାନେ ଖୁବ୍ ଯତ୍ନରେ ଏହା ବୁଣିଥାନ୍ତି। ଏହି ହାତବୁଣା ଶାଢ଼ି ସ୍ୱତନ୍ତ୍ରତା ଓ ଭବ୍ୟତା ପାଇଁ ଜଣାଯାଏ। ଏହା ଇକତ୍ ଟେକ୍ନିକ୍‌କୁ ଆପଣାଇ ବୁଣାଯାଇଥାଏ। ଯନ୍ତ୍ର ନିର୍ମିତ ଶାଢ଼ି ତୁଳନାରେ ଏହା ଅଧିକ ସୁନ୍ଦର ଦେଖାଯାଏ। ଏଥିରେ ପାରମ୍ପରିକ ରୂପାଙ୍କନ ଯଥା- ଶଙ୍ଖ, ଚକ୍ର, ଫୁଲ, ସମେତ ଆଦିବାସୀ ଚିତ୍ର ରହିଥାଏ। ଦିନକୁ ଦିନ ଏହି ସମ୍ବଲପୁରୀ ଶାଢ଼ିର ଚାହିଦା ବୃଦ୍ଧିପାଉଛି।



# ବ୍ରଣ ମୁକ୍ତ ତ୍ୱଚାର ଯତ୍ନ



**ଋତୁ ଅନୁଯାୟୀ ତ୍ୱଚାରେ ନାନା ସମସ୍ୟା ଦେଖିବାକୁ ମିଳିଥାଏ। ପ୍ରତିଥର ପାର୍ଲର ଯାଇ ତ୍ୱଚାର ଯତ୍ନ ନେବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନ ଥାଏ। ତେଣୁ କୋମଳ ଓ ବ୍ରଣମୁକ୍ତ ତ୍ୱଚା ଚାହୁଁଥିଲେ, ଏଥିପାଇଁ ସ୍କିନ୍‌କେୟାର୍ ରୁଟିନ୍‌ରେ ସାମାନ୍ୟ ପରିବର୍ତ୍ତନ କରିପାରିବେ।**

### ଦିନରେ ଦ୍ୱିଥର ଫେସ୍‌ୱାସ୍

ଅଧିକାଂଶ ତ୍ୱଚାରେ ଧୂଳି, ମାଟି ଓ ତେଲ ଆଦି ଜମି ରହିଥାଏ। ଏହାକୁ ଅନେକ ଲୋକେ ସଫା କରନ୍ତିନି। ଏହା ତ୍ୱଚାରେ ଜମି ବ୍ରଣ ହୋଇଥାଏ। ଏଥିପାଇଁ ତ୍ୱଚାକୁ ଦିନକୁ ଦୁଇରୁ ତିନି ଥର ସଫା କରନ୍ତୁ। ଏହାଦ୍ୱାରା ତ୍ୱଚାରେ ଜମିଥିବା ଧୂଳିମାଟି ବାହାରିଥାଏ। ତ୍ୱଚାରେ ଅତିରିକ୍ତ ତୈଳ ବାହାରିଯାଏ। ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

### ଡାଏଟର୍ ରଖନ୍ତୁ ଧ୍ୟାନ

ଡାଏଟ୍ ଅନୁସାରେ ଖାଦ୍ୟ ନ ଖାଇଲେ ଅନେକ ତ୍ୱଚାଜନିତ ସମସ୍ୟା ଦେଖାଯାଇଥାଏ। ତେଣୁ ଡାଏଟ୍‌ର ଧ୍ୟାନ ରଖିବା ଜରୁରୀ। ପ୍ରତିଦିନ ଖାଦ୍ୟରେ ସତେଜ ଫଳ, ପନିପରିବା ଓ ଫାଇବର ଯୁକ୍ତ ଖାଦ୍ୟ ମିଶାଇ ଖାଇବା ଭଲ।

### ଉତ୍ତମ ନିଦ୍ରା

ନିଦ୍ରାଭାବ ଓ ଅଧିକ ଚିନ୍ତା କରିବା ଦ୍ୱାରା ବ୍ରଣ ସମସ୍ୟା ହୋଇଥାଏ। ତେଣୁ ଚିନ୍ତା କମ କରିବା ସହ ସୁସ୍ଥ ନିଦ୍ରା ନେବା ଜରୁରୀ।

ମୋ ହାଣ୍ଡିଶାଳରୁ...

# ବେସନ ଗୁଡ଼ ବର୍ଫି

### ଆବଶ୍ୟକ ସାମଗ୍ରୀ

ବେସନ – ଏକ କପ୍, ସୁଜି – ଏକ କପ୍, ଗୁଡ଼- ୨୫୦ ଗ୍ରାମ୍, କ୍ଷୀର – ଏକ କପ୍, ଗୁଜୁରାତି ଗୁଣ୍ଡ – ଅଧ ଚାମଚ, ପିସ୍ତାବାଦାମ୍ – ସାତ , ଆଠଟି, କଖାରୁ ମଞ୍ଜି – ଅଳ୍ପ, ଗୁଣ୍ଡ କାଜୁ – ଏକ ଚାମଚ, ଦେଶୀ ଘିଅ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ। ଘିଅ ଗରମ ହୋଇଆସିଲେ ସେଥିରେ ବେସନ ଦେଇ ଭାଜନ୍ତୁ। ଏହାପରେ ଏଥିରେ ଏକ କପ୍ ସୁଜି ମିଶାଇ ଏପାଖସେପାଖ କରନ୍ତୁ। ସୁଜିକୁ ବେସନରେ ଭଲଭାବେ ମିଶାନ୍ତୁ। ଏହା ଭାଜି ହୋଇ ହାଲୁକା ନାଲି ରଙ୍ଗ ହୋଇଆସିଲେ, ସେଥିରେ ଅଳ୍ପ କ୍ଷୀର ଦେଇ ପୁଣି ଥରେ ଭାଜନ୍ତୁ। ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍ ବସାଇ ସେଥିରେ ଗୁଡ଼ ଦେଇ ଶିରା ପ୍ରସ୍ତୁତ କରନ୍ତୁ। ଧୀରେ ଧୀରେ ଗୁଡ଼ ତରଳି ଶିରା ହୋଇଯିବା ପରେ ଏହାକୁ ପ୍ରସ୍ତୁତ କରି ରଖିଥିବା ବେସନରେ ମିଶାଇ ଦିଅନ୍ତୁ। ଏଥିରେ ଅଳ୍ପ ଗୁଜୁରାତି ମିଶାନ୍ତୁ। ଏହାକୁ ଭଲରେ ଗୋଳାଇ ଏକ ପାତ୍ରରେ କାଢ଼ି ଚାରିପାଖକୁ ସମାନ କରନ୍ତୁ। ଉପରେ ଡ୍ରାଏରଫ୍ରୁଟ୍ ପକାନ୍ତୁ। ଛୁରୀରେ କାଟି ପରଷନ୍ତୁ 'ବେସନ ଗୁଡ଼ ବର୍ଫି'।



# ଆକର୍ଷଣୀୟ ଚୁଡ଼ି

**ସାଧାରଣତଃ ଯୁବତୀଙ୍କ ପାଇଁ ଚୁଡ଼ିକୁ ନେଇ ବହୁ ବିକଳ୍ପ ରହିଥାଏ। କିନ୍ତୁ ଶାଢ଼ି ତଥା ଲେହେଙ୍ଗା ସହ କେଉଁ ଚୁଡ଼ି ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ। ଜାଣିବା ସେ ବିଷୟରେ...**



### ପେଷ୍ଟାଲ ଚୁଡ଼ି

ପେଷ୍ଟାଲ ରଙ୍ଗର ଚୁଡ଼ି ହାଲୁକା ଗୋଲାପି ରଙ୍ଗର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ଏଥିରେ ମିନାକରୀ କାମ ମଧ୍ୟ ରହିଥାଏ। ଏହାକୁ ଗାଢ଼ ରଙ୍ଗର ଚୁଡ଼ି ସହ ମଧ୍ୟ ପିନ୍ଧିପାରିବେ।

### ସବୁଜ ଚୁଡ଼ି ଓ ସୁନେଲି କଡ଼ା

ସବୁଜ ରଙ୍ଗର ଚୁଡ଼ି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏଥିସହ ସୁନେଲି ରଙ୍ଗର କଡ଼ା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ସେହିପରି ସବୁଜ ଚୁଡ଼ି ସୁହାଗର ପ୍ରତୀକ ଭାବେ ଜଣାଯାଏ।

### ମେରୁନ୍ ଚୁଡ଼ି ସହ କୁନ୍ଦନ କଡ଼ା

କୁନ୍ଦନ ଚୁଡ଼ି ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ। କିନ୍ତୁ ମେରୁନ୍ ରଙ୍ଗ ସବୁଠୁ ଭିନ୍ନ ଓ ନିଆରା ଦିଶିଥାଏ। ଅଧିକାଂଶ ଯୁବତୀ ଲେହେଙ୍ଗା ଓ ଶାଢ଼ିରେ ମେରୁନ ରଙ୍ଗ ଚୁଡ଼ି ପିନ୍ଧିବାକୁ ପସନ୍ଦ କରନ୍ତି।

# ଦୀପରେ ସଜାନ୍ତୁ ଘର

**ଆଲୋକର ପର୍ବ ଦୀପାବଳି। ଦୀପାବଳିରେ ଘରେ ଆଲୋକ, ରଙ୍ଗ ଓ ଉତ୍ସବର ମାହୋଲ ଖେଳିଯାଏ। ଏହା ଅନ୍ଧକାରକୁ ଦୂର କରି ଆଲୋକ ପ୍ରଦାନ କରିଥାଏ। ଏଥିପାଇଁ ସମସ୍ତେ ଘରେ ରଙ୍ଗୋଲି, ଲିଚୁଲାଇଟ୍ ଆଦି ଲଗାଇ ସଜାଇଥାନ୍ତି। ସେହିପରି ଦୀପାବଳିରେ ଘରକୁ ନୂଆ ଶୈଳୀରେ ଆଲୋକିତ କରିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାନ୍ତୁ।**





### ଆକ୍ରେଲିକ୍ ରଙ୍ଗ କରନ୍ତୁ

ମାଟିଦୀପକୁ ସୁନ୍ଦର ତଥା ରଙ୍ଗିନ୍ କରିବାକୁ ଚାହୁଁଥିଲେ ଏହାକୁ, ନାଲି, ସୁନେଲି , ସବୁଜ ଓ ହଳଦିଆ ରଙ୍ଗ ଭଳି ଆକ୍ରେଲିକ୍ ରଙ୍ଗ କରିପାରିବେ। ଏହାକୁ ଆକର୍ଷଣୀୟ କରିବା ପାଇଁ ଉପରେ ଗ୍ଲିଟର୍ ଓ ଗୋଲ୍‌ଡେନ୍ ରଙ୍ଗର ବର୍ଡର ତିଆରି କରିପାରିବେ।

### ମିରର୍ ଓ ଷ୍ଟୋନ୍

ଏହା ଉପରେ ଛୋଟ ମୋତିମାଳି, ରଙ୍ଗିନ୍ ଷ୍ଟୋନ୍ ଆଦି ଅଠାରେ ଲଗାଇପାରିବେ। ଏଥିରେ ଦୀପ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ଦୀପରେ ଲେସ୍ ଓ ରିବନ ଲଗାନ୍ତୁ। ଏହା ପାରମ୍ପରିକ ସାଙ୍ଗକୁ ଏକ କ୍ଲାସି ଲୁକ୍ ଦେଇଥାଏ।

### ବାର୍ନିଶ ରଙ୍ଗ ଲଗାନ୍ତୁ

ଦୀପ ସଜାଇବା ପରେ ତା ଉପରେ ଏକ ବାର୍ନିଶ ପରସ୍ତ ଲଗାନ୍ତୁ। ଏହାଦ୍ୱାରା ରଙ୍ଗ ଓ ସାଜସଜ୍ଜା ଦୀର୍ଘ ସମୟ ରହିଥାଏ।

### ଭାସମାନ ଦୀପ

ଏଥିପାଇଁ ଦୀପରେ ତେଲ ଭର୍ତ୍ତି କରନ୍ତୁ। ଏହାପରେ ଏକ ରସ ଠିପି କିମ୍ବା ଏକ ଛାଞ୍ଚରେ ସଳିତା ଲଗାନ୍ତୁ। ଏହାକୁ ଦିଆସିଲ୍ ଲଗାଇ ଜଳାଇଲେ ପାଣିରେ ଭାସିଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଚାହିଁଲେ ଏଥିରେ ଫୁଲ, ପାଖୁଡ଼ା ସଜାଇପାରିବେ।

# ନିମ୍ବ ତୁଳସୀ ହେୟାର ସିରମ୍

**ବର୍ତ୍ତମାନ ସମୟରେ କେଶଝଡ଼ା, ରୂପି, ସ୍କାଲ୍‌ପ ସଂକ୍ରମଣ ଆଦି ମୁଖ୍ୟ ସମସ୍ୟା ପାଲଟିଛି। ନାନା ପ୍ରସାଧନ ଲଗାଇଲେ ମଧ୍ୟ ଏହି ସମସ୍ୟା ସହଜରେ ଦୂର ହୁଏ ନାହିଁ। ତେଣୁ ଆୟୁର୍ବେଦ ଅନୁଯାୟୀ ପ୍ରାକୃତିକ ଉପାୟରେ କେଶରେ ସୁନ୍ଦର ଓ ଚମକ ଆଣିବାକୁ ଚାହୁଁଥିଲେ ନିମ୍ବ , ତୁଳସୀ ହେୟାର୍ ସିରମ୍ ଲଗାଇପାରିବେ।**

### ପ୍ରସ୍ତୁତି


ଏଥିପାଇଁ ଏକ ମୁଠା ନିମ୍ବପତ୍ର, ଏକ ମୁଠା ତୁଳସୀ ପତ୍ର , ନଡ଼ିଆ ତେଲ, ଅଲିଭ୍ ଅଏଲ୍ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ ନିଅନ୍ତୁ। ନିମ୍ବ ଓ ତୁଳସୀପତ୍ରକୁ ଭଲରେ ଧୋଇ ଦିଅନ୍ତୁ। ଗୋଟିଏ ପାତ୍ରରେ ପାଣି ଗରମ କରି ସେଥିରେ ନିମ୍ବ ଓ ତୁଳସୀ ପତ୍ର ପକାଇ ଭଲରେ ଫୁଟାନ୍ତୁ। ପାଣି ଅଧା ହୋଇଆସିଲେ ଏହାକୁ ଛାଣି ଦିଅନ୍ତୁ। ଥଣ୍ଡା ହୋଇଗଲେ ସେଥିରେ , ନଡ଼ିଆ ତେଲ, ବାଦାମ ତେଲ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାନ୍ତୁ। ଏହାକୁ ଏକ ସ୍ପ୍ରେ ବୋତଲରେ କାଢ଼ି ରଖନ୍ତୁ।

### ଲଗାଇବା ବିଧି

ପ୍ରଥମେ କେଶକୁ ହାଲୁକା ଓଦା କରି ସିରମ୍‌କୁ କେଶମୂଳ ଓ କେଶଅଗରେ ଭଲ ଭାବେ ଲଗାନ୍ତୁ। ହାତ ସାହାଯ୍ୟ ହାଲୁକା ମସାଜ୍ କରନ୍ତୁ। ଏହାଦ୍ୱାରା ସିରମ୍ ସବୁଆଡ଼େ ଭଲରେ ଲାଗିଥାଏ। ଏହାକୁ ଦୁଇ ତିନି ଘଣ୍ଟା ଛାଡ଼ି ଦିଅନ୍ତୁ। ଚାହିଁଲେ ରାତିସାରା ଲଗାଇ ରଖିପାରିବେ। ଏହାପରେ ହାଲୁକା ସାମ୍ପୁରେ ଧୋଇ ଦିଅନ୍ତୁ। ଏପରି ଦୁଇ ସପ୍ତାହ କଲେ ସୁଫଳ ମିଳିଥାଏ।

### ଫାଇଦା

- ନିମ୍ବ ଓ ତୁଳସୀରେ ଆଣ୍ଟିଫଙ୍ଗଲ ଓ ଆଣ୍ଟିବ୍ୟାକ୍ଟେରିୟଲ୍ ଗୁଣ ଥାଏ। ଯାହା ରୂପିକୁ ମୂଳରୁ ଦୂର କରିଥାଏ।
- କେଶକୁ ପୋଷଣ ଦେଇ କେଶଝଡ଼ାକୁ ରୋକିଥାଏ। ନିୟମିତ ବ୍ୟବହାର ଦ୍ୱାରା କେଶ ଘନ ହେବା ସହ ମଜଭୂତ ହୋଇଥାଏ।
- ଏଥିସହ କେଶମୂଳ କୁଣ୍ଡାଇହେବା, ନାଲିପଡ଼ିବା ଭଳି ସମସ୍ୟା ମଧ୍ୟ ଦୂର କରିଥାଏ।



## ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ

# ପଦକ ନିଶ୍ଚିତ କଲେ ତନ୍ଭି



ଗୁଆହାଟୀ,୧୭।୧୦(ଏଜେନ୍ସି): ଭାରତର ତନଭି ଶର୍ମା ଏଠାରେ ଚାଲିଥିବା ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବା ନିଶ୍ଚିତ କରିଛନ୍ତି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଖେଳରେ ତନ୍ଭି ୧୩-୧୫, ୧୫-୧୯, ୧୫-୧୦ରେ ଜାପାନର ସାକି ମାତ୍ସୁମୋଟୋଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଖେଳାଳି ପଦକ ଜିତିଥାନ୍ତି। ଏଣୁ ସେମିଫାଇନାଲରେ ହାରିଗଲେ ମଧ୍ୟ ତନ୍ଭି ପଦକ ବିଜୟୀ ହେବେ। ଏହି ପ୍ରତିଯୋଗିତାରେ ପଦକ ଜିତିବାରେ ୨୦୦୮ ପରେ ସେ ହେବେ ପ୍ରଥମ ଭାରତୀୟ ଖେଳାଳି। ୨୦୦୮ ପୁଣେରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସାଇନା ନେହ୍ୱାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଥିଲା ଭାରତର ଶେଷ ପଦକ। ତନ୍ଭି ଏବେ ପଦକ ବିଜୟୀ ହେବେ। ପୂର୍ବରୁ ୨୦୦୬ ଇଞ୍ଚିଅନ୍ ଟୁର୍ଣ୍ଣାମେଣ୍ଟରେ ସାଇନା ରୌପ୍ୟ ଓ ୧୯୯୬ ସିଲକେବର୍ଗ ଟୁର୍ଣ୍ଣାମେଣ୍ଟରେ ଅପର୍ଣ୍ଣା ପୋପଟ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୧୬ ବର୍ଷୀୟା ତନ୍ଭି କେଉଁ ସଫଳତାକୁ ଦୋହରାଇବେ ତାହା ସମୟ କହିବ।

## ବାରବାଟୀ ରଣଜୀ: ଶିବାଲିକ ଶର୍ମା ଓ ମିତେଶ ପଟେଲଙ୍କ ଶତକ

# ଓଡ଼ିଶା ବିପକ୍ଷରେ ବରୋଦା ଇନିଂସ ଅଗ୍ରଣୀ

କଟକ, ୧୭।୧୦ (ସମିସ): ଓପନର ଶିବାଲିକ ଶର୍ମା ଓ ୱିକେଟରକ୍ଷକ ମିତେଶ ପଟେଲଙ୍କ ଶତକ ବଳରେ ଏଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ମୁକାବିଲାରେ ଭ୍ରମଣକାରୀ ବରୋଦା ଦଳ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ବାରବାଟୀର ସ୍ଲୋ ୱିକେଟରେ ଏହି ଅଗ୍ରଣୀ ବରୋଦାକୁ ରଣଜୀ ସିଜନର ପ୍ରଥମ ମ୍ୟାଚ୍‌ରେ ଅଧିକ ପଏଣ୍ଟ ସଂଗ୍ରହ ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୨୭୧ ରନ୍ କରିଥିଲା। ଜବାବରେ ଶିବାଲିକ ୧୨୪ ଓ ମିତେଶ ଅପରାଜିତ ୧୦୦ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ବରୋଦା ୭ ୱିକେଟ ହରାଇ ୪୧୩ ରନ୍ କରିନେଇଛି। ଏହା ଫଳରେ ବରୋଦା ହାତରେ ୩ଟି ପ୍ରଥମ ଇନିଂସ ୱିକେଟ ବାକିଥାଇ ୧୪୨ ରନ୍‌ରେ ଆଗୁଆ ରହିବା ସହ ମ୍ୟାଚ୍‌ରେ ନିଜର ସ୍ଥିତି ମଜଭୁତ କରିନେଇଛି। ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ମିତେଶଙ୍କ ସହ ରସିକ ଦାର ସଲାମ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକୀର୍ତ୍ତ ପାଣ୍ଡେ ୭୧ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ଏହି ମ୍ୟାଚ୍‌ର ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଓଡ଼ିଶାକୁ ୧ ପଏଣ୍ଟ ହାସଲ କରିବାକୁ ବା ମ୍ୟାଚ୍ ଡ୍ର ରଖିବାକୁ ସଂଘର୍ଷ କରିବାକୁ ପଡ଼ିବ।



ଶୁକ୍ରବାର ସକାଳେ ବରୋଦା ତାହାର ଅସମାପ୍ତ ପ୍ରଥମ ଇନିଂସ ୨ ୱିକେଟରେ ୧୨୭ ରନ୍‌ରୁ ଖେଳ ଆରମ୍ଭ କରି ମନ୍ଥର ଗତିରେ ଖେଳିଥିଲା। ଦୁଇ ଅପରାଜିତ ବ୍ୟାଟର ଶିବାଲିକ୍ ଶର୍ମା ଓ ସୁକୀର୍ତ୍ତ ପାଣ୍ଡେ ତୃତୀୟ ୱିକେଟ ଭାଗୀଦାରିରେ ୧୬୦ ରନ୍ ଯୋଗ କରିବା ପରେ ଡେବ୍ୟୁଟାଣ୍ଟ ବାଦଲ ବିଶ୍ୱାଳ ଏହି ଭାଗୀଦାରିକୁ ଭାଙ୍ଗିଦେଇଥିଲେ। ୨୪୮ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ୧୨୪ ରନ୍ କରିଥିଲାବେଳେ ଶିବାଲିକ ଓଡ଼ିଶାର ବାଦଲ ବିଶ୍ୱାଳଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାର କିଛି ସମୟ ମଧ୍ୟରେ ତାଙ୍କ ସେଞ୍ଚୁରି ପାର୍ଟନର ସୁକୀର୍ତ୍ତ ପାଣ୍ଡେ ମଧ୍ୟ ଆଉଟ ହୋଇଯାଇଥିଲେ। ସୁକୀର୍ତ୍ତ ୨୩୩ ଟି ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ମାତ୍ର ୪ଟି ଚୌକା ଓ ଗୋଟିଏ ଛକା ସହ ୭୧ ରନ୍‌ରେ ବାଦଲଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ମଧ୍ୟ ବରୋଦା ଦୃଢ଼ତାର ସହ ବ୍ୟାଟିଂ କରିଥିଲା। ୭ମ ୱିକେଟରେ ଅଭିଜ୍ଞ ଅତୀତ ସେଠ୍ ଓ ୱିକେଟ ରକ୍ଷକ ମିତେଶ ପଟେଲ ୫୨ ରନ୍ ଏବଂ ଅବିଭକ୍ତ ୮ମ ୱିକେଟ ଭାଗୀଦାରିରେ ମିତେଶ ଓ ରସିକ ଦାର ସଲାମ ୮୯ ରନ୍ ଉଠାଇ ଓଡ଼ିଶାର ଆଶାକୁ ମହାନଦୀକୁ ଫିଙ୍ଗିଦେଇଥିଲେ। ଏହି ଯୋଡ଼ିଙ୍କ ସଫଳ ବ୍ୟାଟିଂ ଯୋଗୁଁ ଓଡ଼ିଶା ଆଉ ମ୍ୟାଚ୍ ଜିତିବା ଆଶା କରିପାରିବ ନାହିଁ। ଷ୍ଟମ୍ପ ଅପସାରଣ ବେଳକୁ ମିତେଶ ୧୩୯ ବଲ୍‌ରେ ୧୧ ଚୌକା ସହ ଠିକ୍ ୧୦୦ ଓ ରସିକ ୪୬ ବଲ୍‌ରୁ ୩ ଚୌକା ଓ ୨ ଚୌକା ସହ ୪୫ ରନ୍‌ରେ ଅପରାଜିତ ଅଛନ୍ତି। ଅଧିନାୟକ ଅତୀତ ସେଠଙ୍କ ବ୍ୟାଟ୍‌ରୁ ୨୮ ରନ୍ ମିଳିଛି।

ଏଭଳି ଏକ ଧୀମା ୱିକେଟରେ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଯାହା ଫଳରେ ବରୋଦାର ବ୍ୟାଟରମାନେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ଘରୋଇ ମାଟିରେ ଓଡ଼ିଶାର ବୋଲରମାନେ ସୁନ୍ଦର ବୋଲିଂ କରିଥିଲେ। କିନ୍ତୁ ୱିକେଟ ନେବାରେ ସେପରି ସଫଳତା ପାଇ ନ ଥିଲେ। ଘରୋଇ ଦଳର ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟତମ ସ୍ପିନର ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଥିଲା। ବରୋଦାର ଜଣେ ଖେଳାଳି ଓପନର ଜ୍ୟୋତ୍ସ୍ନିଳ ସିଂ ରନ୍‌ଆଉଟ ହୋଇଥିଲେ।

## ସିକେ ନାଇଡୁ ଟ୍ରଫି

# ଆୟୁଷଙ୍କୁ ୮ ୱିକେଟ; ଓଡ଼ିଶାର ଦୃଢ଼ ଜବାବ

କଟକ,୧୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫିର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଘରୋଇ ହାଇଦ୍ରାବାଦ୍ ଦଳକୁ କଡା ଜବାବ ଦେଇଛି ଭ୍ରମଣକାରୀ ଓଡ଼ିଶା ଦଳ। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି ମ୍ୟାଚ୍ ଜାରି ରହିଛି। ଓଡ଼ିଶାର ପ୍ରଥମ ପାଳି ୧୫୯ରନରେ ସୀମିତ ରହିବା ପରେ ହାଇଦ୍ରାବାଦ୍ ୧୯୫ରନରେ ଅଲଆଉଟ ହୋଇଛି। ଓଡ଼ିଶାର ଆୟୁଷ ବାରିକ ୪୫ରନ ବିନିମୟରେ ୮ଟି ୱିକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ ବିନିମୟରେ ୧୮୧ରନ କରିଛି।





ଗୁରୁବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଥିଲେ। ଓଡ଼ିଶାର ବାମହାତୀ ସ୍ପିନର ଆୟୁଷ ପ୍ରଥମ ଦିବସରେ ୨ଟି ୱିକେଟ ଦଖଲ କରିଥିଲେ। ଆଜି କ୍ରମାଗତ ଭାବେ ଆୟୁଷ ୱିକେଟ ଅକ୍ତିଆର କରି ଅପ୍ରତ୍ୟାଶିତ ଭାବେ ହାଇଦ୍ରାବାଦକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଅମନ ୯୦ରନରେ ଆୟୁଷଙ୍କ ଶିକାର ହୋଇଥିଲେ। ୩୭ରନରେ ଦଳ ଶେଷ ୫ ୱିକେଟ ହରାଇଥିଲା। ୨ ୱିକେଟ ବିନିମୟରେ ୧୮୧ରନ ସଂଗ୍ରହ କରିଥିବା ଓଡ଼ିଶା ୧୪୫ରନର ଅଗ୍ରଣୀ ହାସଲ କରିଛି। ଓମ ଟି ମୁଣ୍ଡେ ୯୮ ରନ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧୭ ରନରେ ଅପରାଜିତ ଅଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ଏବଂ ଓପନର ପାନକଲ ଶଶାଙ୍କ ଯଥାକ୍ରମେ ୨୬ରନ ଏବଂ ୩୫ରନରେ ଆଉଟ ହୋଇଛନ୍ତି। ଖେଳ ଆଉ ଦୁଇ ଦିନ ବାକି ଥିବା ଯୋଗୁଁ ମ୍ୟାଚ୍‌ର ଫଳାଫଳ ନିଶ୍ଚିତ ବୋଲି ଅନୁମାନ କରାଯାଉଛି।

## ବରିଷ୍ଠ ମହିଳା ଟି-୨୦

# ତ୍ରିପୁରାକୁ ହରାଇଲା ଓଡ଼ିଶା

କଟକ,୧୭।୧୦(ସମିସ): ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ବରିଷ୍ଠ ମହିଳା ଟି-୨୦ ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ୯ ୱିକେଟରେ ତ୍ରିପୁରାକୁ ହରାଇଛି। କ୍ରମାଗତ ୫ଟି ମ୍ୟାଚ୍‌ରେ ପରାଜୟ ପରେ ଦଳର ଏହା ପ୍ରଥମ ବିଜୟ। ଆସନ୍ତା ୧୯ରେ ହରିୟାଣା ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୯୭ରନରେ ଅଲଆଉଟ ହୋଇଥିଲା। ଇନ୍ଦ୍ର ରାଣୀ ଜମାତିଆ ସର୍ବାଧିକ ୩୦ରନ କରିଥିଲେ। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ୱିକେଟ ପାଇଥିଲେ। ମାଧୁରୀ ମେହଟା(୪୦ରନ) ଓ ସରିତା ମେହର(୪୭ରନ) ଅପରାଜିତ ପାଳି ଖେଳି ଓଡ଼ିଶାକୁ ସହଜ ବିଜୟ ପ୍ରଦାନ କରିଛନ୍ତି।

# ବିନୁ ମଙ୍କଡ଼ ଟ୍ରଫି: ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା

କଟକ, ୧୭।୧୦ (ସମିସ): ୧୯ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ହରିୟାଣାର ସେହବାଗ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଶେଷ ଲିଗ୍‌ରେ ଦଳ ୬ ୱିକେଟରେ ବରୋଦାକୁ ହରାଇଛି। ପ୍ରଥମ ଲିଗ୍‌ରେ ପରାଜୟ ସତ୍ତ୍ୱେ କ୍ରମାଗତ ୪ଟି ବିଜୟ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ



ରହିଛି। ଆସନ୍ତା ୨୫ ତାରିଖରେ ପ୍ରିକ୍ୱାର୍ଟର ମୁକାବିଲାରେ ଓଡ଼ିଶା ତାମିଲନାଡୁକୁ ଭେଟିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ୧୦୭ରନରେ ଅଲଆଉଟ ହୋଇଥିଲା। ହେଟ୍ ଜି ପଟେଲ ସର୍ବାଧିକ ୩୪ରନ କରିଥିବା ବେଳେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ଏବଂ ରୁଦ୍ର ପ୍ରସାଦ ମଲ୍ଲିକ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରୟାନ ପ୍ରନ୍ତିକ ସାମଲଙ୍କ ୩୪ରନ ଏବଂ ବିଶ୍ୱଜିତ ପ୍ରଧାନଙ୍କ ଅପରାଜିତ ୨୭ରନ ବଳରେ ଓଡ଼ିଶା ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।




| PRODUCTS | EX-SHOWROOM PRICE | GST BENEFITS |
|---|---|---|
| DESTINI PRIME | ~~₹80 904~~ ₹74 580# | ₹6 324 |
| PLEASURE+ | ~~₹76 773~~ ₹70 772# | ₹6 001 |

Book now for assured delivery on Dhanteras

+ INSTANT DISCOUNT UP TO ₹10 000^ HDFC BANK CREDIT CARDS FESTIVE TREATS Powered by pine labs
+ PER DAY EMI STARTING FROM ₹79$ | DOWN PAYMENT STARTING FROM ₹1 999$ | EXCLUSIVE CORPORATE OFFERS UP TO ₹2 200~

INDIA'S FIRST 5 YEAR WARRANTY* *Conditions apply

Hero GoodLife Stand a chance to win 100% Cashback | 24 Carat Gold Coin and many more assured benefits*

Additional offers on: Flipkart amazon.in

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Xtreme 125R x Pleasure+ in Bhubaneswar.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS